ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.24 . No.244 Bhubaneswar Wednesday, November 17, 2021 | ୨୪ତମ ବର୍ଷ ସଂଖ୍ୟା-୨୪୪ ଭୁବନେଶ୍ୱର, ବୁଧବାର, ନଭେମ୍ବର ୧୭, ୨୦୨୧ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) Member-INS

## ଉଗାଣ୍ଡାରେ ସିରିଏଲ୍ ବିସ୍ଫୋରଣ, ପ୍ରମୋଦଙ୍କ ସମେତ ସବୁ ଖେଳାଳି ସୁରକ୍ଷିତ



ନୂଆଦିଲ୍ଲୀ, ୧୬।୧୧(ପି.ଏନ): ସିରିଏଲ ବ୍ଲାଷ୍ଟରେ ଥରିଲା ଆଫ୍ରିକୀୟ ଦେଶ ଉଗାଣ୍ଡା। ଉଗାଣ୍ଡାର ରାଜଧାନୀ କାପାଲା ସହରର ସଂସଦ ଭବନ ନିକଟରେ ଘଟିଥିବା ଏହି ବିସ୍ଫୋରଣରେ ଦୁଇ ଜଣଙ୍କର ମୃତ୍ୟୁ ଘଟିଛି। ତେବେ ବଡ କଥା ହେଉଛି ଯେଉଁ ସ୍ଥାନରେ ବିସ୍ଫୋରଣ ହେଲା, ସେଠାରୁ ୧୦୦ରୁ ୨୦୦ ମିଟର୍ ଭିତରେ ଭାରତୀୟ ପାରା ବ୍ୟାଡମିଣ୍ଟନ ଟିମ୍ ରହୁଛି। ତେବେ ବିସ୍ଫୋରଣର ଭାରତୀୟ ଟିମ୍ ?କୁ କୌଣସି କ୍ଷତି ହୋଇନାହିଁ। ଭାରତୀୟ ପାରା ବ୍ୟାଡମିଣ୍ଟନ୍ ଟିମ୍ ଉଗାଣ୍ଡାରେ ପାରା ବ୍ୟାଡମିଣ୍ଟନ ଇଣ୍ଟରନ୍ୟାଶନାଲ୍-୨୦୨୧ରେ ଭାଗ ନେବା ପାଇଁ ଦୁଇଦିନ ତଳେ ଉଗାଣ୍ଡାରେ ପହଞ୍ଚିଥିଲା। ଏହି ଟିମରେ ଟୋକିଓ ପାରାଲିମ୍ପିକ୍ସରେ ପଦକ ଜିତିଥିବା ଖେଳାଳି ପ୍ରମୋଦ ଭଗତ, ମନୋଜ ସରକାର ଓ ବାକି ଖେଳାଳି ସାମିଲ ଅଛନ୍ତି। ତେବେ ଏହି ଟୁର୍ଣ୍ଣାମେଣ୍ଟରେ ଭାଗ ନେଉଥିବା ଓଡିଶାର ତିନି ଖେଳାଳି ସୁରକ୍ଷିତ ଥିବା ଜଣାପଡିଛି। ଏହାଛଡା ସମସ୍ତ ଭାରତୀୟ ଖେଳାଳିମାନେ ମଧ୍ୟ ସୁରକ୍ଷିତ ଅଛନ୍ତି। ନିକଟରେ 'ଖେଳ ରତ୍ନ' ପୁରସ୍କାର ପାଇଥିବା ପାରାଲିମ୍ପିଆନ୍ ପ୍ରମୋଦଙ୍କ ସମେତ ଦୁଇ ଓଡିଆ ଖେଳାଳି ଭାବେ ଦୀପରଞ୍ଜନ ବିଶୋଇ ଓ ଜି ଦିଲେଶ୍ୱର୍ ରାଓ ଭାଗ ନେଇଛନ୍ତି। ଏମାନେ ସମସ୍ତେ ସୁରକ୍ଷିତ ଅଛନ୍ତି ଏବଂ ଟୁର୍ଣ୍ଣାମେଣ୍ଟ ମଧ୍ୟ ନିର୍ଦ୍ଧାରିତ ସମୟାନୁସାରେ ଜାରି ରହିଛି। ଭାରତୀୟ ପାରା ବ୍ୟାଡମିଣ୍ଟନ ଦଳ Holiday Express Hotelରେ ରହୁଛନ୍ତି। କିଛି ଖେଳାଳି ଷ୍ଟାଡିୟମରେ ମ୍ୟାଚ୍ ଖେଳିବାକୁ ଯାଇଥିଲା ବେଳେ ଉଗାଣ୍ଡାରେ ସକାଳ ପ୍ରାୟ ୧୦.୩୦ରେ ହୋଟେଲ ଠାରୁ ୨୦୦ ମିଟର ଦୂରରେ ସିରିଏଲ୍ ବୋମା ମାଡ ହୋଇଥିଲା।

## ଟିକାକରଣରେ ଜାତୀୟ ହାରଠୁ ଆଗରେ ଓଡିଶା

ଭୁବନେଶ୍ୱର,୧୬।୧୧(ପି.ଏନ): ଓଡ଼ିଶା କୋଭିଡ୍ ଟିକାକରଣରେ ମାଇଲଖୁଂଟ ଅତିକ୍ରମ କରିଛି।ଏବେ ସୁଦ୍ଧା ଓଡ଼ିଶାରେ ୪ କୋଟି ୩ ଲକ୍ଷ ଟିକାକରଣ ହୋଇଛି। ଟିକାକରଣରେ ଓଡିଶା ଜାତୀୟ ହାର ଠାରୁ ମଧ୍ୟ ଆଗରେ ଅଛି। ପ୍ରଥମ ଡୋଜ୍ ଦେବାରେ ଜାତୀୟ ହାର ୭୯.୮% ରହିଥିବା ବେଳେ ରାଜ୍ୟରେ ଏହା ୮୨.୪% । ସେହିପରି ଦ୍ୱିତୀୟ ଡୋଜ୍ ଦେବାରେ ଜାତୀୟ ହାର ୩୮.୪% ରହିଥିବା ବେଳେ ରାଜ୍ୟ ହାର ୪୧.୫% ରହିଛି।ଏହା ବ୍ୟତୀତ ଟିକା ନଷ୍ଟ ହାର ମାଇନସ୍ ୫.୩ ପ୍ରତିଶତ ରହିଥିବା ରାଜ୍ୟ ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି ।କୋଭିଡ୍ ଟିକାକରଣକୁ ନେଇ ମଙ୍ଗଳବାର ଦିନ ଲୋକସେବା ଭବନ ଠାରେ ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ରଙ୍କ ଅଧକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଦିଆଯାଇଥିବା ସୂଚନା ଅନୁଯାୟୀ ରାଜ୍ୟରେ ଏପର୍ଯ୍ୟନ୍ତ ୨କୋଟି ୬୮ ଲକ୍ଷ ୪ହଜାର୭୫୫ ଲୋକଙ୍କୁ ପ୍ରଥମ ଡୋଜ୍ ଦିଆଯାଇଛି। ୧ କୋଟି ୩୪ ଲକ୍ଷ ୯୬ହଜାର ୫୯ ଜଣ ଲୋକ ଦ୍ୱିତୀୟ ଡୋଜ୍ ଟିକା ନେଇଛନ୍ତି । ଟିକାକରଣର ଜାତୀୟ ହାର ଅପେକ୍ଷା ରାଜ୍ୟ ହାର ଅଧିକ ରହିଛି । ଏହି ସୂଚନା ମିଳିଛି ।

## Accommodation Wanted

Required independent single /double / Triple Storeyed building for Office purpose. IRC Village, NAYAPALLI Location is Prefered Intrested House Owner can contact on the following Number 9437588705 (Mob) Or Email house details, contact number etc on pabitrasamantry@gmail.com

## APPOINTMENT

THE KALINGA CHRONICLE
Popular people's Daily of Odisha
ପର୍ଯ୍ୟବେକ୍ଷକ
PARYABEKHYAK
Visit at:- www.pabitramohansamantaray.in

**Paryabekhyak and The Kalinga Chronicle Group need**

1. **DTP Operator & Layout designer** (English and Odiya)
   2-5 years experience in **Photoshop** and **Coreldraw**
2. **Accountant**
   B. Com. with knowledge in latest Tally version
3. **Advertisement Executive**
   2-5 years experience in Sale, Advertisement and Space Marketing
4. **Reporters** in Block, Sub-division & District level
   Minimum Graduate with 2-5 years experiences in fieled reporting
   (Diploma/Degree in Journalism preferred)

Send your bio-data within 15 days on email id:
**paryabekhyak@gmail.com**
**kalingachronicle@gmail.com**
**Whatsapp on: 9853400829**
**Visit at : www.paryabekhyak.com**
**www.thekalingachronicle.com**

**Paryabekhyak Odisha & Kalinga Chronicle TV**

1. **Visual Editor**
   2 to 5 years experience (Premier and FCP)
2. **Word Press**
   Developer-cum-Social Media Manager
   2 to 5 years experience in Managing Odia and English News Website, You tube and Social Media Platform
3. **Business Development Manager** (Sales & Marketing)
   3 to 5 years experience
4. **Bulletin Producer**
   3 to 5 years experience
5. **News Reader/ Content writer/ Anchor**
6. **Reporters at Panchyat/City** (NAC & Muncipality) / Block/ Tahasil / Sub-Division/ District Level)
   2 to 3 years experience in field Reporting
   Diploma/Degree in Digital and Broadcast Journalism Prefered

Mail your resume on
**Paryabekhyak Odisha@gmail.com**
**Kalinga Chronicle TV@gmail.com**
**Whatsapp on: 9437588705**
**Visit at :www.paryabekhyakodisha.in**
**www.kalingachronicletv.in**

## ୨୧ ପର୍ଯ୍ୟନ୍ତ ୬ ଘଂଟା ପାଇଁ ବନ୍ଦ ରହିବ ରେଳବାଇ ଯାତ୍ରୀ ସଂରକ୍ଷଣ ପ୍ରଣାଳୀ

ଭୁବନେଶ୍ୱର,୧୬।୧୧(ପି.ଏନ): ଯାତ୍ରୀ ସେବାକୁ ସ୍ୱାଭାବିକ କରିବା ଏବଂ କୋଭିଡ୍ ପୂର୍ବ ସେବାକୁ ପର୍ଯ୍ୟାୟକ୍ରମେ ଫେରାଇବା ପାଇଁ ରେଳବାଇର ଯାତ୍ରୀ ସଂରକ୍ଷଣ ବ୍ୟବସ୍ଥା (ପିଆରଏସ୍) ର ବ୍ୟବସାୟ ସମୟ ମଧ୍ୟରେ ପ୍ରତ୍ୟହ ଛଅ ଘଂଟା ପାଇଁ ସାତ ଦିନ ପର୍ଯ୍ୟନ୍ତ ବନ୍ଦ ରଖାଯିବ । ନଭେମ୍ବର ୧୪ ଏବଂ ୧୫ ନଭେମ୍ବରର ମଧ୍ୟବର୍ତୀ ରାତିରୁ ୨୦ ଏବଂ ୨୧ ନଭେମ୍ବର ରାତି ୧୧ଘ.୩୦ମି.ରୁ ଆରମ୍ଭ ହୋଇ ଭୋର ୦୫ଘ.୩୦ମି. ମଧ୍ୟରେ ଛଅ ଘଂଟା ପାଇଁ ଏହି ସେବା ବନ୍ଦ ରହିବ । ଏହି ସମୟ ମଧ୍ୟରେ କୌଣସି ଯାତ୍ରୀ ସଂରକ୍ଷଣ ପ୍ରଣାଳୀ ସେବା (ଟିକେଟ୍ ସଂରକ୍ଷଣ, ସାମ୍ପ୍ରତିକ ବୁକିଂ, ବାତିଲ୍, ଅନୁସନ୍ଧାନ ସେବା ଇତ୍ୟାଦି) ଉପଲବ୍ଧ ହେବ ନାହିଁ। ପ୍ରଭାବିତ ସମୟ ମଧ୍ୟରେ ରେଳ କର୍ମଚାରୀମାନେ ଟ୍ରେନ୍ ଆରମ୍ଭ କରିବା ପାଇଁ ଅଗ୍ରୀମ ଚାର୍ଟିଂ ନିଶ୍ଚିତ କରିବେ। ଯାତ୍ରୀ ସଂରକ୍ଷଣ ପ୍ରଣାଳୀ ସେବା ବ୍ୟତୀତ, ୧୩୯ ସେବା ସହିତ ଅନ୍ୟ ସମସ୍ତ ଅନୁସନ୍ଧାନ ସେବା ନିରବଚ୍ଛିନ୍ନ ଭାବରେ ଜାରି ରହିବ। ଏହା ଯାତ୍ରୀ ସଂରକ୍ଷଣ ବ୍ୟବସ୍ଥା ତଥ୍ୟର ଅପଗ୍ରେଡେସନ୍ ଏବଂ ନୂତନ ଟ୍ରେନ୍ ନମ୍ବରର ଅପଡେଟ୍ ଇତ୍ୟାଦି ସଠିକ କରାଯିବ । ଯେହେତୁ ସମସ୍ତ ନିୟମିତ ମେଲ୍ / ଏକ୍ସପ୍ରେସ ଟ୍ରେନ ସହିତ ବହୁତ ଗୁଡିଏ ପୁରୁଣା ଟ୍ରେନ୍ ନମ୍ବର ଓ ବିଶେଷ ଟ୍ରେନ ଇତ୍ୟାଦିକୁ ସଂଯୋଗ କରାଇବା ଏବଂ ବର୍ତମାନର ଯାତ୍ରୀ ବୁକିଂ ଡାଟା ଅପଡେଟ୍ କରାଇବା କାର୍ଯ୍ୟ ଯାତ୍ରୀ ସଂରକ୍ଷଣ ବ୍ୟବସ୍ଥାରେ ପର୍ଯ୍ୟାୟ କ୍ରମେ ସମ୍ପାଦନ କରିବାର ଯୋଜନା କରାଯାଇଛି ସେଠି ପାଇଁ ଟିକେଟ୍ ବୁକିଂ ସେବାଗୁଡିକର ପ୍ରଭାବକୁ ନିର୍ଭୁଲ କରିବା ପାଇଁ ଯନ୍ତ୍ର ସହିତ କ୍ରମାଙ୍କନ କରିବା ଇତ୍ୟାଦିକୁ ରାତି ସମୟରେ କାର୍ଯ୍ୟକାରୀ କରାଯାଏ ।ବର୍ତମାନ ଟ୍ରେନ୍ ନମ୍ବର ଜିରୋ (ଶୂନ) ସହିତ ଆରମ୍ଭ ହେବ ନାହିଁ ଯାହାକି ବିଶେଷ ଟ୍ରେନ ମାନଙ୍କ ମୂଳ ନମ୍ବରରୁ ଆରମ୍ଭ କରାଯାଉଥିଲା ।

## ଗୋଟିଏ ଦିନରେ ୨୦୬ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୨୧।୧୧(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୨୦୬ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୦୪୫୮୬୨ କୁ ବୃଦ୍ଧି ପାଇଛି। ସେହିପରି ୧୮ ବର୍ଷରୁ କମ ୩୨ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୦ ଲକ୍ଷ ୩୪ ହଜାର ୭୫୯ ହୋଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୨୬୬୯ ରହିଛି । ଆଜି ଚିହ୍ନଟ ହୋଇଥିବା ୨୦୬ ଜଣଙ୍କ ମଧ୍ୟରୁ ୧୨୧ ଜଣ ସଂଗରୋଧରୁ ହୋଇଥିବା ବେଳେ ୮୫ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୧୫ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧାରୁ ସବୁଠାରୁ ଅଧିକ ୧୨୦ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି ।ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ବାଲେଶ୍ୱରରୁ ୩ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବରଗଡ଼ରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ଭଦ୍ରକରୁ ୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବଲାଙ୍ଗୀରରୁ ଓ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ବୌଦ୍ଧ ଜିଲ୍ଲାରୁ ୨ଜଣ କଟକରୁ ୧୫ ସଂକ୍ରମିତ ହୋଇଥିବା ବେଳେ ଦେବଗଡ ଜିଲ୍ଲାରେ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ଢେଙ୍କାନାଳ ଜିଲ୍ଲାରେ ୧ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଗଜପତି ଜିଲ୍ଲାରେ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ଗଂଜାମ ଜିଲ୍ଲାରେ ୩, ଜଗତସିଂହପୁର ଜିଲ୍ଲାରୁ ୪ ଜଣ, ଯାଜପୁରରୁ ୧୨ ଜଣ ସଂକ୍ରମିତ ହୋଇଥିବା ବେଳେ , ଝାରସୁଗୁଡ଼ା ଜିଲ୍ଲାରୁ ୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । । କଳାହାଣ୍ଡି ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି। କନ୍ଧମାଳ ଜିଲ୍ଲାରୁ ଜଣେ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ କେନ୍ଦ୍ରାପଡ଼ାରୁ ୨ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ କେନ୍ଦୁଝରରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି ।ଖୋର୍ଦ୍ଧାରୁ ୧୨୦ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ କୋରାପୁଟରୁ ଓ ମାଲକାନଗିରି ଜିଲ୍ଲାରୁ ଜଣେ ହେଲେ ଚିହ୍ନଟ ହୋଇ ନାହାନ୍ତି। ମୟୂରଭଞ୍ଜ, ନବରଙ୍ଗପୁର, ନୟାଗଡ ନୂଆପଡା, ପୁରୀ, ରାୟଗଡ଼ା ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ସମ୍ବଲପୁରରୁ ୩ ଜଣ ଚିହ୍ନଟ ହୋଇଥିବା ବେଳେ ସୋନପୁର ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ସୁନ୍ଦରଗଡ଼ରୁ ୩ ଜଣ ଓ ଷ୍ଟେଟ୍ ପୁଲରୁ ୨୭ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

## ଛାତ୍ର କଂଗ୍ରେସ ପକ୍ଷରୁ ନବୀନ ନିବାସ , ଡିଜି ପୋଲିସ୍ କ୍ୟାମ୍ପ ଅଫିସ ଘେରାଉ

ଭୁବନେଶ୍ୱର,୧୬।୧୧(ପି.ଏନ): ସ୍କୁଲ ଶିକ୍ଷୟିତ୍ରୀ ମମିତା ମେହେର ହତ୍ୟା ଘଟଣାରେ ଗୃହ ରାଷ୍ଟ୍ର ମନ୍ତ୍ରୀ କ୍ୟାପଟେନ୍ ଦିବ୍ୟ ଶଙ୍କର ମିଶ୍ରଙ୍କ ବହିଷ୍କାର ଓ ଗିରଫ ଦାବି କରି ଛାତ୍ର କଂଗ୍ରେସ ପକ୍ଷରୁ ନବୀନ ନିବାସ ଓ ଡିଜିଙ୍କ ଭୁବନେଶ୍ୱର କ୍ୟାମ୍ପ ଅଫିସ୍ ଘେରାଉ କରାଯାଇଛି । ଘେରାଉ ଉଦ୍ୟମ ବେଳେ ପୋଲିସ୍ ଧସ୍ତାଧସ୍ତି ହୋଇଥିଲା। ଏହି ସମୟରେ ଆନ୍ଦୋଳନକାରୀମାନେ ପୋଲିସ୍ ଉପରକୁ ଟମାଟ ଫିଙ୍ଗିବାର ଦେଖିବାକୁ ମିଳିଥିଲା। ମଙ୍ଗଳବାର ଦିନ ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜଙ୍କ ନେତୃତ୍ୱରେ ଏକକାଳୀନ ନବୀନ ନିବାସ ଏବଂ ଡିଜି ପୋଲିସ କ୍ୟାମ୍ପ ଅଫିସ୍ ଘେରାଉ କରାଯାଇଥିଲା। ଛାତ୍ର କଂଗ୍ରେସର କର୍ମୀମାନଙ୍କର ଗୋଟିଏ ଭାଗ ମନ୍ତ୍ରୀ ଦିବ୍ୟଶଙ୍କରଙ୍କ ବହିଷ୍କାର ଓ ଗିରଫ ଦାବିରେ ନବୀନ ନିବାସ ଆଡ଼କୁ ଅଗ୍ରସର ହୋଇଥିଲା ବେଳେ ଅନ୍ୟ ଗୋଟିଏ ଭାଗ ଡିଜି ପୋଲିସ୍ କ୍ୟାମ୍ପ ଅଫିସ ସମ୍ମୁଖରେ ବିକ୍ଷୋଭ କରିଥିଲେ। ନବୀନ ନିବାସକୁ ଆଡ଼କୁ ଅଗ୍ରସର ହେଉଥିବା ଛାତ୍ର କଂଗ୍ରେସ ସଭାପତି ଶ୍ରୀ ନୱାଜ ଓ ଅନ୍ୟ ଛାତ୍ର ମାନଙ୍କ ସହ ସେଠାରେ କାର୍ଯ୍ୟରତ ପୋଲିସଙ୍କର ଧସ୍ତାଧସ୍ତି ହୋଇଥିଲା ଏବଂ ସେଠାରେ ଶତାଧିକ ଛାତ୍ରକଂଗ୍ରେସ କର୍ମୀ ଗିରଫ ହୋଇଥିଲେ। ସେହିପରି ହଜାର ହଜାର ଛାତ୍ର କଂଗ୍ରେସ କର୍ମୀ ତିନି ଘଂଟା ଧରି ଡିଜି ଅଫିସକୁ ଘେରାଉ କରିଥିଲେ। ଏହାପରେ ଛାତ୍ର କଂଗ୍ରେସର ଏକ କମିଟି ଦାବି ପତ୍ର ଡିଜି ଅଫିସରେ ପୋଲିସ କମିଶନରଙ୍କୁ ପ୍ରଦାନ କରିଥିଲେ। ବରଗଡ଼ ସମେତ ବିଭିନ୍ନ ଜିଲ୍ଲାରେ ମମିତା ମେହେର ହତ୍ୟା ପ୍ରସଙ୍ଗରେ ବିକ୍ଷୋଭକାରୀ ଛାତ୍ର କଂଗ୍ରେସ ଓ କଂଗ୍ରେସ କର୍ମୀଙ୍କ ଉପରେ ଆକ୍ରମଣ କରିଥିବା ବିଜେଡ଼ି ଗୁଣ୍ଡାଙ୍କୁ ଗିରଫ କରିବା। ବରଗଡ଼ ଠାରେ ମନ୍ତ୍ରୀଙ୍କ ପିଏସଓ ଆନ୍ଦୋଳନକାରୀ ଛାତ୍ର କଂଗ୍ରେସ କର୍ମୀଙ୍କୁ ବନ୍ଧୁକ ଦେଖାଇ ଆକ୍ରମଣ କରିବାକୁ ପ୍ରସ୍ତୁତଥିଲେ। ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ। ଆକ୍ରମଣ କରିବାକୁ ସୁଯୋଗ ଦେଉଥିବା ପୋଲିସ ଅଫିସର ଏବଂ ଏସ୍‌ପିଙ୍କ ଉପରେ କାର୍ଯ୍ୟାନୁଷ୍ଠାନ। ବିଶେଷକରି ବରଗଡ଼ ପୋଲିସ ଅଫିସର ଏବଂ ଏସ୍‌ପି ଯେଉଁମାନେକି ଛାତ୍ର କଂଗ୍ରେସ ଓ କଂଗ୍ରେସ କର୍ମୀଙ୍କ ଉପରେ ବିଜେଡ଼ି ଗୁଣ୍ଡାଙ୍କ ଆକ୍ରମଣ ପାଇଁ ଷଡ଼ଯନ୍ତ୍ର କରିଥିଲେ ସେମାନଙ୍କ ଉପରେ ବିହୀତ କାର୍ଯ୍ୟାନୁଷ୍ଠାନ। ମମିତା ମେହେର ହତ୍ୟାକାରୀ ଗୃହରାଷ୍ଟ୍ରମନ୍ତ୍ରୀଙ୍କ ବହିଷ୍କାର ଓ ଗିରଫ ଦାବିରେ ଆନ୍ଦୋଳନ କରୁଥିବା ଛାତ୍ର କଂଗ୍ରେସ / କଂଗ୍ରେସ କର୍ମୀଙ୍କ ଉପରେ ପୋଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ବନ୍ଦ କରିବାକୁ ଛାତ୍ର କଂଗ୍ରେସ ଦାବି କରିଛି। ଏହି କାର୍ଯ୍ୟକ୍ରମରେ ସୁରେଶ କୁମାର ରାଉତରାୟ, ରଜତ ଚୌଧୁରୀ, ସତ୍ୟପ୍ରକାଶ ନାୟକ, ବିଶ୍ୱଜିତ ଦାଶ, ପ୍ରକାଶ ମିଶ୍ର, ସଂକୁନା କହଁର, ଅଜୟ ସାହୁ, ମନୋଜ ବିଶ୍ୱାଳ, ସୁବ୍ରତ ମହାପାତ୍ର, ନିହାର ବେହେରା, ସୁବାସ ପ୍ରଧାନ, କିରଣ ସାହୁ, ସୁଲଭ ମହାପାତ୍ର, ପୃଥୀରାଜ ସ୍ୱାଇଁ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ଭୁବନେଶ୍ୱରରୁ ୮୨ ପଜିଟିଭ୍

ଭୁବନେଶ୍ୱର, ୧୬।୧୧(ପି.ଏନ): ଭୁବନେଶ୍ୱର ମହାନଗର ନିଗମ (ବିଏମସି) ଅଂଚଳରୁ ମଙ୍ଗଳବାର ଦିନ ଆଉ ୮୨ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨୮ ଜଣ କ୍ୱାରେଂଟାଇନ୍ ରୁ ଚିହ୍ନଟ ହୋଇଥିବା ବେଳେ ୫୪ ଜଣ ଲୋକାଲ ମାମଲା ରହିଛନ୍ତି। ସେହିପରି ଗତ ୨୪ ଘଂଟାରେ ଆଉ ୧୬୭ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ବିଏମସି ପକ୍ଷରୁ ଟୁଇଟ୍ କରି ଏହି ସୂଚନା ଦିଆଯାଇଛି। ଏଥିସହ ଭୁବନେଶ୍ୱରରେ ମୋଟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୧୨୦୦୭୬ରେ ପହଂଚିଛି। ସେମାନଙ୍କ ମଧ୍ୟରୁ ୧୧୭୪୩୧ ଜଣ ସୁସ୍ଥ ହୋଇଥିବା ବେଳେ ୧୫୫୩ ସକ୍ରିୟ ମାମଲା ରହିଛି। ସେହିପରି ମୃତକଙ୍କ ସଂଖ୍ୟା ୧୦୭୧ ରହିଛି।

## ୬୭୯୪ ଗ୍ରାମ ପଂଚାୟତ ଓ ୯୧୯୧୬ଟି ୱାର୍ଡରେ ହେବ ଭୋଟ ଗ୍ରହଣ

ଭୁବନେଶ୍ୱର, ୧୬।୧୧(ପି.ଏନ): ଆସନ୍ତା ତ୍ରୀସ୍ତରୀୟ ପଂଚାୟତ ନିର୍ବାଚନ-୨୦୨୨ରେ ୬୭୯୪ ଗୋଟି ଗ୍ରାମ ପଂଚାୟତ ତଥା ଏଥିମଧ୍ୟରେ ଅନ୍ତର୍ଭୁକ୍ତ ୯୧୯୧୬ଟି ୱାର୍ଡ ଲାଗି ଭୋଟ ଗ୍ରହଣ ହେବ । ଗତ ୨୦୧୭ ପଂଚାୟତ ନିର୍ବାଚନରେ ୬୮୦୧ ଗ୍ରାମ ପଂଚାୟତ ଲାଗି ଭୋଟ ଗ୍ରହଣ ହୋଇଥିବା ବେଳେ ଆସନ୍ତା ୨୦୨୨ ନିର୍ବାଚନରେ ଏହି ସଂଖ୍ୟା ୭ଟି ହ୍ରାସ ପାଇ ୬୭୯୪ ରହିଛି। ଏଥିମଧ୍ୟରୁ ବାଲେଶ୍ୱର ଜିଲ୍ଲା ରେମୁଣା ବ୍ଲକ୍ ରେଥିବା ଶ୍ରୀକୃଷ୍ଣପୁର,ରେମୁଣା, ଗଣିପୁର ଏବଂ ଗଣେଶ୍ୱରପୁର ଆଦି ୪ଟି ଗ୍ରାମ ପଂଚାୟତ ରେମୁଣା ଏନ୍ଏସିରେ ଅନ୍ତର୍ଭୁକ୍ତ ହୋଇଥିବାରୁ ଏହାକୁ ଗ୍ରାମ ପଂଚାୟତ ତାଲିକାରୁ ବାଦ୍ ଦିଆଯାଇଛି। ସେହିପରି ନୟାଗଡ଼ ଜିଲ୍ଲାର ଓଡ଼ଗାଁ ଓ ଦଲକ ଗ୍ରାମପଂଚାୟତ, ଓଡ଼ଗାଁ ଏନ୍.ଏ.ସି.ରେ ଅନ୍ତର୍ଭୁକ୍ତ ହୋଇଥିବାରୁ ନୟାଗଡ଼ ଜିଲ୍ଲାର ଏହି ୨ ଗ୍ରାମପଂଚାୟତକୁ ତାଲିକାରୁ ବାଦ୍ ଦିଆଯାଇଛି। ବରଗଡ଼ ଜିଲ୍ଲାର ବିଜେପୁର ଗ୍ରାମ ପଂଚାୟତ, ବିଜେପୁର ଏନ୍.ଏ.ସି.ରେ ଅନ୍ତର୍ଭୁକ୍ତ ହୋଇଥିବାରୁ ଏହାକୁ ମଧ୍ୟ ଗ୍ରାମ ପଂଚାୟତ ତାଲିକାରୁ ବାଦ୍ ଦିଆଯାଇଛି। ଆସନ୍ତା ୨୦୨୨ ନିର୍ବାଚନ ଲାଗି ୱାର୍ଡ ସଂଖ୍ୟା ମଧ୍ୟ ହ୍ରାସ ପାଇ ୯୧୯୧୬ ରହିଛି। ଗତ ୨୦୧୭ ପଂଚାୟତ ନିର୍ବାଚନରେ ୱାର୍ଡ ସଂଖ୍ୟା ୯୨୦୨୭ ରହିଥିବା ବେଳେଏନ୍.ଏ.ସି, ମ୍ୟୁନିସିପାଲିଟି ଓ ମ୍ୟୁନିସିପାଲ କର୍ପୋରେସନ ପୁନର୍ଗଠନ ପାଇଁ ୧୧୧ ୱାର୍ଡ ହ୍ରାସ ପାଇଛି। ଏଥିମଧ୍ୟରେ ରେମୁଣା ଏନ୍ଏସିରେ ୮ଟି ଗ୍ରାମ ପଂଚାୟତର ୫୭ଟି ୱାର୍ଡ ଅନ୍ତର୍ଭୁକ୍ତ ହୋଇଥିବାରୁ ଏହି ୱାର୍ଡ ସବୁ ତାଲିକାରୁ ବାଦ ପଡ଼ିଛି। ସେହିପରି ୩୨ଟି ୱାର୍ଡ ଓଡ଼ଗାଁ ଏନ୍.ଏ.ସି.ରେ ଅନ୍ତର୍ଭୁକ୍ତ ହୋଇ ପଂଚାୟତ ୱାର୍ଡ ତାଲିକାରୁ ବାଦ୍ ପଡ଼ିଛି। ସେହିପରି ବିଜେପୁର ଏନ୍.ଏ.ସି.ରେ ୧୯ଟି ୱାର୍ଡ ଏବଂ ହିଞ୍ଜିଳିକାଟୁ ମ୍ୟୁନିସିପାଲିଟିରେ ୨ଟି ଅନ୍ତର୍ଭୁକ୍ତ ହୋଇ ଗ୍ରାମପଂଚାୟତ ୱାର୍ଡତାଲିକାରୁ ବାଦ୍ ପଡ଼ିଛି । ଭୁବନେଶ୍ୱର ବ୍ଲକ୍ ଅନ୍ତର୍ଗତ କଳାରାହଙ୍ଗ ଗ୍ରାମ ପଂଚାୟତର ଉଚ୍ଛେଦ ଏବଂ ନୂଆ ଇଞ୍ଜାଣ ଗ୍ରାମପଂଚାୟତ ଗଠନ ଯୋଗୁଁ ଏଠାରୁ ମଧ୍ୟ ଗୋଟିଏ ୱାର୍ଡ ହ୍ରାସ ପାଇଛି ।








# ଟି ଟାଇମ୍

## ଜୋକ୍ସ



ଚିଣ୍ଟୁ-ବାପା କାଲି ଆମ ସ୍କୁଲକୁ ଯିବ, ଗୋଟେ ଛୋଟିଆ ଗେଟ ଟୁଗେଦର ଅଛି
ବାପା-କିଏ କିଏ ଆସୁଛନ୍ତି ?
ଚିଣ୍ଟୁ-କେହି ନୁହେଁ, ମୁଁ ତମେ ଆଉ ପ୍ରିନ୍ସପାଲ।

# ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଋଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଋଲିଗଲା ।

## ପୁରାଣ କାହାଣୀ

# ରାଜାଙ୍କ ଗର୍ବ ଖର୍ବ ହେଲା



ଏକଦା ତ୍ରିବିକ୍ରମଙ୍କ ରାଣୀ ତାଙ୍କୁ କିଛି ପରାମର୍ଶ ଦେଲେ ଆପଣଙ୍କ ମନରେ ଉଙ୍କି ମାରୁଥିବା ପ୍ରଶ୍ନକୁ ଖୋଲି ଗୁରୁଙ୍କୁ ପଋର । ତ୍ରିବିକ୍ରମ ମନରେ ସାହସ ବାନ୍ଧି ଗୁରୁଙ୍କୁ ପ୍ରଶ୍ନ ପଋରିଲେ ହେ ଗୁରୁବର ଆପଣଙ୍କଠାରୁ ମୁଁ ଶିକ୍ଷା ଗ୍ରହଣ କରୁଛି କିନ୍ତୁ ମୋର କିଛି ଲାଭ ହେଉନାହିଁ । ଏପରି କାହିଁକି ହେଉଛି । ଗୁରୁ ଶାନ୍ତର ସହ କହିଲେ ହେ ରାଜନ ! କଥା ବହୁ ଛୋଟ କିନ୍ତୁ ଆପଣ ଏହି ଛୋଟ କଥା ଉପରେ ଗୁରୁତ୍ୱ ଦେଇନାହାନ୍ତି । ବଡ଼ ହେବାର ଅହଂକାର ଅହଂଭାବ ଯୋଗୁଁ ଆପଣ ମୋ ଜ୍ଞାନକୁ ସହଜେ ଗ୍ରହଣ କରିପାରୁ ନାହାଁନ୍ତି ଓ ଶିକ୍ଷା ଗ୍ରହଣ କରିବାକୁ ଦେଉନାହିଁ । ଏତିକି କହି ଗୁରୁ ରହିଗଲେ । ତ୍ରିବିକ୍ରମଙ୍କୁ ଲାଗିଲା ଯେ ଗୁରୁ କାରଣକୁ ଖୋଜି ବୁଝିପାରିଛନ୍ତି। କିନ୍ତୁ ସେ ସେପରି ଗୁରୁଙ୍କୁ ଋହିଁ ରହିଥାନ୍ତି। ଗୁରୁ ତାଙ୍କର କଥା ପୁଣି ଥରେ ଆରମ୍ଭ କରି କହିଲେ ଏହା ସତ୍ୟ ଯେ ଆପଣ ଜଣେ ରାଜା। ପଦ ଓ ପ୍ରତିଷ୍ଠାରେ ଆପଣ ମୋଠାରୁ ବଡ଼ା କିନ୍ତୁ ଏଠାରେ ମୁଁ ଓ ଆପଣଙ୍କ ମଧ୍ୟରେ ଥିବା ସମ୍ପର୍କ ହେଉଛି ଗୁରୁଓ ଶିଷ୍ୟର ସଂପର୍କ। ଗୁରୁ ହୋଇଥିବା କାରଣରୁ ମୋ ସ୍ଥାନ ସର୍ବଦା ଉଚ୍ଚରେ ରହିବା ଉଚିତ୍। ଆପଣ ରାଜଦରବାରରେ ସର୍ବଦା ଉଚ୍ଚ ସିଂହାସନରେ ବସିଥିବା ବେଳେ ଆପଣଙ୍କ ସୈନ୍ୟ ଓ ରାଜଗୁରୁ ସେନାପତି ଇତ୍ୟାଦି ତଳ ଆସନରେ ବସିବାକୁ ଦେଇଥାନ୍ତି। ଏହି କାରଣରୁ ଆପଣ ଶିକ୍ଷା ଗ୍ରହଣ କରିପାରୁ ନାହାନ୍ତି ଆପଣ ରାଜା ଏଥିପାଇଁ ଆପଣ ଏକଥା କହିପାରୁନଥିଲେ।ଗୁରୁଙ୍କ ଏପରି କଥା ଶୁଣି ରାଜା ତ୍ରିବିକ୍ରମ ନିଜର ଭୁଲ୍‌କୁ ବୁଝିପାରି ଗୁରୁଙ୍କୁ କ୍ଷମା ମାଗିଲେ ଓ ଶିକ୍ଷା ଗ୍ରହଣ କରିବାରେ ଲାଗିଲେ

# ରୋବଟ କରେ ହୋଟେଲ କାମ

ଜାପାନରେ ଏକ ଏଭଳି ହୋଟେଲ ରହିଛି; ଯାହା ଆଜିକାଲି ଚର୍ଚ୍ଚାରେ ରହିଛି । ଏହି ହୋଟେଲର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି ଏଠାରେ ଜଣେ ହେଲେ କର୍ମଚାରୀ ମଣିଷ ନୁହନ୍ତି । ସମସ୍ତେ ହେଉଛନ୍ତି ରୋବଟ । ଉକ୍ତ ହୋଟେଲରେ




ସମସ୍ତ କାମର ଦାୟିତ୍ୱ ରୋବଟଙ୍କ ଉପରେ ଦିଆଯାଇଛି । ହୋଟେଲକୁ ଆସୁଥିବା ଆଗନ୍ତୁକଙ୍କ ପାଇଁ ଦ୍ୱାରା ଖୋଲିବାଠାରୁ ନେଇ ବୁକିଂ କରିବା ପର୍ଯ୍ୟନ୍ତ କାମ ରୋବଟ ହିଁ ତୁଲାଇଥାନ୍ତି । 'ହେନ ନା' ହୋଟେଲରେ ପୂର୍ବରୁ କାମ କରୁଥିବା ସମସ୍ତ କର୍ମଚାରୀଙ୍କୁ ଛଟେଇ କରିଦିଆଯାଇଛି । ୭୨ କକ୍ଷ ରହିଥିବା ଏହି ଆମୋଦଦାୟକ ହୋଟେଲର ଅଭ୍ୟର୍ଥନା କକ୍ଷରେ ଯୁବତୀଙ୍କ ପୋଷାକ ପରିଧାନ କରି ଜଣେ ରୋବଟକୁ ବସାଯାଇଛି । ଏକ ଯାନ୍ତ୍ରିକ ଡାଏନୋସର ଆଗନ୍ତୁକଙ୍କୁ ସ୍ୱାଗତ କରିଥାଏ । 'ହେନ ନା' ଅର୍ଥ ଅଲୌକିକ । ଜାପାନରେ ଏହି ହୋଟେଲରେ ଗୋଟିଏ ରାତି କଟାଇବା ପାଇଁ ୭୨ ଡଲାର ଦେବାକୁ ହୋଇଥାଏ । ଆଗନ୍ତୁକଙ୍କ ଜିନିଷପତ୍ର ରୋବଟ ହିଁ ଉଠାଇଥାନ୍ତି ଏବଂ ଆଗନ୍ତୁକଙ୍କୁ ବୁକିଂ ହୋଇଥିବା କକ୍ଷ ପର୍ଯ୍ୟନ୍ତ ନେଇଯା'ନ୍ତି । ଏହି ହୋଟେଲକୁ ଚଳାଉଥିବା ହିଡିୟୋ ସଓ୍ୱାଡା କହିଛନ୍ତି ଯେ ରୋବଟଙ୍କ ବ୍ୟବହାର କେବଳ ଲୋକଙ୍କ ଧ୍ୟାନ ଆକର୍ଷଣ କରିବା ପାଇଁ କରାଯାଉନାହିଁ; ବରଂ ବୈଷୟିକ ଜ୍ଞାନକୌଶଳର ଭରପୂର ଫାଇଦା ଉଠାଇବା ଲାଗି କରାଯାଉଛି ।

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ ।

# ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

# ବାଲି ନିର୍ମିତ ହୋଟେଲ୍



ପିଲାଦିନେ ଆମେ ବାଲିରେ ଅନେକ ଘର ବନାଇ ଖେଳନ୍ତି । କିନ୍ତୁ ସେହି ଘର ସାମାନ୍ୟ ଆଘାତରେ ଭାଙ୍ଗିଯାଏ । କିନ୍ତୁ ନେଦରଲ୍ୟାଣ୍ଡର କିଛି ମୂର୍ତ୍ତି ନିର୍ମାଣକାରୀ ଏହି ବାଲି ଘରକୁ ସ୍ଥାୟୀ ବନାଇବାରେ ସଫଳ ହୋଇଛନ୍ତି ଗୋଟିଏ ହୋଟେଲ୍ ମାଧ୍ୟମରେ । ନେଦରଲ୍ୟାଣ୍ଡର ଓସ୍ ଟାଉନ୍‌ରେ ନିର୍ମାଣ କରାଯାଇଛି ଏହି ହୋଟେଲ୍ । ଏବେ କିନ୍ତୁ ସେହି ହୋଟେଲ୍‌ରେ ଗୋଟିଏ ରୁମ୍‌ର ବ୍ୟବସ୍ଥା କରାଯାଇଛି । ସେହି ରୁମ୍‌ରେ ରହିବାକୁ ହେଲେ ଆପଣଙ୍କୁ ଗୋଟିଏ ଦିନ ପାଇଁ ୧୧ହଜାରଟଙ୍କା ମୂଲ୍ୟ ଦେବାକୁ ହେବ। ହୋଟେଲ୍‌ର ମ୍ୟାନେଜର ମାଦ ବେନ୍ ଲିଓ୍ୱେନ କହନ୍ତି ନେଦରଲ୍ୟାଣ୍ଡରେ ଏଭଳି ବାଲି ତିଆରି ହୋଟେଲ୍ ବନାଇବାର ଆଇଡିଆ ତାଙ୍କୁ ଫିନ୍‌ଲ୍ୟାଣ୍ଡ ଓ ସ୍ୱିଡେନ୍ ମିଳିଥିଲା । ସେଠାରେ ବରଫ ନିର୍ମିତ ହୋଟେଲ୍ ଦେଖିବାକୁ ମିଳେ । ସେହି ହୋଟେଲ୍ ମଧ୍ୟରେ ବରଫ ନିର୍ମିତ ବେଡ୍ ରହିଛି, ଘରମାନଙ୍କର ତାପମାତ୍ରା ୮ଡିଗ୍ରୀ ସେଲସିୟସ୍ କମ୍ ରହିଥାଏ । ଲିଓ୍ୱେନ୍ ବାଲିର ହୋଟେଲ୍ ବନାଇବା ପାଇଁ ହଜାର ଟନ୍ ବାଲି ସଂଗ୍ରହ କରିଥିଲେ । ବାଲି ଘରକୁ ସୁଦୃଢ଼ କରିବା ପାଇଁ କାଠର ଢ଼ାଞ୍ଚା ପ୍ରସ୍ତୁତ ହୋଇଥିଲା । ପରେ ବାଲିର ଛାତ, ଭୂଇଁ ଓ କାନ୍ଥ ପ୍ରସ୍ତୁତ ହୋଇଥିଲା । ହୋଟେଲରେ ଅତିଥିଙ୍କ ପାଇଁ ଓ୍ୱାଇଫାଇ, ଲାଇଟ୍ ଓ ପାଣିର ସୁବିଧା ରହିଛି ।

# ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଞ୍ଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିଡ଼ମ ଘାସ। କାର ନିର୍ମାତାମାନେ ସେହି ସିଡ଼ମ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଋଲିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ସ୍ଟଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି।

# ମିଥ୍ୟା ଅଭିମାନ ଉନ୍ନତି ପଥରେ ବାଧକ ସାଜିଥାଏ

ସଫଳତା ହାସଲ କରିବାରେ ଯେଉଁ ଖୁସି ମିଳେ ତାହା କହିହୁଏ ନାହିଁ । କିନ୍ତୁ ସେହି ଖୁସି ଯଦି ଅଧିକରୁ ଅଧିକ ହେଲା ତାହା କ୍ରନ୍ଦନରେ ପରିଣତ ହୋଇଥାଏ। ଖୁସି, ଉଲ୍ଲାସ, ଆନନ୍ଦ ହେବା ସମସ୍ତଙ୍କର ଅଧିକାର । ଏହି ଅଧିକାରରୁ କେହି ବଞ୍ଚିତ ନୁହଁନ୍ତି । ଯିଏ ଏଥିରୁ ବଞ୍ଚିତ ସେ ସର୍ବଦା ଦୁଃଖରେ କାଳାତିପାତ କରିଥାଏ ବୋଲି ଅନେକ କୁହନ୍ତି । ନିଜ ଖୁସିରେ ଖୁସି ନ ହୋଇ ଅନ୍ୟ ଖୁସିରେ ଖୁସି ହେଲେ ଆତ୍ମାକୁ ଆନନ୍ଦ ମିଳିବା ସହ ସଦା ସର୍ବଦା ପ୍ରଫୁଲ୍ଲ ହୋଇଥାନ୍ତି। ଏକଦା ୟୁରୋପ ସେନା ଯୁଦ୍ଧରେ ବିଜୟୀ ହୋଇ ୟୁରୋପ୍ ରାଜାଙ୍କ ମାନ ରଖିଲେ । ସେନାଙ୍କ ବିଜୟରେ ରାଜା ପ୍ରସନ୍ନ ହୋଇ ସେନାପତିଙ୍କ ସହ ସୈନ୍ୟଗଣଙ୍କୁ ସ୍ୱାଗତ ଲାଗି ଯୋଜନା କଲେ । ରାଜା ତାଙ୍କ ମନ୍ତ୍ରୀମାନଙ୍କୁ କହିଲେ, ସେନାପତି ରାଜ୍ୟରେ ପ୍ରବେଶ କରିବା ମାତ୍ରେ ତାଙ୍କର ଜୟଜୟକାର ହେଉ । ଏହି ଭବ୍ୟ ସମାଋର ପାଇ ସେନାପତି ବହୁ ପ୍ରସନ୍ନ ହେଲେ । ସେ ଏତେ ପ୍ରସନ୍ନ ହୋଇଗଲେ ଯେ ତାଙ୍କ ଖୁସିର ସୀମା ଆଉ ରହିଲା ନାହିଁ ଓ ସେ ଗର୍ବ ଅନୁଭବ କଲେ । ରାଜାଙ୍କ ସ୍ୱାଗତ ଯୋଜନା ଅନୁଯାୟୀ ମନ୍ତ୍ରୀମାନେ ଋରୋଟି ଧଳା ଘୋଡ଼ାରେ ସେନାପତିଙ୍କୁ ଆସିନ କରାଇ ନଗରରେ ପ୍ରବେଶ କଲେ । ହଠାତ୍ ସେନାପତି ଦେଖିବାକୁ ପାଇଲେ ଆଉ ଏକ ସଜ୍ଜିତ ରଥରେ ଜଣେ ଦାସ ଆସିନ ହୋଇ ସେନାପତିଙ୍କ ରଥ ସହ ସମାନ୍ତର ଭାବେ ରାଜଧାନୀରେ ପ୍ରବେଶ କରୁଛନ୍ତି । ଏହା ଦେଖି ତାଙ୍କ ମଧ୍ୟରେ ଅହଂଭାବ ଜାଗ୍ରତ ହେଲା । ଏହି ଅହଂଭାବକୁ ଜାଣିପାରି ରାଜା ଏହି ଯୋଜନା କରିଥିଲେ । ଏହି ରଥରୁ ସେନାପତି ଜାଣିବାକୁ ପାଇଲେ ଯେ ଛୋଟରୁ ଛୋଟ ସାଧାରଣ ଦାସ ମଧ୍ୟ ତାଙ୍କ ସହ ସମାନ । ସେମାନେ ଗୌରବପୂର୍ଣ୍ଣ ପଦରେ ମଧ୍ୟ ଅଧିଷ୍ଠିତ ହୋଇପାରିବେ । ସେହି ସମୟରେ ତାଙ୍କର ବିଜୟର ଉଲ୍ଲାସ ମଉଳିଯିବା ସହ ତାଙ୍କର ଅଭିମାନ ମଧ୍ୟ ନଷ୍ଟ ହୋଇଗଲା । ମିଥ୍ୟା ଅଭିମାନ ଉନ୍ନତି ପଥର ବାଧକ ସାଜିଥାଏ ।

# କୀର୍ତ୍ତନ କରିବା ସମୟରେ ଲୋକେ ତାଳିବଜାନ୍ତି କାହିଁକି

ଧାର୍ମିକ ମାନ୍ୟତା ଅନୁସାରେ କୀର୍ତ୍ତନ କରିବା ସମୟରେ ତାଳି ବଜାଇବାର ଏହି ଅର୍ଥ ହେଉଛି ଯେ, ଭକ୍ତ ଭଗବଦ୍ ନାମରେ ଏପରି ଭାବରେ ମଗ୍ନ ହୋଇଯାଏ, ଭଗବାନଙ୍କ ନାମ କୀର୍ତ୍ତନ କରି ବିହ୍ୱଳ ହୋଇସେଥିରେ ବୁଡ଼ିଯିବା, ନାମ ଧରି ଏକ ଧ୍ୟାନରେ ବୁଡ଼ିରହି ଝୁଲି ଝୁଲି ତାଳି ବଜାଇବା । ତାଳି ଧ୍ୱନୀର ତରଙ୍ଗ ପ୍ରଭୁଙ୍କୁ ଆନ୍ଦୋଳିତ କରେ, ଯେପରି ସେ ନିଜର ଭକ୍ତକୁ ରକ୍ଷାକରିବାକୁ ଏବଂ କୃପାରସ ବରଷିବା ପାଇଁ ସ୍ୱୟଂ ସେହି ସ୍ଥାନରେ ପହଞ୍ଚିଯାଆନ୍ତି ।

# ଆଜିର ଭାଗ୍ୟ

**ମେଷ** – ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ । ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** – ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** – ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ୍ୟ ଲାଭରୁ ଖୁସି ହେବେ।

**କର୍କଟ** – ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** – ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ଦାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** – ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** – ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** – ଚତୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** – ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** – କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** – ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** – ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଲିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

# ୩ ଫୁଟର ବର-କନ୍ୟା



କଥାରେ କୁହନ୍ତି ଯୋଡି ଭଗବାନ ବନାଇ ଥାଆନ୍ତି । ଭଗବାନ ହିଁ ପ୍ରତ୍ୟେକ ମଣିଷ ପାଇଁ ସଠିକ ଜୀବନସାଥୀ ଚୟନ କରିଥାନ୍ତି । ନିକଟରେ ମହାରାଷ୍ଟ୍ରର ଗୋଣ୍ଡାଲବା ସହରର ଛାଜେଡ ପରିବାରରେ ଏକ ବିବାହ ସମ୍ପନ୍ନ ହୋଇଛି । ବିବାହରେ ବରର ଉଚ୍ଚତା ପାଖାପାଖି ୩ ଫୁଟ ହୋଇଥିବା ବେଳେ କନ୍ୟାର ଉଚ୍ଚତା ବି ସେତିକି । ଛାଜେଡ ପରିବାରରେ ଦୁଇ ପୁଅ ଅଛନ୍ତି । ଦୁଇ ଜଣଙ୍କ ଉଚ୍ଚତା ମାତ୍ର ୩.୬ ଫୁଟ । ସେହି ପରିବାରର ସାନ ପୁଅ ଧୀରଜ ବିବାହ କରିଥିଲେ ନିକଟସ୍ଥ ଗାଁର ପୂଜା ସୁରାଣାଙ୍କୁ । ପୂଜାଙ୍କ ଉଚ୍ଚତା ୩.୨ ଫୁଟ ହେବ । ଏହା ପୂର୍ବରୁ ତାଙ୍କ ବଡ ଭାଇଙ୍କ ବିବାହ ଜଣେ ୩.୩ ଫୁଟ ଉଚ୍ଚତାର କନ୍ୟା ସହ ହୋଇଥିଲା । ଏହି ପରିବାରର ସମସ୍ତଙ୍କ ଉଚ୍ଚତା ପ୍ରାୟ ସମାନ ହୋଇଥିବାରୁ ଏହାକୁ ଭଗବାନଙ୍କ ବରଦାନ ବୋଲି କେହି କେହି କୁହନ୍ତି ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୧, ନଭେମ୍ବର ୧୭

# ସେ ଆଜି ଥାଆନ୍ତେ କି...



ଯେଉଁମାନେ ବେଶୀ ଓଡ଼ିଶା କଥା ଚିନ୍ତା କରୁଥିଲେ, ଓଡ଼ିଶାକୁ ଆଗେଇ ନେବାକୁ ଚାହୁଁଥିଲେ, ସେମାନେ ସବୁ ଗଲେ କୁଆଡ଼େ? ଗୋଟି ଗୋଟି ହୋଇ କିଏ ବା ଆଗକୁ କିଏ ବା ପଛକୁ ଏମିତି ଜଣେ ଜଣେ ଚାଲିଗଲେଣି ଏ ଧରାପୃଷ୍ଠରୁ। ଝଡ଼ି, ବଢ଼ି ଓ ମରୁଡ଼ି ତ ଓଡ଼ିଶାକୁ ପଛକୁ ନେଇଗଲାଣି, ସେମାନେ କ'ଣ ଆଉ ଫେରିବେନି ଆମ ନିକଟକୁ? ଏପରି ବାରମ୍ବାର ସଚେତ ଲୋକଙ୍କ ମନକୁ ଆନ୍ଦୋଳିତ କରୁଛି, ସେମାନେ ଶିକ୍ଷିତ, ଅର୍ଦ୍ଧଶିକ୍ଷିତ ବା ନିରକ୍ଷର ହୁଅନ୍ତୁ ପଛେ। ସେମାନଙ୍କ ମଧ୍ୟରୁ ଜଣେ ଏଭଳି ମଣିଷ ଥିଲେ ହରିଶ୍ଚନ୍ଦ୍ର ବକ୍ସିପାତ୍ର। ୧୮ବର୍ଷ ହେଲା ସେ ଗଲେଣି ଆମଠାରୁ। ହେଲେ ଲୋକେ କିନ୍ତୁ ତାଙ୍କୁ ଝୁରୁଛନ୍ତି ମନେପକାଉଛନ୍ତି ତାଙ୍କ ଜନ୍ମଦିନରେ। ଏହି ନଭେମ୍ବର ୧୭ ତାରିଖରେ ପ୍ରତିବର୍ଷ। କେବଳ ରାଜଧାନୀ ଭୁବନେଶ୍ୱରରେ ନୁହେଁ କି କୋରାପୁଟ ଅଞ୍ଚଳରେ ନୁହେଁ, ସାରା ଓଡ଼ିଶାରେ। କାରଣ ସେଭଳି ଓଡ଼ିଶାକୁ ଭଲ ପାଉଥିବା ଜନନେତା ବୋଧହୁଏ ମିଳିବା କଷ୍ଟକର। ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେବାର ତିନିବର୍ଷ ପୂର୍ବରୁ ତ ସେ ଜନ୍ମ ହୋଇଥିଲେ ଏହି ନଭେମ୍ବର ୧୭ ତାରିଖରେ। ଆମ ସମସ୍ତଙ୍କୁ ପଛରେ ପକାଇ ଚାଲିଗଲେ। ଅନ୍ୟ କେଉଁଆଡ଼େ ତାଙ୍କର ବେଶୀ କାମ ଥିବ ନିଶ୍ଚୟ। ଓଡ଼ିଶା ଉପରେ ତାଙ୍କ ପରି ସ୍ୱାଭିମାନୀ ଲୋକ ତ ମନଉଣା କରିଥିବେ ଏଥିରେ ସନ୍ଦେହ ନାହିଁ। ଓଡ଼ିଶା ଓଡ଼ିଆ ଲୋକଙ୍କୁ ସେ ଠିକ୍ ଚିହ୍ନିଥିବେ।

ସେ ଜଣେ ରାଜନେତା ଥିଲେ ସତ। କିନ୍ତୁ କଥା ଆଉ କାମରେ ତାଙ୍କର ବେଶୀ ପାରିବା ପଣ ଥିଲା। ସେ କାହାର ଅମଙ୍ଗଳ ଚିନ୍ତା କରନ୍ତି ନାହିଁ। ଅଥଚ ସମସ୍ତଙ୍କୁ ଭଲ ପାଆନ୍ତି। କ୍ୱଚିତ ଏପରି ରାଜନେତାଙ୍କୁ ମୁଁ ଦେଖିଛି। ସେଥିପାଇଁ ବ୍ୟକ୍ତିଗତ ଭାବରେ ମୁଁ ତାଙ୍କୁ ଭଲପାଏ, ଭକ୍ତି କରେ। ସେ ବି ସ୍ନେହ କରନ୍ତି ମତେ। ଏଭଳି ବହୁ ଲୋକଙ୍କର ସେହି ଅନୁଭୂତି ଥିବ।

ସେ ରେଭେନ୍ସା କଲେଜରେ ପଢୁଥିବାବେଳେ ଜଣେ ଟାଣୁଆ ଛାତ୍ରନେତା ଥିଲେ। ଛାତ୍ର ସଂସଦରେ ନିର୍ବାଚିତ ସଭାପତି ମଧ୍ୟ ହୋଇପାରିଥିଲେ। ସବୁଠାରୁ ବଡ଼ କଥା ହେଲା, ସୁଦୂର କୋରାପୁଟ ଅଞ୍ଚଳରୁ ଆସି ରେଭେନ୍ସା କଲେଜରେ ଛାତ୍ରନେତା ହେବା ଏତେ ସହଜସାଧ୍ୟ ବିଷୟ ନଥିଲା। ସେ କିନ୍ତୁ ହୋଇପାରିଥିଲେ। କେବଳ ସେତିକି ନୁହେଁ, ସେ ସମୟରେ ଅନେକ ସମାଜସେବା କାର୍ଯ୍ୟରେ ନିଜକୁ ସାମିଲ କରିଥିଲେ। ଛାତ୍ର ଜୀବନରେ ତ' ସେ ଓଡ଼ିଶା ଅଧ୍ୟୁଷିତ ଷଢ଼େଇକଳା-ଖରସୁଆଁ ପ୍ରଭୃତି ଅଞ୍ଚଳ ଓଡ଼ିଶାରେ ମିଶିବା ପାଇଁ ସ୍ୱର ଉତ୍ତୋଳନ କରି ଆନ୍ଦୋଳନ ମଧ୍ୟ କରିଥିଲେ। ଆମେ ସେକଥା ତ ଦେଖିନାହୁଁ। କିନ୍ତୁ ସାରା ଓଡ଼ିଶାରେ ସେ ସମୟରେ ସୀମା ଆନ୍ଦୋଳନରେ ତାଙ୍କ ନେତୃତ୍ୱ ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିଥିଲା ଆମେ ଯାହା ଶୁଣିଛୁ ବହୁ ସମସାମୟିକ ନେତାଙ୍କଠାରୁ।

ସମାଜର ସମ୍ପାଦକ ରାଧାନାଥ ରଥଙ୍କ ଦେହାନ୍ତ ହେବା ପରେ ମୋର ମନେହୁଏ, ବକ୍ସିବାବୁ ହିଁ ଉତ୍କଳ ସମ୍ମିଳନୀର ନେତୃତ୍ୱ ନେଇଥିଲେ। ଫଳରେ ରାଧାନାଥ ବାବୁଙ୍କ ଅନୁପସ୍ଥିତିରେ ନିସ୍ତେଜ ହୋଇଥିବା 'ଉତ୍କଳ ସମ୍ମିଳନୀ' ସତେ ଯେପରି ପୁର୍ନଜୀବନ ଲାଭକଲା। ଓଡ଼ିଆ ଭାଷାରେ ବିଭିନ୍ନ ଅନୁଷ୍ଠାନ ଓ ବାଣିଜ୍ୟ ବ୍ୟବସାୟ କ୍ଷେତ୍ରରେ ନାମଫଳକ ଲେଖାଯିବା ପାଇଁ ଆନ୍ଦୋଳନ ଚାଲିଥିଲା। ବିଜୁ ପଟ୍ଟନାୟକଙ୍କ ମନ୍ତ୍ରିମଣ୍ଡଳରେ ଜଣେ ଟାଣୁଆ ମନ୍ତ୍ରୀ ଭାବେ ଥିବା ବକ୍ସିବାବୁ ସବୁଦିନ ପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ତାଙ୍କ ସହିତ ଉତ୍କଳ ସମ୍ମିଳନୀର ବିଭିନ୍ନ କାର୍ଯ୍ୟରେ ଆକୃଷ୍ଟ ହୋଇ ସାମିଲ ହେଲେ ଏକଦା ସୋସିଆଲିଷ୍ଟ ଭାବେ ପରିଚିତ ଥିବା ଓଡ଼ିଶା ବିଧାନସଭାର ପୂର୍ବତନ ବାଚସ୍ପତି ଯୁଧିଷ୍ଠିର ଦାସ। ସେ ବି ଏବେ ସ୍ୱର୍ଗରେ। ୨୦୦୦ ମସିହା କଥା। ନବୀନ ବାବୁ ସେତେବେଳେ ନୂଆ ହୋଇ ମୁଖ୍ୟମନ୍ତ୍ରୀ ହୋଇଥାଁ, ମିଳିତ ବିଜେଡି ଓ ବିଜେପି ସରକାରରେ। ବିଧାନସଭା ଲବି ଗୃହରେ ସମସ୍ତ ବିଧାନସଭାର ମାନ୍ୟବର ବିଧାୟକ, ମନ୍ତ୍ରୀ ଏପରିକି ମୁଖ୍ୟମନ୍ତ୍ରୀଙ୍କୁ ମଧ୍ୟ ହରିଶ୍‌ବାବୁ ଷଢ଼େଇକଳା ଓ ଖରସୁଆଁକୁ ଓଡ଼ିଶାରେ ମିଶ୍ରଣ କରିବା ଲାଗି ପ୍ରତିବାଦ କରିବାକୁ କଳାବ୍ୟାଚ୍ ପିନ୍ଧାଇଲେ। ଏଥିରେ ଯୁଧିଆନା ମଧ୍ୟ ସାମିଲ ଥିଲେ। ଓଡ଼ିଶା ବିଧାନସଭାରେ ତା'ପରେ ପରେ ଏକ ସର୍ବସମ୍ମତ ପ୍ରସ୍ତାବ ଗୃହୀତ ହେବାପରେ ତାହା ଭାରତ ସରକାରଙ୍କ ନିକଟକୁ ପଠାଯାଇଥିଲା। ବିଧାନସଭା ଲବି ଭିତରେ ଥାଇ ଏହି ଦୃଶ୍ୟକୁ ଏ ଲେଖକ ଉପଭୋଗ କରୁଥିବାବେଳେ ହରିଶବାବୁ ମୋତେ କଳାବ୍ୟାଚ୍ ପିନ୍ଧିବାକୁ ବାଧ କରିଥିଲେ। ମୁଁ ଜଣେ ସାମ୍ବାଦିକ ଭାବରେ ସେପରି କରିପାରିବି କି ନାହିଁ ଭାବିବା ସମୟରେ ମତେ ଗୁରୁଜନ ଭାବେ ସେମାନେ ଅନୁରୋଧ କରିବାରୁ ମୁଁ କଳାବ୍ୟାଚ୍ ନମ୍ରତାର ସହିତ ପିନ୍ଧିନେଇଥିଲି।

୧୯୫୭ ମସିହା କଥା। ସେତେବେଳେ ବିଧାନସଭାରେ ଷଢ଼େଇକଳା-ଖରସୁଆଁ ଓଡ଼ିଶା ସହିତ ମିଶ୍ରଣକୁ ନେଇ ଘମାଘୋଟ ଆଲୋଚନା ଚାଲିଥାଏ। ଜୁଲାଇମାସ, ତତ୍କାଳୀନ ବିଂଝାରପୁର ବିଧାୟକ ବାଙ୍କବିହାରୀ ଦାସ(ପରେ ମନ୍ତ୍ରୀ ହୋଇଥିଲେ) ଉଲ୍ଲେଖ କରିଥିଲେ ଯେ, ଭାରତରେ ଅଣ କଂଗ୍ରେସ ସରକାରର ଜଣେ ଟାଣୁଆ ନେତା ଜୟପ୍ରକାଶ ନାରାୟଣ ଜଣେ ବିହାରୀ ଥିଲେ ହେଁ ଓଡ଼ିଶା ଅଧ୍ୟୁଷିତ ଅଞ୍ଚଳ ଷଢ଼େଇକଳା ଖରସୁଆଁକୁ ମିଶିବା ଆବଶ୍ୟକ ବୋଲି ସେସବୁ ଅଞ୍ଚଳରେ ଅନୁଷ୍ଠିତ ସାଧାରଣ ସଭାମାନଙ୍କରେ ପ୍ରକାଶ କରିଥିଲେ।

ଏହାସତ୍ୱେ ତତ୍କାଳୀନ ବିହାରର କଂଗ୍ରେସ ନେତା ରାଜେନ୍ଦ୍ର ପ୍ରସାଦ ଓ ଆମ ନେତାମାନଙ୍କ ଚକ୍ରାନ୍ତ ଫଳରେ ଆମେ ସବୁଦିନ ପାଇଁ ଷଢ଼େଇକଳା ଓ ଖରସୁଆଁ ପରି ଓଡ଼ିଶା ଅଧ୍ୟୁଷିତ ଅଞ୍ଚଳଠାରୁ ବିଚ୍ଛିନ୍ନ ହୋଇଗଲୁ। ଓଡ଼ିଆମାନଙ୍କର ମଧ୍ୟ ପୂର୍ବପରି ଆନ୍ଦୋଳନ ପ୍ରବଣତା ନାହିଁ। ନଚେତ୍ ବକ୍ସିବାବୁଙ୍କ ପରି ନେତା ଯେଉଁମାନେ ପୂର୍ଣ୍ଣାଙ୍ଗ ଓଡ଼ିଶା ପାଇଁ ସ୍ୱପ୍ନ ଦେଖିଥିଲେ ସେ ସ୍ୱପ୍ନ ଅଧାବାଟରେ ଅଟକି ରହିଯାଇଛି। କିନ୍ତୁ ସେ ଆଜି ଥାଆନ୍ତେ କି, ହେଲେ କିଛିଟା ଆଶା ଓ ବିଶ୍ୱାସ ରହିଥା'ନ୍ତା।

**ଗୁରୁକଲ୍ୟାଣ ମହାପାତ୍ର,** ବରିଷ୍ଠ ସାମ୍ବାଦିକ, ଦୂରଭାଷ-୯୪୩୭୦୧୨୧୨୩

## ଆଜିର ଅନୁଚିନ୍ତା

ବିଛା କାମୁଡ଼ାରେ କେବଳ ବିନ୍ଧା ଛିଟିକା ହୁଏ, କିନ୍ତୁ କେହି କେବେ ମରେନାହିଁ।

ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ। ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ।

**E-mail: editorpbkc@gmail.com**
**9853400829 (M), Fax: 0674-2550504**



# ଗଣମାଧ୍ୟମ ଓ ତା'ର ଉତ୍ତରଦାୟିତ୍ୱ

**ହିମାଂଶୁଶେଖର ଆଚାର୍ଯ୍ୟ**



ନଭେମ୍ବର ମାସ ୧୬ ତାରିଖ ହେଉଛି ଜାତୀୟ ପ୍ରେସ୍ ଦିବସ। ଜାତୀୟ ପ୍ରେସ୍ ବା ଗଣମାଧ୍ୟମ ପାଇଁ ଏକ ସ୍ମରଣୀୟ ଦିନ। ୧୯୬୬ ମସିହା ଜୁଲାଇ ୪ ତାରିଖରେ ପ୍ରଥମ ଭାରତୀୟ ପ୍ରେସ୍ କମିଶନ ଗଠନ କରାଯାଇଥିଲା ଓ ସେହିବର୍ଷ ନଭେମ୍ବର ୧୬ ତାରିଖରେ ଏହା ବିଧିବଦ୍ଧଭାବେ କାର୍ଯ୍ୟକାରୀ ହୋଇଥିଲା। ଉଦ୍ଦେଶ୍ୟ ଥିଲା ଗଣତନ୍ତ୍ରର ସଜାଗ ପ୍ରହରୀଭାବେ କାର୍ଯ୍ୟକରିବା ସହ କୌଣସି ବାହ୍ୟ ପ୍ରବାହରେ ପ୍ରଭାବିତ ନ ହୋଇ ଗଣମାଧ୍ୟମ ନିଜର ଉତ୍ତରଦାୟିତ୍ୱକୁ ନିର୍ବାହ କରିବା ସହ ବ୍ୟକ୍ତିର ବାକ୍ ସ୍ୱାଧୀନତାକୁ ସୁରକ୍ଷାଦେବା। ଯଦିଓ ସାରା ବିଶ୍ୱରେ ଅନେକ ପ୍ରେସ୍ କାଉନସିଲ ରହିଛି ତଥାପି ଭାରତୀୟ ପ୍ରେସ୍ କାଉନସିଲ ତାର ସ୍ୱତନ୍ତ୍ର ସ୍ଥାନ ରଖିବାରେ ସମର୍ଥ ହୋଇଅଛି। ତେଣୁ ଜାତୀୟ ପ୍ରେସ୍ ଦିବସ ଅନେକ ଦୃଷ୍ଟିରୁ ଗୁରୁତ୍ୱ ରଖେ। ସେଥିପାଇଁ ପ୍ରତିବର୍ଷ ବଭିନ୍ନ ଆଲୋଚନା ଚକ୍ର କରାଯାଇ ଗଣମାଧ୍ୟମର ସ୍ୱାଧୀନତା ଓ ନିରପେକ୍ଷତା ଉପରେ ସଚେତନତା ସୃଷ୍ଟି କରାଯାଉଅଛି।

ଗଣତନ୍ତ୍ର ଶାସନର ସଫଳତା ଚାରୋଟି ସ୍ତମ୍ଭ ଉପରେ ନିର୍ଭର କରେ। ସେମାନେ ହେଲେ - ବ୍ୟବସ୍ଥାପିକା, କାର୍ଯ୍ୟପାଳିକା, ନ୍ୟାୟପାଳିକା ଓ ଗଣମାଧ୍ୟମ। ପ୍ରଥମସ୍ତମ୍ଭଟି ରାଷ୍ଟ୍ର ପାଇଁ ନୀତି ନିର୍ଦ୍ଧାରଣ କରିବେ, ଦ୍ୱିତୀୟସ୍ତମ୍ଭ ନୀତିକୁ କାର୍ଯ୍ୟକାରୀ କରିବେ, ତୃତୀୟସ୍ତମ୍ଭଟି ନ୍ୟାୟ ବ୍ୟବସ୍ଥା ପାଇଁ ଦାୟୀ ରହିବେ ଓ ଚତୁର୍ଥସ୍ତମ୍ଭ ସତର୍କ ପ୍ରହରୀ ଭାବେ କାର୍ଯ୍ୟ କରିବେ। ଚତୁର୍ଥସ୍ତମ୍ଭ ଗଣମାଧ୍ୟମର ଉତ୍ତରଦାୟିତ୍ୱ ସବୁଠାରୁ ବେଶୀ। ଏକବିଂଶତମ ଯୁଗରେ ସମ୍ବାଦ ଓ ସାମ୍ବାଦିକତାର ଯଥେଷ୍ଟ ଗୁରୁତ୍ୱ ରହିଛି। ଇଣ୍ଟରନେଟ୍ ଓ ବୈଦ୍ୟୁତିକ ଗଣମାଧ୍ୟମର ବହୁଳ ପ୍ରସାର-ପ୍ରଚାର ଗଣତନ୍ତ୍ରର ସୁରକ୍ଷାକୁ ଆହୁରି ଶକ୍ତ ଓ ଦୃଢ଼ କରିପାରିଛି। ଏସବୁ ସତ୍ତ୍ୱେ ପ୍ରିଣ୍ଟିଂ ମିଡିଆ ତା'ର ସ୍ଥାନ ବଜାୟ ରଖିଛି। ବର୍ତ୍ତମାନ ସମୟରେ ଲୋକଙ୍କ ପାଖରେ ଆଉ କୌଣସି କଥା ଅଜଣା ହୋଇ ରହୁନାହିଁ। ଘରେ ବସି ରହି ସେ ଦୁନିଆର ଖବର କ୍ଷଣିକରେ ପାଇ ପାରୁଛି। ଗଣମାଧ୍ୟମ ନଥିଲେ ଲୋକେ ଆଖି ଥାଇ ଅନ୍ଧ ଓ କାନ ଥାଇ ବଧିର ହୋଇଯାଆନ୍ତେ। ପୂର୍ବକାଳରେ ଏ ସୁବିଧା ନଥିଲା। ତ୍ୱରିତ ଖବର ପଠାଇବାର କୌଣସି ମାଧ୍ୟମ ନଥିଲା। ତୁଣ୍ଡ ବାଇଦ ସହସ୍ରକୋଶ ବୋଲି ଲୋକମାନେ ଏବେବି କୁହନ୍ତି। ସେତେବେଳେ ତୁଣ୍ଡ ମାଧ୍ୟମରେ ଜଣକ ପାଖରୁ ଅନ୍ୟ ଜଣକ ପାଖକୁ ବା ବାଦ୍ୟଯନ୍ତ୍ର ସାହାଯ୍ୟରେ ବାଜା ବଜାଇ ଜନ୍ମମୃତ୍ୟୁ କି ମହୋତ୍ସବର ସୂଚନା ଜାଣିପାରୁଥିଲେ।

ପୂର୍ବେ ହାତଗଣତି ସାମ୍ବାଦିକ ଥିଲେ। ସମ୍ବାଦପତ୍ର ସଂଖ୍ୟା ମଧ୍ୟ ବହୁତ କମ୍ ଥିଲା। ଏବେ କିନ୍ତୁ ସାମ୍ବାଦିକଙ୍କ ସଂଖ୍ୟା ଓ ସମ୍ବାଦପତ୍ରର ସଂଖ୍ୟା ଆଶାତୀତ ଭାବେ ବଢ଼ିଛି। ପ୍ରତିବର୍ଷ ନୂଆନୂଆ ଖବରକାଗଜ ବଜାରକୁ ଆସୁଛି। ଖବରକାଗଜ ଖବରକାଗଜ ମଧ୍ୟରେ ବିଭିନ୍ନ ଦିଗରୁ ପ୍ରତିଯୋଗିତା ଚାଲିଚି କଳେବରକୁ ନେଇ, ସଂଖ୍ୟାକୁ ନେଇ ନୂଆ ଢଙ୍ଗରେ ପରିବେଷଣକୁ ନେଇ। ପାଠକୀୟ ସ୍ୱୀକୃତିକୁ ମଧ୍ୟ ଚାଲିଛି ତୀବ୍ର ପ୍ରତିଯୋଗିତା। ପ୍ରତିଯୋଗିତା ହେବା ଭଲ, କିନ୍ତୁ ସକାରାତ୍ମକ ଭାବେ ହେବା ଦରକାର। ଏଥିସହିତ ସମାଜର ନିଛକ ଘଟଣା ଛୁଆ ବିକ୍ରି, ଅନାହାର ମୃତ୍ୟୁ, ଶିଶୁ ନିର୍ଯ୍ୟାତନା, ନାରୀ ନିର୍ଯ୍ୟାତନା, ଦୁର୍ନୀତି, ଭ୍ରଷ୍ଟାଚାର, ଶୋଷଣ, କଷଣ ଆଦି ପ୍ରସଙ୍ଗରେ ମଧ୍ୟ ପ୍ରତିଯୋଗିତା ହେବାର ଆବଶ୍ୟକତା ରହିଛି। ଗଣମାଧ୍ୟମ ଏସବୁ ଖବର ଦେଇ ଆମକୁ ସଚେତନ କରାଇବା ସହିତ ଆମ ଆଖି ଖୋଲି ଦେବାର ପ୍ରୟାସ କରିବା ଜରୁରୀ ହୋଇପଡିଛି। ଏହା ଏକ ସ୍ୱଚ୍ଛ, ନିର୍ମଳ ଦର୍ପଣ ସଦୃଶ। ସେଇଥିପଇଁ ଆଜି ଗାଁ ଗଣ୍ଡା ଠାରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ, କ୍ଷେତର ଚାଷୀଠାରୁ ଚା ଦୋକାନ, ପାନ ଦୋକାନ, ସେଲୁନ ଠାରୁ ଅରମ୍ଭ କରି ହୋଟେଲ, ରେଷ୍ଟୁରାଁ, ସରକାରୀ ଅଫିସ, ଶିକ୍ଷାନୁଷ୍ଠାନ ସମେତ ଛାତ୍ର, ଓକିଲ, ଶ୍ରମିକ ସକାଳ ହେଲେ ସମସ୍ତଙ୍କ ହାତରେ ଖଣ୍ଡିଏ ଖଣ୍ଡିଏ ଖବରକାଗଜ ଦେଖିବାକୁ ପାଇବେ। ତେଣୁ, ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଭାବରେ ଗଣମାଧ୍ୟମ ବହୁ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଅଛି।

ପୁରାଣଯୁଗରେ ଦେବର୍ଷି ନାରଦ ତିନିପୁର ଭ୍ରମଣ କରି ଖବରମାନ ପହଞ୍ଚାଉଥିଲେ। ବର୍ତ୍ତମାନ ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ଆଉ ତିନିପୁର ଭ୍ରମଣ କରିବାକୁ ପଡୁନାହିଁ। ଏ ଯୁଗରେ ଗଣମାଧ୍ୟମ ଦ୍ରୁତଗତିରେ ଆଗେଇଚାଲିଛି। ଲୋକମାନେ ନ ଜାଣିଥିବା ବାର୍ତ୍ତା, ନଶୁଣିଥିବା ଖବର ଏପରି ଭାବେ ଗଣମାଧ୍ୟମ ପ୍ରଚାରିତ ହେଉଛି ଯେ ଏହାର ମୂଳ କେଉଁଠି କେହି ଟେର ମଧ୍ୟ ପାଆନ୍ତି ନାହିଁ। ମୋବାଇଲ୍, କମ୍ପ୍ୟୁଟର୍, ଇଣ୍ଟରନେଟ୍, ଡିଜିଟାଲ୍ କ୍ୟାମେରା ଓ ହ୍ୱାଟସ୍ଆପ୍ ଯୁଗରେ ଗଣମାଧ୍ୟମର ପ୍ରତିନିଧିମାନେ ସହସା ଘଟଣା ଜାଗାରେ ପହଞ୍ଚି ସମ୍ବାଦ ଓ ଫଟୋଚିତ୍ର ସଂଗ୍ରହ କରିପାରୁଛନ୍ତି ତାହା ତତ୍‌କ୍ଷଣାତ୍ ସମ୍ବାଦପତ୍ର ମାଧ୍ୟମରେ ପ୍ରକାଶିତ ହୋଇପାରୁଛି। ତତ୍‌ସହିତ ଏହା ଯୁବ ସମାଜ ଉପରେ ବହୁତ ପ୍ରଭାବ ପକାଉଛି। ଆଜିର ଯୁବକମାନେ ଜୀବନ-ଜୀବିକା ପାଇଁ ରାହା ଖୋଜୁଥିବା ବେଳେ ସାମ୍ବାଦିକତା ତାଙ୍କ ପାଇଁ ଜୀବନ-ଜୀବିକାର ମାଧ୍ୟମ ହୋଇଛି।

ସାଂପ୍ରତିକ ସମୟରେ ଜୀବନ-ଜୀବିକାର ଦାୟିତ୍ୱ ବଢ଼ିବାରେ ଲାଗିଛି। ବିଚାର ବିଭାଗ, ମାନବିକ ଅଧିକାର ସୁରକ୍ଷା କମିଶନ ଓ ଅନ୍ୟାନ୍ୟ ସଂସ୍ଥାର ଉପସ୍ଥିତି ସତ୍ତ୍ୱେ ଗଣମାଧ୍ୟମର ଭୂମିକା ଅଧିକ ପ୍ରଭାବଶାଳୀ ମନେ ହେଉଛି। ବର୍ତ୍ତମାନ ଦେଶରେ ଅର୍ଥନୈତିକ ଅପରାଧ ବହୁଗୁଣରେ ବୃଦ୍ଧି ପାଇଛି। ଲାଞ୍ଚ, ଦୁର୍ନୀତି, କଳାଧନ ସୃଷ୍ଟି, ଗରିବଙ୍କ ଅର୍ଥର ବାଟମାରଣା, ଆର୍ଥିକ ସହାୟତାରେ ପାତର ଅନ୍ତର ଘଟଣାମାନ ଘଟିଚାଲିଛି। କେତେକ କ୍ଷେତ୍ରରେ ଗଣମାଧ୍ୟମର ଉଦ୍ୟମ ଅତି ପ୍ରଶଂସନୀୟ ମନେହୁଏ। ବିଗତ ଦିନରେ ଭ୍ରଷ୍ଟାଚାର ବିରୋଧରେ ଆନ୍ନା ହଜାରେଙ୍କ ଆନ୍ଦୋଳନ ଓ ନିର୍ଭୟା ଗଣ ବଳାତ୍କାର ଘଟଣାରେ ଗଣମାଧ୍ୟମର ଗୁରୁତ୍ୱକୁ କେହି ଅସ୍ୱୀକାର କରିବେନି। ସେହିପରି ନିକଟ ଅତୀତରେ ବ୍ୟାପମ୍ ଦୁର୍ନୀତି, ବାବାମାନଙ୍କ କଳାକାରନାମା, ବିହାର ଯୁକ୍ତ ଦୁଇ ପରୀକ୍ଷା ଟପ୍ପର ସ୍କାମ୍, ଚିଟ୍‌ଫଣ୍ଡ ଓ ଓଲିଉଡରେ କାଷ୍ଟିଙ୍ଗ କାଉଚ୍ ପ୍ରସଙ୍ଗରେ ଗଣମାଧ୍ୟମର ଭୂମିକା ବେଶ୍ ପ୍ରଣିଧାନଯୋଗ୍ୟ। ଏହି ଭଳି ଅନେକ ଘଟଣାର ଅବତାରଣା କରାଯାଇପାରେ। କିନ୍ତୁ ବେଳେ ବେଳେ ସମ୍ବାଦପତ୍ରର ମାଲିକ ସରକାର, ପୁଞ୍ଜିପତି, ଶିଳ୍ପପତି ଓ ଅନ୍ୟାନ୍ୟ ପ୍ରଭାବଶାଳୀ ବ୍ୟକ୍ତିଙ୍କ ନିୟନ୍ତ୍ରଣରେ ରହିଗଲେ ସେଠାରେ ସତ୍ୟ, ନିର୍ଭିକ ଓ ନିରପେକ୍ଷ ସମ୍ବାଦ ପରିବେଷଣ ହୋଇପାରେ ନାହିଁ ଓ ଏଠାରେ ଗଣମାଧ୍ୟମର ସ୍ୱର ସଙ୍କୁଚିତ ହୋଇଯାଏ। ରାଷ୍ଟ୍ରପ୍ରହରୀ ଯଦି ରାଷ୍ଟ୍ର ପାଇଁ ବିଶ୍ୱସ୍ତ ନହୁଏ ତାହେଲେ ଗଣତନ୍ତ୍ର ପ୍ରତି ବିପଦ ମାଡିଆସିବ।

ଖାଲି ସେତିକି ନୁହେଁ ଅର୍ଥ ଉପାର୍ଜନ କରିବା ଲୋଭ ଆଜି ଗଣମାଧ୍ୟମକୁ କବଳିତ କରୁଛି। ଗଣତନ୍ତ୍ରର ମାଲିକ ଓ ସାମ୍ବାଦିକମାନଙ୍କ ପାଇଁ ଏହା ଏକ ବ୍ୟବସାୟିକ ପେଶା ହୋଇପଡିଛି। ବିଜ୍ଞାପନ ପାଇବା ଆଶାରେ ଓ ରୋଜଗାର ନିଶାରେ ଅପସଂସ୍କୃତିକୁ ଆମେ ଡାକି ଆଣୁଛେ। ବିଜ୍ଞାପନର ଅଶ୍ଳୀଳ ବାର୍ତ୍ତାରେ, ମନୋରଞ୍ଜନର କଦାକାର ରୂପରେ ଖବରକାଗଜର ପୃଷ୍ଠା ବଢ଼ିବାରେ ଲାଗିଛି। ଏହାର କୁପ୍ରଭାବ ଯୁବସମାଜ ଉପରେ ପଡୁଛି। ଏପରିକି ବ୍ଲାକମେଲ୍ କରି ଅର୍ଥ ଉପାର୍ଜନ କରିବା ନିଶା ଗଣମାଧ୍ୟମକୁ ଗ୍ରାସିଛି। ଫଳରେ ଏହା କେତେବେଳେ ଜଣକୁ 'ଜିରୋ' ରୁ 'ହିରୋ' କରିଦେଉଛି ତ ଆଉ କେତେବେଳେ ଜଣକୁ 'ହିରୋ'ରୁ 'ଜିରୋ' କରିଦେଉଛି। ନିରପେକ୍ଷ ସମ୍ବାଦ ପରିବେଷଣ ଦିନକୁ ଦିନ କମିବାରେ ଲାଗିଛି। ଗଣମାଧ୍ୟମ ଏବେ ସରକାରୀ କଳର ହାତବାରସି ହେବାକୁ ଲାଗିଲେଣି। ଫଳରେ ଗଣମାଧ୍ୟମର ଗାରିମା କ୍ରମଶଃ ହ୍ରାସ ପାଇଲାଣି।

ଏବେ ବି ସମୟ ଅଛି ଗଣତନ୍ତ୍ରକୁ ରକ୍ଷା କରିବା ପାଇଁ ଗଣମାଧ୍ୟମ ଆଗଭର ହୋଇ ଆସିବା ଦରକାର। ଏଥିପାଇଁ ସ୍ୱାର୍ଥର ଲାଳସା ପରିହାର କରିବାକୁ ହେବ। କିଏ ବା ନଜାଣିଛି ଏକଥା-"ଜାତି ନନ୍ଦିଘୋଷ ଚଳିବ କି ଭାଇ ସ୍ୱାର୍ଥକୁ ସାରଥୀ କଲେ, ଟାଣେ କିରେ ଗାଡି ଦାନାର ତୋବଡା ଘୋଡା ମୁହେଁ ବନ୍ଧା ଥିଲେ।" କିନ୍ତୁ ପ୍ରୟୋଗରେ ସବୁ ବ୍ୟତିକ୍ରମ। ଗଣମାଧ୍ୟମ ତା'ର ଉତ୍ତରଦାୟିତ୍ୱ ନିର୍ବାହ କଲେ ଏକ ସୁସ୍ଥ ସମାଜ ଓ ରାଷ୍ଟ୍ର ଗଠନ ହୋଇପାରିବ।

*-ସଭାପତି, ସାରସ୍ୱତ ପରିଷଦ, ଜଗତସିଂହପୁର, ମୋ-୯୩୩୭୨୨୧୯୨୪*

# ସାଲିସ୍‌ବିହୀନ ଜନନେତା ହରିଶ୍ଚନ୍ଦ୍ର ବକ୍ସିପାତ୍ର

## (୧୭ ନଭେମ୍ବର ୮୮ତମ ଜୟନ୍ତୀ ଉପଲକ୍ଷେ)



ଜଣେ ସାଲିସ୍‌ବିହୀନ ସ୍ୱାଭିମାନୀ ଦରଦୀ ତଥା ସ୍ପଷ୍ଟବାଦିତାର ମୂର୍ତ୍ତିମନ୍ତ ପ୍ରତୀକ ଭାବେ ଜନନେତା ହରିଶ୍ଚନ୍ଦ୍ର ବକ୍ସିପାତ୍ର ଓଡ଼ିଶାବାସୀଙ୍କ ହୃଦୟ ଜିଣିପାରିଥିଲେ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିକୁ ସେ ପ୍ରାଣଭରି ଭଲ ପାଉଥିଲେ। ୧୯୫୧ ମସିହାରେ ଅବିଭକ୍ତ ଗଂଜାମ ଜିଲ୍ଲାର ଐତିହାସିକ ସହର ପାରଳାଖେମୁଣ୍ଡିସ୍ଥିତ ଶ୍ରୀକୃଷ୍ଣଚନ୍ଦ୍ର ଗଜପତି ମହାବିଦ୍ୟାଳୟରେ ତାଙ୍କର କଲେଜ ଜୀବନ ଆରମ୍ଭ ହୋଇଥିଲା। ତା'ର ପର ବର୍ଷ ଅର୍ଥାତ୍ ୧୯୫୨ ମସିହାରେ ନିଜର ସାଂଗଠନିକ ଦକ୍ଷତା ବଳରେ କଲେଜ ଛାତ୍ରସଂସଦ ସଭାପତି ନିର୍ବାଚିତ ହେଲେ। ଯୁବକ ଓ ଛାତ୍ରମାନେ ହିଁ ସମାଜରେ ପରିବର୍ତ୍ତନ ଆଣିପାରିବେ ବୋଲି ତାଙ୍କର ଦୃଢ଼ ବିଶ୍ୱାସ ଥିଲା। ତେଣୁ ସେ ସବୁବେଳେ ଛାତ୍ର ଓ ଯୁବ ସମାଜକୁ ଆନ୍ତରିକ ଭାବେ ଭଲ ପାଉଥିଲେ। ମୂଲ୍ୟବୋଧଭିତ୍ତିକ ରାଜନୀତିକୁ ସେ ଜୀବନସାରା ଆଦରି ନେଇଥିଲେ। ସ୍ପଷ୍ଟବାଦିତା ଥିଲା ତାଙ୍କର ଜୀବନର ସବୁଠାରୁ ବଡ଼ ପରିଚୟ। ଆଦିବାସୀ ବହୁଳ ଅବିଭକ୍ତ କୋରାପୁଟ ଜିଲ୍ଲାରେ ସେ ଜନ୍ମଗ୍ରହଣ କରିଥିଲେ। ସେହି ଅଞ୍ଚଳରେ ଓଡ଼ିଆ ଭାଷା ପ୍ରତି ଚରମ ଅବହେଳାକୁ ସେ ବରଦାସ୍ତ କରିପାରି ନଥିଲେ। ସୁତରାଂ ଓଡ଼ିଆ ଜାତୀୟବାଦୀ ସଂଗଠନ ଉତ୍କଳ ସମ୍ମିଳନୀର ନେତୃତ୍ୱ ଜରିଆରେ ସେ ଦଳମତ ନିର୍ବିଶେଷରେ ଓଡ଼ିଆମାନଙ୍କୁ ସମ୍ମିଳିତ କରାଉଥିଲେ। ଉତ୍କଳ ସମ୍ମିଳନୀର ବିଭିନ୍ନ ଅଧିବେଶନରେ ସେ ଛାତ୍ର ଓ ଯୁବଗୋଷ୍ଠୀକୁ ପ୍ରେରଣାଦାୟକ ଅଭିଭାଷଣ ମାଧ୍ୟମରେ ଓଡ଼ିଆ ଭାଷାର ସୁରକ୍ଷା ପ୍ରଦାନ ସହ ଓଡ଼ିଶାକୁ ଆଗେଇ ନେବାପାଇଁ ବରାବର ପରାମର୍ଶ ଦେଉଥିଲେ।


ବକ୍ସିବାବୁ କଟକ ରେଭେନ୍ସା କଲେଜରେ ସ୍ନାତକୋତ୍ତର (ଇତିହାସ) ପଢ଼ିଲେ। ସ୍ନାତକୋତ୍ତର ଶ୍ରେଣୀର ଦ୍ୱିତୀୟ ବର୍ଷ ଅର୍ଥାତ୍ ୧୯୫୫ ମସିହାରେ ସେ ରେଭେନ୍ସା କଲେଜ ଛାତ୍ର ୟୁନିଅନ୍‌ର ସଭାପତି ନିର୍ବାଚିତ ହୋଇଥିଲେ। ଏହିଠାରୁ ତାଙ୍କର ରାଜନୈତିକ କ୍ୟାରିୟରର ଲମ୍ବା ଯାତ୍ରା ଆରମ୍ଭ ହେଲା। ସେହି ସମୟରେ ସୀମା ପୁନର୍ଗଠନ କମିଟିର ଓଡ଼ିଶା ପ୍ରତି ଘୋର ଅନ୍ୟାୟ ବିରୁଦ୍ଧରେ ରେଭେନ୍ସା କଲେଜ ଛାତ୍ରମାନଙ୍କୁ ନେଇ ସେ କଟକ ରେଡ଼ିଓ ଷ୍ଟେସନ୍ ନିକଟରେ ବିରାଟ ବିକ୍ଷୋଭ ସଭାର ଅୟୋଜନ କରିଥିଲେ। ସେଠାରେ ପୋଲିସର ଗୁଳିଚାଳନା ଯୋଗୁ ଜଣେ ଯୁବକଙ୍କ ମୃତ୍ୟୁ ଘଟିଲା। ସେହି ଘଟଣା ପରେ ଓଡ଼ିଶାର ବିଭିନ୍ନ କଲେଜରେ ଛାତ୍ର ଧର୍ମଘଟ ସହ ପ୍ରତିବାଦ ସଭା ଆରମ୍ଭ ହୋଇଯାଇଥିଲା। ଏହାର ନେତୃତ୍ୱ ନେଇଥିଲେ ଛାତ୍ରନେତା ହରିଶ୍ଚନ୍ଦ୍ର। ସେତେବେଳେ କଟକ ମ୍ୟୁନିସିପାଲଟି ପଡ଼ିଆରେ ଆୟୋଜିତ ବିକ୍ଷୋଭ ସଭାରେ ହରିଶ୍ଚନ୍ଦ୍ର ବାବୁ ଯେଉଁଭଳି ଭାଷଣ ଦେଇଥିଲେ ତାହା ସେତେବେଳର ଛାତ୍ରମାନଙ୍କୁ ଖୁବ୍ ଉଦ୍‌ବୁଦ୍ଧ କରିଥିଲା। ବକ୍ସିବାବୁଙ୍କୁ ପୋଲିସ ଗିରଫ କରିନେଲା କିନ୍ତୁ କଟକରୁ ଆରମ୍ଭ ହୋଇଥିବା ସେହି ସୀମା ଆନ୍ଦୋଳନ ସାରା ଓଡ଼ିଶାକୁ ବ୍ୟାପି ଯାଇଥିଲା। ତେବେ ବିହାରର ଟାଣୁଆ ନେତାମାନଙ୍କ ଯୋଗୁଁ ଶେଷରେ ଓଡ଼ିଶାରୁ ଷଢ଼େଇକଳା, ଖରସୁଆଁ ଆଦି ଓଡ଼ିଆ ଭାଷାଭାଷୀ ଅଞ୍ଚଳ ବିହାରକୁ ଚାଲିଗଲା।

ଛାତ୍ରନେତା ହରିଶ୍ଚନ୍ଦ୍ର ବାବୁ ପରବର୍ତ୍ତୀ ସମୟରେ ପ୍ରତ୍ୟକ୍ଷ ରାଜନୀତିରେ ଯୋଗଦେଲେ। ବିଧାୟକ ଭାବେ ନିର୍ବାଚିତ ହୋଇ ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇଲେ। ସେ ଥିଲେ ଜଣେ ସ୍ପଷ୍ଟବାଦୀ, ନିଷ୍କପଟ ଜନନେତା। ତେଣୁ ଗୋଡ଼ାଣିଆ କପଟ ରାଜନୀତିକୁ ସେ ଆଦୌ ପସନ୍ଦ କରୁନଥିଲେ। ସେ ସ୍ୱଚ୍ଛଳ ପରିବାରରେ ଜନ୍ମ ହୋଇଥିଲେ ମଧ୍ୟ ଗରିବର ହୃଦୟକୁ ଭଲଭାବରେ ଚିହ୍ନି ପାରିଥିଲେ। କୋରାପୁଟର ଗରିବ ଆଦିବାସୀ, ହରିଜନଙ୍କ ଜୀବନରେ ନୂଆ ଆଶା ଓ ସ୍ୱପ୍ନ ଭରିଦେବାରେ ସେ ଥିଲେ ଅଗ୍ରଗଣ୍ୟ ନେତା। ସମାଜରେ ଅର୍ଥନୈତିକ ସମାନତା ଆଣିବା ପାଇଁ ସେ ସବୁବେଳେ ଶୋଷଣବିହୀନ ସମାଜର ସ୍ୱପ୍ନ ଦେଖିଥିଲେ। ସେହି କାରଣରୁ ସେ ଗଠନ କରିଥିଲେ 'ରୟତ କୁଲୀ ସଂଘ' ଓ 'ଚାଷୀ ସଂଘ' ଭଳି ଅଗ୍ରଣୀ ସଂଗଠନ। ଓଡ଼ିଶାର ବଣପାହାଡ଼ ଘେରା କୋରାପୁଟ ଜିଲ୍ଲାରୁ ଆସି କଟକ ଯାଏଁ ରେଭେନ୍ସା କଲେଜ ଛାତ୍ରସଂସଦ ସଭାପତି ପଦ ମଣ୍ଡନ ଏବଂ କଟକ ପୌର ନିର୍ବାଚନରେ କାଉନ୍‌ସିଲର ନିର୍ବାଚିତ ହୋଇ ହରିଶ୍ଚନ୍ଦ୍ର ବାବୁ ଜଣେ ସଫଳ ନେତା ହେବାର ସୂଚନା ଦେଇଥିଲେ। ନିଜର ସ୍ପଷ୍ଟବାଦିତା ଗୁଣ ଯୋଗୁଁ ସେ ରାଜନୈତିକ ଜୀବନରେ ବହୁ ଝଡ଼ଝଞ୍ଜାର ସମ୍ମୁଖୀନ ହୋଇଥିଲେ। ସାଲିସବିହୀନ ଓ ସ୍ୱାଭିମାନୀ ଜୀବନାଦର୍ଶ ହିଁ ତାଙ୍କୁ ଓଡ଼ିଶାର ଅନ୍ୟତମ ତୁଙ୍ଗ ନେତା ଭାବରେ ପ୍ରତିଷ୍ଠିତ କରାଇ ପାରିଥିଲା। ତୁଳସୀ ଦୁଇ ପତ୍ରରୁ ବାସିଲା ପରି ସେ ଛାତ୍ର ଜୀବନରୁ ପ୍ରତିଭାବାନ ବ୍ୟକ୍ତି ଭାବେ ପରିଚିତ ଥିଲେ। ସେ ଏକାଧାରରେ ଜଣେ ସୁବକ୍ତା, ସୁସଂଗଠକ, ରାଜନେତା, ବିଧାୟକ, ମନ୍ତ୍ରୀ, ଲେଖକ ଓ ସମ୍ପାଦକ ଭାବେ ପ୍ରତିଷ୍ଠା ପାଇଥିଲେ। ଜିଲ୍ଲାପ୍ରେମ, ଦେଶପ୍ରେମ, ଜାତିପ୍ରେମ, ଭାଷାପ୍ରେମ ତାଙ୍କର ଆଦର୍ଶ ଥିଲା। ରାୟଗଡ଼ା ସ୍କୁଲରୁ ପ୍ରାଥମିକ ଶିକ୍ଷା, ପାରଳାଖେମୁଣ୍ଡିରେ କଲେଜ ଶିକ୍ଷା, ରେଭେନ୍‌ସା ମହାବିଦ୍ୟାଳୟରୁ ସ୍ନାତକୋତ୍ତର ଶିକ୍ଷା, ମଧୁସୂଦନ ଆଇନ କଲେଜରୁ ଆଇନ ଶିକ୍ଷା ହାସଲ କରି ସେ ଉଚ୍ଚଶିକ୍ଷାର ଅଧିକାରୀ ହୋଇଥିଲେ। ସେ ଗରିବଙ୍କ ଓକିଲ ଭାବେ ବେଶ୍ ଜଣାଶୁଣା ଥିଲେ। ମଧୁବାବୁଙ୍କ ଆଦର୍ଶକୁ ଗ୍ରହଣ କରିଥିବା ହରିଶ୍ଚନ୍ଦ୍ର ବାବୁ ମକଦ୍ଦମା ଲଢ଼ିବା ପାଇଁ କାହାଠୁ କେବେହେଲେ ଅର୍ଥ ଦାବି କରି ନ ଥିଲେ। ଜଣେ ଓଡ଼ିଆ ଭାବେ ଓଡ଼ିଆ ଜାତି ଓ ଓଡ଼ିଆ ଭାଷାର ଉନ୍ନତି ପାଇଁ ସାରା ଜୀବନ ସେ ସଂଗ୍ରାମ ଚଳାଇଥିଲେ। ଉତ୍କଳ ସମ୍ମିଳନୀର ଆଜୀବନ ସଦସ୍ୟ ଓ ପରେ ସେ ଏହାର ସଭାପତି ଦାୟିତ୍ୱ ଗ୍ରହଣ କରିଥିଲେ। ଛାତ୍ରଜୀବନରୁ ସାମ୍ୟବାଦୀ ଚିନ୍ତାଧାରା ପ୍ରତି ଆକୃଷ୍ଟ ହୋଇ ଶ୍ରମିକ ନେତା ଭାବେ କାର୍ଯ୍ୟ କରିଥିଲେ। ସେ ଥିଲେ ଜଣେ ଅପ୍ରତିଦ୍ୱନ୍ଦ୍ୱୀ ବକ୍ତା। ତେଣୁ ତାଙ୍କ ଭାଷଣ ସମସ୍ତଙ୍କୁ ଆକୃଷ୍ଟ କରିଥିଲା। ଓଡ଼ିଶାର ପ୍ରବାଦପୁରୁଷ ବିଜୁବାବୁଙ୍କ ପ୍ରତି ଆକୃଷ୍ଟ ହୋଇ ସେ ଉତ୍କଳ କଂଗ୍ରେସରେ ଯୋଗ ଦେଇଥିଲେ। କୋରାପୁଟ ନୂତନ ନିର୍ବାଚନ ମଣ୍ଡଳୀରୁ ନିର୍ବାଚିତ ହୋଇ ପ୍ରଥମେ ବିଧାୟକ ଓ ପରେ ଓଡ଼ିଶାର ମନ୍ତ୍ରୀ ହୋଇଥିଲେ। ଉତ୍କଳ କଂଗ୍ରେସ ଦଳ ଜନତା ପାର୍ଟିରେ ବିଲୀନ ହେବାପରେ ଜୟପ୍ରକାଶ ନାରାୟଣଙ୍କ ନୀତି ଓ ଆଦର୍ଶ ପ୍ରତି ସେ ଆକର୍ଷିତ ହୋଇ ଜନତା ପାର୍ଟିରେ ଯୋଗ ଦେଇଥିଲେ। ୧୯୭୭ ଜରୁରୀକାଳୀନ ପରିସ୍ଥିତି ସମୟରେ ସେ ଗିରଫ ହୋଇ ଜେଲ୍ ଯାଇଥିଲେ। ସେ ପ୍ରଥମେ ଜନତା ପାର୍ଟି ପରେ ଜନତା ଦଳ ଓ ପରବର୍ତ୍ତୀ ସମୟରେ ଜୀବନର ଶେଷ ସମୟ ପର୍ଯ୍ୟନ୍ତ ବିଜେପିର ସଦସ୍ୟ ରହିଥିଲେ। ହରିଶ୍ଚନ୍ଦ୍ର ବାବୁ 'ଲୋକନୀତି' ନାମକ ଏକ ପାକ୍ଷିକ ପତ୍ରିକା ପ୍ରକାଶ କରି ଏହାର ସମ୍ପାଦନା ଦାୟିତ୍ୱ ନିଭାଇଥିଲେ।

ନିର୍ବାଚନ ସମ୍ବନ୍ଧରେ ବକ୍ସିପାତ୍ରଙ୍କ ଦୃଷ୍ଟିଭଙ୍ଗୀ ଥିଲା ଅତ୍ୟନ୍ତ ନିଆରା। ସେ କହୁଥିଲେ ଯେ ନିର୍ବାଚନ ପ୍ରକ୍ରିୟାରେ ଯେଉଁ ଦୁର୍ନୀତି ଆରମ୍ଭ ହୁଏ ଆର୍ଥିକ ଦେଣନେଣ ଦ୍ୱାରା ହୋଇଥାଏ। ଆଜି କିନ୍ତୁ ଅର୍ଥ ହିଁ ନିର୍ବାଚନର ମୂଳପୁଞ୍ଜି ହୋଇଛି। ଅର୍ଥଦ୍ୱାରା ହିଁ ଭୋଟକୁ କିଣାଯାଉଛି। ଅପରପକ୍ଷରେ ଏପରି ନୀତିକୁ ହରିଶ୍ଚନ୍ଦ୍ର ବାବୁ ନାପସନ୍ଦ କରୁଥିଲେ। ଅର୍ଥ କାରବାର ଜରିଆରେ ସରକାର ଓ ଜାତୀୟ ନୀତି ସ୍ଥିର ହେବା ଅତ୍ୟନ୍ତ ନିନ୍ଦନୀୟ ଓ ଅନୈତିକ ବୋଲି ତାଙ୍କର ମତ ରହିଥିଲା। ନିର୍ବାଚନ ଓ ସଂକୀର୍ଣ୍ଣ ଦଳୀୟ ରାଜନୀତି ପାଇଁ ମହାନ ଓଡ଼ିଆ ଜାତିର ସ୍ୱାର୍ଥକୁ ବଳି ଦିଆଯାଇ ପାରିବ ନାହିଁ ବୋଲି ସେ ସବୁବେଳେ କହି ଆସୁଥିଲେ। ଏଭଳି ଜଣେ ସାଲିସବିହୀନ ସ୍ୱାଭିମାନୀ ଜନନେତା ଆଜି ଆମ ଗହଣରେ ନାହାନ୍ତି, କିନ୍ତୁ ତାଙ୍କର ବିଚାରଧାରାର ମୃତ୍ୟୁ ଘଟିନାହିଁ। ତାଙ୍କର କର୍ମ ଓ ଜୀବନାଦର୍ଶ ଯୁବପିଢ଼ି ଓ ଜନସାଧାରଣଙ୍କୁ ଚିରଦିନ ପାଇଁ ପ୍ରେରଣା ଯୋଗାଉଥିବ, ଏଥିରେ ସନ୍ଦେହ ନାହିଁ।

**ରବି ରଥ,** ସଂପାଦକ, ନବୀନ, ବ୍ରହ୍ମପୁର-୧୦, ଗଂଜାମ

# ପଞ୍ଜାବକେଶରୀ ଲାଲା ଲାଜପତ୍ ରାୟ



ବିଂଶ ଶତାବ୍ଦୀର ଆରମ୍ଭରେ ୧୯୦୬ରୁ ୧୯୧୮ ମଧ୍ୟରେ ଯେଉଁ ସ୍ୱାଧୀନତା ସଂଗ୍ରାମୀ ତ୍ରୟ ବ୍ରିଟିଶ୍ ଶାସନ ବିରୋଧରେ ମିଳିତ ସ୍ୱର ଉତ୍ତୋଳନ କରିଥିଲେ ସେମାନେ ଲାଲ୍-ବାଲ୍-ପାଲ ନାମରେ ଜଣାଶୁଣା। ପଞ୍ଜାବର ଲାଲା ଲାଜପତ ରାୟ, ମହାରାଷ୍ଟ୍ରର ବାଲ ଗଙ୍ଗାଧର ତିଳକ ଏବଂ ବଙ୍ଗଳାର ବିପିନ ଚନ୍ଦ୍ର ପାଲ ପରାଧୀନ ଭାରତରେ ନିଜର ଅଦମ୍ୟ ପ୍ରଚେଷ୍ଟା ଦ୍ୱାରା ସ୍ୱାଧୀନତା ସଂଗ୍ରାମର ଦିଗକୁ ବଦଳାଇ ନିଜ ହାତକୁ ନେବା ସହ ବ୍ରିଟିଶ୍ ସରକାରଙ୍କୁ ଭୟଭୀତ କରାଇ ଦେଇଥିଲେ। ମହାତ୍ମା ଗାନ୍ଧୀଙ୍କ ଦ୍ୱାରା ଦେଶର ସ୍ୱରାଜ୍ୟ ଆନ୍ଦୋଳନ ପ୍ରଥମେ ୧୯୦୬ରେ ବଙ୍ଗଳାରୁ ଆରମ୍ଭ ହୋଇଥିଲା। ଏହା ଭାରତୀୟ ସ୍ୱାଧୀନତା ସଂଗ୍ରାମର ଏକ ମୁଖ୍ୟ ଅଂଶ ଥିଲା ଏବଂ ଏହା ଭାରତୀୟମାନଙ୍କ ମନରେ ଦେଶ ପ୍ରେମର ବହ୍ନି ଜାଗ୍ରତ କରାଇଥିଲା। ବ୍ରିଟିଶ୍ ରାଜତ୍ୱରେ ବଂଗ ବିଭାଜନ ବିରୋଧରେ ଭାରତରେ ଜାତୀୟ ନେତାମାନଙ୍କର ରଣହୁଙ୍କାର ଖୁବ୍ ଗମ୍ଭୀର ଥିଲା। ଯାହାଦ୍ୱାରା ବଙ୍ଗଳାର ୭.୮ କୋଟି ଲୋକଙ୍କ ମନରେ ବିଦେଶୀଦ୍ରବ୍ୟ ବ୍ୟବହାର ନ କରି ସ୍ୱଦେଶୀ ଦ୍ରବ୍ୟ ବ୍ୟବହାର କରିବା ଆହ୍ୱାନକୁ ଦୃଢ଼ଭାବେ ସମର୍ଥନ କରିଥିଲେ। ଯାହାକି ଗାନ୍ଧିଜୀଙ୍କ ଦ୍ୱାରା ଏହି 'ସ୍ୱରାଜ' ଆନ୍ଦୋଳନ ପରବର୍ତ୍ତୀ ସମୟରେ 'ସ୍ୱଦେଶୀ' ଆନ୍ଦୋଳନରେ ପରିଣତ ହୋଇଥିଲା। ମାତ୍ର କ୍ରମଶଃ ଏହି ଜାତୀୟ ଆନ୍ଦୋଳନର ଉଷ୍ମତା ଧୀରେଧୀରେ ହ୍ରାସ ହେବାକୁ ଲାଗିଥିଲା। ଏହାର ପ୍ରମୁଖ କାରଣ ହେଉଛି, ବାଲଗଙ୍ଗାଧର ତିଳକ ଯେ କି ମୁକ୍ତି ସଂଗ୍ରାମର ମୁଖ୍ୟ ନାୟକ ଥିଲେ ବ୍ରିଟିଶ୍ ହାତରେ ଗିରଫ ହେଲେ। ବିପିନବିହାରୀ ପାଲ୍ ମଧ୍ୟ ଅରବିନ୍ଦ ଘୋଷଙ୍କ ସହ ତାଳ ମିଳାଇ ପ୍ରତ୍ୟକ୍ଷ ରାଜନୀତିରୁ ଅପସରି ଗଲେ। କିନ୍ତୁ ଲାଲା ଲାଜପତ୍ ରାୟ ଯାହାଙ୍କୁ କି ପଞ୍ଜାବ କେଶରୀ କୁହାଯାଏ, ସେ ଥିଲେ ସ୍ୱାଧୀନତା ଜାତୀୟ ଆନ୍ଦୋଳନରେ ତ୍ରି-ଧାରାର ଅନ୍ୟତମ ନାୟକ।



ଏହି ବୀରପୁରୁଷ ଲାଲା ଲାଜପତ୍ ରାୟ ୧୮୬୫ ମସିହା ଜାନୁୟାରୀ ୨୮ ତାରିଖରେ ଅବିଭାଜିତ ପଞ୍ଜାବରେ ଜନ୍ମଗ୍ରହଣ କରିଥିଲେ। ପିତା ମୁନ୍‌ସୀ ରାଧାକ୍ରିଷ୍ଣ ଆଜାଦ୍ ଓ ମାତା ଗୁଲାବ ଦେବୀଙ୍କ ଔରସରୁ ଫିରୋଜପୁର ଜିଲା ଧୁଡ଼କେ ଗ୍ରାମରେ ଏହି ସଂଗ୍ରାମୀ ମଣିଷଙ୍କର ଆବିର୍ଭାବ, ଦେଶ ପାଇଁ ଏକ ଯୁଗପତି ଆଶୀର୍ବାଦ ଥିଲା। ପିତା ରାଧାକୃଷ୍ଣ ଉର୍ଦ୍ଦୁ ଏବଂ ପର୍ସିଆନ୍ ଭାଷାର ଜଣେ ବଡ଼ ବିଦ୍ୱାନ ପଣ୍ଡିତ ଥିଲେ ଏବଂ ତାଙ୍କ ମାତା ଜଣେ ସନ୍ତାନବତ୍ସଳା, ଧର୍ମପରାୟଣା ମହିଷୀ ଥିଲେ, ଯେ କି ନିଜ ସନ୍ତାନମାନଙ୍କୁ ଉତ୍ତମ ନୈତିକ ଶିକ୍ଷା ପ୍ରଦାନ କରିବାରେ ସଦାସର୍ବଦା ବ୍ରତୀ ଥିଲେ। ଏହାହିଁ ଲାଲା ଲାଜପତ ରାୟଙ୍କୁ ସ୍ୱାଧୀନଚେତା ହୋଇ ନିର୍ଭୀକଭାବେ ଦେଶମାତୃକାକୁ ବ୍ରିଟିଶ୍‌ମାନଙ୍କ ବନ୍ଧନରୁ ମୁକ୍ତ କରିବା ପରି ଦୁର୍ଲଭ ଅଭିଳାଷ ଓ ମୂଲ୍ୟବୋଧରେ ଅଭିଷିକ୍ତ କରିଥିଲା।

ଲାଲା ଲାଜପତ ରାୟ ଅବିରତ ଭାରତ ମାଟିର ସ୍ୱାଧୀନତା ପାଇଁ ଚିନ୍ତା ପ୍ରକଟ କରି ବିଭିନ୍ନ ପଦକ୍ଷେପମାନ ନେଉଥିଲେ। ତେଣୁ ସେ ଆମେରିକାରୁ ପ୍ରଥମ ଯୁଦ୍ଧ ପରେ ଫେରି ଗାନ୍ଧିଜୀଙ୍କ ସହ ମିଶି ଜାତୀୟ କଂଗ୍ରେସ ତରଫରୁ ୧୯୨୦ରେ ଅସହଯୋଗ ଆନ୍ଦୋଳନକୁ ତୀବ୍ର କରାଇଥିଲେ। ପରେ ୧୯୨୧ରୁ ୧୯୨୩ ପର୍ଯ୍ୟନ୍ତ ସେ ଜେଲରେ ବନ୍ଦୀ ଜୀବନ କଟାଉଥିବା ସମୟରେ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ମାତ୍ର ୧୯୨୮ରେ ବ୍ରିଟିଶ୍ ସାଇମନ କମିଶନ ଘୋଷଣାନାମାକୁ ବିରୋଧ କରି ସେ ସମ୍ମୁଖ ସଂଗ୍ରାମରେ ଅବତୀର୍ଣ୍ଣ ହୋଇଥିଲେ। ବ୍ରିଟିଶ୍ ସରକାରଙ୍କ ବିରୋଧରେ ମେଳିକରି ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ଦ୍ୱାରା ଏହାର ପ୍ରତିବାଦ କରିଥିଲେ। ସାଇମନ କମିଶନ ପ୍ରସଂଗରେ ଭାରତର ବହୁ ଜାତୀୟ ନେତା ନେହେରୁ, ଗାନ୍ଧୀ, ଜିନ୍ନା (ପାକିସ୍ତାନ), ମୁସଲିମ୍ ଲିଗ ଏବଂ ଭାରତୀୟ ଜାତୀୟ କଂଗ୍ରେସ ସାମିଲ ହୋଇ ବ୍ରିଟିଶ ପାର୍ଲାମେଣ୍ଟର ଯେଉଁ ସାତଜଣିଆ କମିଟି ଗଠନ ହୋଇଥିଲା ସେଥିରେ କୌଣସି ଭାରତୀୟଙ୍କ ସ୍ଥାନ ନ ଥିଲା, ତେଣୁ ସେମାନେ ତାହାର ପ୍ରବଳ ବିରୋଧ କରିଥିଲେ। ମାତ୍ର ଲାହୋର୍‌ରେ ଲାଲା ଲାଜପତ୍ ରାୟଙ୍କ ବ୍ରିଟିଶ୍ ବିରୋଧରେ ଶାନ୍ତିପୂର୍ଣ୍ଣ ମେଳି ଏହି ପ୍ରତିବାଦକୁ ଆଉପାଦେ ଆଗକୁ ନେଇଥିଲା। ଏହି ମେଳିକୁ ଭଣ୍ଡୁର କରିବାକୁ ତଦାନୀନ୍ତନ ନିଷ୍ଠୁର ପୋଲିସ ସୁପରିଂଟେଣ୍ଡେଣ୍ଟ ଜେମ୍‌ସ ଏ. ସ୍କଟ୍ ବିଦ୍ରୋହ କରୁଥିବା ସ୍ୱାଧୀନତା ସଂଗ୍ରାମୀଙ୍କ ଉପରେ ଲାଠିଚାର୍ଜ ପାଇଁ ନିର୍ଦ୍ଦେଶ ଦେଇଥିଲେ। ରୁକ୍ଷ ପୋଲିସ ବାହିନୀ ଅର୍ଡର ପାଇବା ମାତ୍ରେ ନିଜର ଅମାନବିକତା ଓ ଅବିବେକି ପଣିଆ ନୀତିରେ ଲାଲା ଲାଜପତ୍ ରାୟଙ୍କୁ ଉଦ୍ଦେଶ୍ୟମୂଳକଭାବେ ତାଙ୍କ ଛାତିରେ ଲାଠି ଚାର୍ଜ କରି ତାଙ୍କୁ ଗଭୀର ଭାବେ କ୍ଷତବିକ୍ଷତ କରି ଦେଇଥିଲେ। ପରିଶେଷରେ ଦୁଇ ସପ୍ତାହ ପରେ ଲାଲା ଲାଜପତ ରାୟ ବର୍ତ୍ତମାନର ପାକିସ୍ତାନ ଅନ୍ତର୍ଗତ ଲାହୋରଠାରେ ଚିକିତ୍ସାଧୀନ ଅବସ୍ଥାରେ ହୃଦ୍‌ଘାତରେ ୧୯୨୮ ନଭେମ୍ବର ୧୭ରେ ମୃତ୍ୟୁବରଣ କରିଥିଲେ।

ସ୍ୱାଧୀନତାର ସୂର୍ଯ୍ୟ ଉଦୟ ପୂର୍ବରୁ ଭାରତର ଏହି ମହାନ ଜାତୀୟ ସଂଗ୍ରାମୀଙ୍କର ଜୀବନ ଅକାଳରେ ଅସ୍ତମିତ ହୋଇଗଲା। ଲାଲା ଲାଜପତ ରାୟ ପରାଧୀନ ଭାରତର ଜଣେ ଅପ୍ରତିଦ୍ୱନ୍ଦ୍ୱୀ ସ୍ୱାଧୀନଚେତା ସଂଗ୍ରାମୀ ଥିଲେ। ତାଙ୍କର ଏତାଦୃଶ ଦେଶପ୍ରାଣତା, ଜାତୀୟପ୍ରୀତି ଏବଂ ସ୍ୱଦେଶବତ୍ସଳତା ଯୋଗୁ ତାଙ୍କୁ 'ପଞ୍ଜାବ କେଶରୀ' ବା 'ପଞ୍ଜାବର ସିଂହ' ବୋଲି କୁହାଯାଏ। ତାଙ୍କ ଲିଖିତ 'ଆର୍ଯ୍ୟ ସମାଜର ଇତିହାସ', 'ସ୍ୱରାଜ ଏବଂ ସାମାଜିକ ପରିବର୍ତ୍ତନ', 'ଜାତୀୟ ଶିକ୍ଷାର ସମସ୍ୟା ସମୁଚ୍ଚୟ, 'ଯୁକ୍ତରାଷ୍ଟ୍ର ଆମେରିକା: ଜନୈକ ହିନ୍ଦୁର ଅନୁଭୂତି ଓ ଅଧ୍ୟୟନ' ଇତ୍ୟାଦି ପୁସ୍ତକାବଳୀ ତାଙ୍କୁ ସବୁଦିନ ପାଇଁ ଭାରତୀୟମାନଙ୍କ ନିକଟରେ କାଳଜୟୀ କରି ରଖିଥିବ।

**ଡକ୍ଟର ନାରାୟଣ ବାରିକ୍,** ୮, ରୟାଲଗାର୍ଡ଼ନ, ଆଇଗିଣିଆ, ଭୁବନେଶ୍ୱର-୧୯, ମୋ: ୯୩୪୮୯୪୮୫୪୭




# ନିଖିଳ ଉତ୍କଳ ଶିଶୁମେଳା ସମିତିର ୪୨ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ




ଚଣ୍ଡିଖୋଲ,(ପି.ଏନ୍):ଯାଜପୁର ଜିଲାର ସର୍ବ ପୁରାତନ ଶିଶୁମେଳା ଅନୁଷ୍ଠାନ ନିଖିଳ ଉତ୍କଳ ଶିଶୁମେଳା ସମିତିର ୪୨ତମ ବାର୍ଷିକ ଉତ୍ସବ ଆଜି ଚଣ୍ଡିଖୋଲସ୍ଥିତ ଶିଶୁ ପାଠାଗାର ଠାରେ ଅନୁଷ୍ଠିତ ହୋଇଯାଇଛି। ଶିଶୁମେଳା ସମିତିର ସଭାପତି ଡ଼ଃ ପ୍ରିୟନାଥ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ଆଦର୍ଶ ଶିକ୍ଷକ ବିନାୟକ ନାୟକ, ଉଦଘାଟକ ଭାବେ ବର୍ଷିୟାନ ଶିକ୍ଷାବିତ୍ ବ୍ରହ୍ମାନନ୍ଦ ଦାସ ଯୋଗଦେଇ ଶିଶୁମାନଙ୍କ ମଧ୍ୟରେ ଥିବା ଲୁକାୟିତ ପ୍ରତିଭାକୁ ବିକଶିତ କରିବା ଦିଗରେ ପିତାମାତା, ଗୁରୁମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ଏକ ମାଧ୍ୟମ ଯାହା ଶିଶୁମାନଙ୍କର ବିକାଶ ଦିଗରେ କାର୍ଯ୍ୟ କରିଥାଏ। ମା, ମାଟି, ମାତୃଭୂମି, ପିତାମାତା, ଗୁରୁ, ଅଭିଭାବକମାନଙ୍କୁ ଉପଯୁକ୍ତ ଭକ୍ତି ଓ ସମ୍ମାନ ଦ୍ୱାରା ପିଲାମାନେ ଆଶିର୍ବାଦ ପାଇ ଜୀବନରେ ଉନ୍ନତି କରିଥାନ୍ତି ବୋଲି ମତବ୍ୟକ୍ତ କରିଥିଲେ। ଶିଶୁ ମେଳା ସମିତିର ଉପ ସଭାପତି ଅଧ୍ୟାପକ ଅରୁଣ କୁମାର ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ସମ୍ପାଦକ ଶରତ ଚନ୍ଦ୍ର ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ପ୍ରାରମ୍ଭରେ ଚାଚା ନେହେରୁଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିବା ସହ ବିଣାପାଣି କଳାପୀଠର ଛାତ୍ରୀମାନେ ଆବାହନି ସଙ୍ଗିତ ଗାନ କରିଥିଲେ। ଏହି ଅବସରରେ କରୋନା ମହାମାରୀ ସମୟରେ ନିଜ ଜୀବନକୁ ବାଜି ଲଗାଇ ଲୋକମାନଙ୍କର ସେବା କରିଥିବା ପାଇଁ ଧର୍ମଶାଳାର ପ୍ରାକ୍ତନ ଥାନାଧିକାରୀ ସରୋଜ କୁମାର ସାହୁ, ବାଲିଚନ୍ଦ୍ରପୁର ଥାନାଧିକାରିଣୀ ବିଜୟିନୀ ମଲ୍ଲ, ଅଗ୍ନିଶ୍ରମ ଅଧିକାରୀ ପ୍ରଭାକର ସାହୁ, ବରିଷ୍ଠ ସାମ୍ବାଦିକ ପ୍ରଦୀପ୍ତ କୁମାର ପୃଷ୍ଟି ଓ ଅବିନେଶ୍ୱର ଶତପଥୀ, ଅଙ୍ଗନୱାଡ଼ି କର୍ମୀ ରିନାରାଣୀ ପତିଙ୍କୁ କରୋନା ଯୋଦ୍ଧା ଭାବେ ଉତରୀୟ, ମାନପତ୍ର, ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥି ସହିତ ଚଳିତ ମାଟ୍ରିକ୍ ପରୀକ୍ଷାରେ ଧର୍ମଶାଳା ଶିକ୍ଷା ମଣ୍ଡଳରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ର ବିଭୁ ପ୍ରସାଦ ତ୍ରିପାଠୀ ଓ ବଡ଼ଚଣା ଶିକ୍ଷା ମଣ୍ଡଳରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀ ଶ୍ରଦ୍ଧା ସାମଲଙ୍କୁ ନଗଦ ଅର୍ଥରାଶି ସହ ମାନପତ୍ର, ଉପଢ଼ୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ଶିଶୁମେଳା ସମିତି ଦ୍ୱାରା ଅନଲାଇନ୍ ଯୋଗେ ଅନୁଷ୍ଠିତ ନୃତ୍ୟ ଓ ବକ୍ତୃତା ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ମହୋତ୍ସବକୁ ବିପିନ ଚନ୍ଦ୍ର ସ୍ୱାଇଁ, ଜଗନ୍ନାଥ ସାମନ୍ତରାୟ, ଅମ୍ରିତ ନାୟକ, ରମାକାନ୍ତ ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ। ଶେଷରେ ଶରତ ଚନ୍ଦ୍ର ସାହୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ପୁରୀ ଓ ଗଞ୍ଜାମରେ ୪ଟି ବୃହତ ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର, (ପି.ଏନ): ଲୋକସେବା ଭବନଠାରେ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ କୁମାର ଦାସ ବର୍ମାଙ୍କ ଅଧ୍ୟକ୍ଷତାରେ ପୁରୀ ଓ ଗଞ୍ଜାମ ଜିଲ୍ଲାର ବୃହତ ପାନୀୟ ଜଳ ପ୍ରକଳ୍ପର କାର୍ଯ୍ୟକାରି ନେଇ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ରହ୍ମଗିରି ବ୍ଲକର ରାୟବିଧାର ପଂଚାୟତ ସ୍ଥିତ ଭଣ୍ଡାରିକୁଦା ଠାରେ ଥିବା ୫୯ ଗୋଟି ଗ୍ରାମକୁ ଯୋଗାଇବାକୁ ଥିବା ବିଶୁଦ୍ଧ ପାନୀୟ ଜଳ ପ୍ରକଳ୍ପର କାର୍ଯ୍ୟ ଶୀଘ୍ର ପୂର୍ଣ୍ଣାଙ୍ଗ କରିବା ଉପରେ ଶ୍ରୀ ଦାସ ବର୍ମା ଗୁରୁତ୍ୱ ଆରୋପ କରିଛନ୍ତି।

ସେହିପରି ବ୍ରହ୍ମଗିରି ବ୍ଲକର ୬୯ ଗୋଟି ଗ୍ରାମ, କୃଷ୍ଣ ପ୍ରସାଦ ବ୍ଲକର ୩୦ ଗୋଟି ଗ୍ରାମ, ଗଞ୍ଜାମ ଜିଲ୍ଲା ଏବଂ ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କୃଷ୍ଣ ପ୍ରସାଦ ବ୍ଲକର ୯୨ ଗ୍ରାମକୁ ରାଜ୍ୟ ସରକାର ମଞ୍ଜୁର କରିଥିବା ଭୂତଳ ପାନୀୟ ଜଳ ପ୍ରକଳ୍ପର କାର୍ଯ୍ୟ ଅଧିକ ତ୍ୱରାନ୍ୱିତ କରିବା ପାଇଁ ବୈଠକରେ ଶ୍ରୀ ଦାସ ବର୍ମା ଗୁରୁତ୍ୱ ଦେଇଛନ୍ତି । ଏହି ବୈଠକରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଯୋଗ ଦେଇ ପଂଚାୟତିରାଜ ଓ ପାନୀୟ ଜଳ ବିଭାଗର ବରିଷ୍ଠ ଅଧିକାରୀମାନଙ୍କୁ ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀ ଓ ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ସମ୍ପୃକ୍ତ ଅଞ୍ଚଳକୁ ଗସ୍ତ କରି ଏକ ପୂର୍ଣ୍ଣାଙ୍ଗ ରିପୋର୍ଟ ୭ ଦିନ ମଧ୍ୟରେ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ୯୨ କୋଟି ଟଙ୍କା ବ୍ୟୟ ଅଟକଳରେ ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ପୁରୀ ସଦର ବ୍ଲକର ୧୧ ଗୋଟି ଗ୍ରାମ ପଂଚାୟତର ବୃହତ ପାନୀୟ ଜଳ ପ୍ରକଳ୍ପର କାର୍ଯ୍ୟ ତୁରନ୍ତ ଆରମ୍ଭ କରିବା ଉପରେ ଶ୍ରୀ ଦାସ ବର୍ମା ଗୁରୁତ୍ୱ ଦେଇଛନ୍ତି। ବୈଠକରେ ପଂଚାୟତିରାଜ ଓ ପାନୀୟ ଜଳ ବିଭାଗର ପ୍ରମୁଖ ଶାସନ ସଚିବ ଅଶୋକ କୁମାର ମୀନା, ପାନୀୟ ଜଳ ଓ ପରିମଳ ନିର୍ଦ୍ଦେଶକ, ବି. ପରମେଶ୍ୱର ଏବଂ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳର ସର୍ବୋଚ୍ଚ ଯନ୍ତ୍ରୀ ଓ ମୁଖ୍ୟ ଯନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ବିର୍ସାମୁଣ୍ଡା ଜନଜାତି ଅସ୍ମିତା ଓ ସ୍ୱାଭିମାନର ପ୍ରତୀକ

ଭୁବନେଶ୍ୱର, (ପି.ଏନ): ଭଗବାନ ବିର୍ସାମୁଣ୍ଡାଙ୍କ କୀର୍ତି ଓ ଜୀବନାଦର୍ଶ ଚିରକାଳ ପ୍ରେରଣାର ଉତ୍ସ ହୋଇ ରହିବ ବୋଲି ଦର୍ଶାଇ ଅତିଥିମାନେ ତାଙ୍କ ପ୍ରତି ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଓଡିଶା ସରକାରଙ୍କ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଅନ୍ତର୍ଗତ ଏସ୍.ସି.ଏସ୍.ଟି. ଆର.ଟି.ଆଇ ଏବଂ ଭାରତ ସରକାରଙ୍କ ଜନଜାତି ବ୍ୟାପାର ମନ୍ତ୍ରାଳୟର ମିଳିତ ସହଯୋଗରେ ଆଜି ଅନୁଷ୍ଠିତ ଏକ ଜାତୀୟ ଆଭାସୀ ଆଲୋଚନା ଚକ୍ରରେ "ଭାରତର ସ୍ୱାଧୀନତା ସଂଗ୍ରାମରେ ଭଗବାନ ବିର୍ସା ମୁଣ୍ଡାଙ୍କ ଅବଦାନ" ପ୍ରସଙ୍ଗ ଉପରେ ଆଲୋଚକମାନେ ବକ୍ତବ୍ୟ ରଖିଛନ୍ତି।ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଓଡିଶାର ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ମନ୍ତ୍ରୀ ଶ୍ରୀ ଜଗନ୍ନାଥ ସାରକା, ବିଭାଗୀୟ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ରଂଜନା ଚୋପ୍ରା, କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରଣାଳୟର ଯୁଗ୍ମ ସଚିବ ଡ. ନଭଲଜିତ କପୁର, ଆହ୍ଲାବାଦ ବିଶ୍ୱବିଦ୍ୟାଳୟର ନୃତତ୍ୱ ବିଭାଗର ପ୍ରାକ୍ତନ ମୁଖ୍ୟ ପ୍ରଫେସର ବିଜୟ ଏ ସହାୟ ପ୍ରମୁଖ ବକ୍ତବ୍ୟ ରଖି ଭଗବାନ ବିର୍ସାଙ୍କୁ ଜନଜାତି ଅସ୍ମିତା ଓ ସ୍ୱାଭିମାନର ମୂର୍ତିମନ୍ତ ପ୍ରତୀକ ଭାବରେ ଅଭିହିତ କରିଥିବା ବେଳେ ରାଜ୍ୟ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଗବେଷଣା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ନିର୍ଦ୍ଦେଶକ ପ୍ରଫେସର (ଡ.) ଅଖିଳ ବିହାରୀ ଓତା ସ୍ୱାଗତ ଭାଷଣ କ୍ରମେ ରାଷ୍ଟ୍ରନିର୍ମାଣରେ ଯୋଗଦାନ ଓ ପ୍ରାଣବଳି ଦେଇଥିବା ଜନଜାତି ନାୟକମାନଙ୍କର ସ୍ମୃତି ଚାରଣ ଲାଗି ଦେଶର ବିଭିନ୍ନ ପ୍ରାନ୍ତରେ ଚଳିତ ମାସ ୧୫ରୁ ୨୨ ତାରିଖ ପର୍ଯ୍ୟନ୍ତ ଆଇକନିକ ସପ୍ତାହ ପାଳନ କରାଯାଇଛି ବୋଲି ଉଲ୍ଲେଖ କରିଥିଲେ। ବୈଷୟିକ ଅଧିବେଶନରେ ବାରିପଦାସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର କୁଳପତି ଡ. କିଶୋର କୁମାର ବାସା, ବିଦ୍ୟାସାଗର ବିଶ୍ୱବିଦ୍ୟାଳୟର ନୃତତ୍ୱ ବିଭାଗ ପ୍ରଫେସର ସୁମହନ୍ ବଂନ୍ଦୋପାଧ୍ୟାୟ, ରାଂଚିସ୍ଥିତ ମୁଣ୍ଡାରୀ ଲୋକଭାଷା ପାଠ୍ୟକ୍ରମର ସଂଯୋଜକ ଗୁଂଜଲ ଉକିର ମୁଣ୍ଡା, ରାଂଚିସ୍ଥିତ ଡ. ଶ୍ୟାମାପ୍ରସାଦ ମୁଖାର୍ଜୀ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଡ. ସତ୍ୟନାରାୟନ ମୁଣ୍ଡା ପ୍ରମୁଖ ବିଦ୍ୱାନ ଓ ଶିକ୍ଷାବିତ୍ ଅଂଶଗ୍ରହଣ କରି ବୀର ବୀର୍ସାଙ୍କ ଜୀବନ ଓ କୃତିତ୍ୱ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଦେଶର ବିଭିନ୍ନ ଅଂଚଳରୁ ଗବେଷକ, ଶିକ୍ଷାବିତ୍, ବିଦ୍ୱାନ, ଜନଜାତି ବିକାଶ କର୍ମୀ, ଜନଜାତି ବିକାଶ ସଂସ୍ଥାନ ଓ ଉତ୍କର୍ଷ କେନ୍ଦ୍ରର ପ୍ରତିନିଧି, କେନ୍ଦ୍ର ସରକାରଙ୍କ ଜନଜାତି ମନ୍ତ୍ରଣାଳୟ ଓ ବିଭିନ୍ନ ରାଜ୍ୟର ଜନଜାତି ଉନ୍ନୟନ ବିଭାଗର ବରିଷ୍ଠ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ।

## ସାମ୍ବାଦିକଙ୍କ ବୀମା ୫ଲକ୍ଷ ଓ ସୁରକ୍ଷା ଆଇନ ଲାଗୁ ହେଉ

ଭୁବନେଶ୍ୱର, (ପି.ଏନ): ସାମ୍ବାଦିକ ସୁରକ୍ଷା ପାଇଁ ସ୍ୱତନ୍ତ୍ର ଆଇନ୍ ପ୍ରଣୟନ କରିବାକୁ ଦାବି କରିଛି ସାମ୍ବାଦିକ ମିଳିତ ମଂଚ। ମଂଚର ଆବାହକ ଲିଙ୍ଗରାଜ ସାହୁ କହିଛନ୍ତି ଯେ, ଅନେକ ସମୟରେ କାର୍ଯ୍ୟରତ ସାମ୍ବାଦିକମାନେ କର୍ତବ୍ୟ କରୁଥିବା ବେଳେ ବହୁବାର ଆକ୍ରମଣର ଶିକାର ହେଉଛନ୍ତି। ଏଣୁ ସ୍ୱତନ୍ତ୍ର ଆଇନ୍ ପ୍ରଣୟନ ତୁରନ୍ତ କରିବା ଆବଶ୍ୟକ ରହିଛି। ସାମ୍ବାଦିକ କଲ୍ୟାଣ ପାଣ୍ଠିକୁ ବୃଦ୍ଧି କରିବା, ସାମ୍ବାଦିକ ଚିହ୍ନଟ କରି ସାମ୍ବାଦିକଙ୍କ ସ୍ୱାସ୍ଥ୍ୟ ବୀମାକୁ ୨ଲକ୍ଷରୁ ୫ଲକ୍ଷ ଟଙ୍କାକୁ ବୃଦ୍ଧି କରିବାବାକୁ ଦାବି କରାଯାଇଛି। ଏଥି ପାଇଁ ବରିଷ୍ଠ ସାମ୍ବାଦିକଙ୍କ ସ୍ୱାକ୍ଷର ସଂଗ୍ରହ କରି ପୁଣି ବିଧାୟକମାନଙ୍କୁ ଭେଟିବା ସହ ମନ୍ତ୍ରୀ, ସୂଚନା ଓ ଲୋକସଂପର୍କ ଉପଦେଷ୍ଟା, ମୁଖ୍ୟମନ୍ତ୍ରୀ ଓ ରାଜ୍ୟପାଳଙ୍କୁ ମଳିତ ମଂଚ ସଭ୍ୟମାନେ ଭେଟିବା ଅଭିଯାନ ଆରମ୍ଭ ହୋଇଛି ବୋଲି କୁହାଯାଇଛି।

# ଆଦିବାସୀମାନଙ୍କୁ ସଂଗଠିତ କରି ବ୍ରିଟିଶ ବିରୁଦ୍ଧରେ ଦୁର୍ବାର ସଶସ୍ତ୍ର ସଂଗ୍ରାମ କରିଥିଲେ ବିର୍ସାମୁଣ୍ଡା

ଭୁବନେଶ୍ୱର, (ପି.ଏନ): ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ଆଦିବାସୀମାନଙ୍କୁ ଏକତ୍ରିତ କରି ବଙ୍ଗ, ବିହାର ଓ ଓଡ଼ିଶାରେ ବନବାସୀ ପ୍ରଜାମାନଙ୍କୁ ନେଇ ବ୍ରିଟିଶ୍ ଶାସନ ବିରୁଦ୍ଧରେ ଦୁର୍ବାର ବିଦ୍ରୋହ କରିଥିବା ଶହୀଦ ବିର୍ସା ମୁଣ୍ଡାଙ୍କ ୧୪୬ତମ ଜୟନ୍ତୀ ଆଜି ପ୍ରତ୍ୟୁଷରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଭୁବନେଶ୍ୱର ମୈତ୍ରୀବିହାରସ୍ଥିତ ତାଙ୍କ ପ୍ରତିମୂର୍ତି ସ୍ଥଳୀରେ ଭାବପୂର୍ଣ୍ଣ ପରିବେଶରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ ଯୋଗଦେଇ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ଦୀପଦାନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ସ୍ଥାନୀୟ ଆଦିବାସୀ ଭାଇ ଭଉଣୀମାନେ ଆଦିବାସୀ ପରମ୍ପରାରେ ତାଙ୍କ ଭଗବାନ ସ୍ୱରୂପ ବିର୍ସା ମୁଣ୍ଡାଙ୍କୁ ପୂଜାର୍ଚ୍ଚନା କରି ନୈବେଦ୍ୟ ଅର୍ପଣ କରିଥିଲେ । ନିଜ ବକ୍ତବ୍ୟରେ ବକ୍ତାମାନେ ଦେଶକୁ ସ୍ୱାଧୀନ କରି ବ୍ରିଟିଶ୍ ଶକ୍ତିକୁ ଦେଶରୁ ହଟେଇବାକୁ ବିର୍ସାମୁଣ୍ଡା ଆଦିବାସୀ ଓ ବନବାସୀ ପ୍ରଜାମାନଙ୍କୁ ଏକାଠି କରି ବଙ୍ଗ, ବିହାର ଓ ଓଡ଼ିଶାରେ ବ୍ରିଟିଶ୍ ବିରୁଦ୍ଧରେ ସଶସ୍ତ୍ର ଆନ୍ଦୋଳନ ଗଢ଼ିତୋଳି ବ୍ରିଟିଶ୍ ଶାସନକୁ ଥରହର କରିଥିଲେ । ଏହି ସଂଘର୍ଷରେ ନେତୃତ୍ୱ ନେଇ କାରାବରଣ କରି ଅକଥନୀୟ ନିର୍ଯ୍ୟାତନା ଭୋଗ କରିଥିଲେ । କାରାବାସ ସମୟରେ ସନ୍ଦେହଜନକ ଭାବରେ ତାଙ୍କର ମୃତ୍ୟୁ ହୋଇଥିଲା । ତାଙ୍କର ସଂଘର୍ଷ ଓ ବଳିଦାନ ଦେଶପ୍ରେମ ପ୍ରତି ଯୁବସମାଜକୁ ଚିରଦିନ ଅନୁପ୍ରାଣିତ କରିବ ବୋଲି ମତବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ଉତର ବିଧାୟକ ସୁଶାନ୍ତ କୁମାର ରାଉତ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଶାସନ ସଚିବ ଡଃ ସୁରେଶ ଚନ୍ଦ୍ର ଦଳାଇ, ନିର୍ଦ୍ଦେଶକ ରଂଜନ କୁମାର ଦାସ, ବିଜୁଜନତା ଦଳ ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ସଂଯୋଜକ ପ୍ରବୀର ମହାନ୍ତି ପ୍ରମୁଖ ଯୋଗଦେଇଥିଲେ ।

## ଆତ୍ମାର ମୃତ୍ୟୁ ନାହିଁ, ଆତ୍ମା ଅବିନଶ୍ୱର : ମନ୍ତ୍ରୀ ନବ ଦାସ

ଭୁବନେଶ୍ୱର,(ପି.ଏନ): ଆତ୍ମାର ମୃତ୍ୟୁ ନାହିଁ, ଆତ୍ମା ଅବିନଶ୍ୱର । ପୂଣ୍ୟାତ୍ମା ମାନେ ସର୍ବଦା ଭଲ କାର୍ଯ୍ୟ କରି ଏହି ସଂସାରରୁ ବିଦାୟ ନେଇଥାଆନ୍ତି । ସେହିଭଳି ଜଣେ ମହାନ ଆତ୍ମା ଥିଲେ ପୂର୍ବତନ ସିବିଆଇ ଡାଇରେକ୍ଟର ଜେନେରାଲ ସ୍ୱର୍ଗତ ଉମାଶଙ୍କର ମିଶ୍ର । ସେ ଆଜି ଆମ ଗହଣରେ ନାହାନ୍ତି ସତ କିନ୍ତୁ ତାଙ୍କର ସ୍ମୃତି ର ଛାପ ଛାଡିଦେଇଯାଇଛନ୍ତି ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସ ପ୍ରକାଶ କରିଛନ୍ତି । ସ୍ଥାନୀୟ ଇଡକଲ ଅଡିଟୋରିଅମ୍ ଠରେ ଆୟୋଜିତ ସ୍ୱର୍ଗତ ଉମାଶଙ୍କର ଦାସ ଙ୍କ ସ୍ମୃତି ସଭାରେ ଯୋଗଦେଇମନ୍ତ୍ରୀ ଶ୍ରୀ ଦାସ କହିଲେଯେ, ଉମାଶଙ୍କର ଦାସ ଙ୍କ ସହ ତାଙ୍କର ସମ୍ପର୍କ ଦିର୍ଘଦିନର ଓ ଘନିଷ୍ଠ ମଧ । ସେ ଜଣେମେଳାପି ସାଧୁ ଓ ସଚ୍ଚୋଟ ଅଫିସର ଥିଲେ । ତାଙ୍କର କାର୍ଯ୍ୟ ଦକ୍ଷତାର ପଟାନ୍ତର ନାହିଁ । ଏହି ଅବସରରେ ଯୋଗ ଦେଇ ପୋଲିସ ମହାନିର୍ଦ୍ଦେଶକ ଶ୍ରୀ ଅଭୟ ସ୍ୱର୍ଗତ ଉମାଶଙ୍କର ଦାସ ଙ୍କ ସହିତ ତାଙ୍କର ସ୍ମୃତି ଚାରଣ କରି କହିଲେଯେ ଶ୍ରୀ ଦାସ ହେଉଛନ୍ତି ପ୍ରଥମ ଓଡିଆ ଯିଏକି ସିବିଆଇ ଭଳି ସଂସ୍ଥାରେ ଡାଇରେକ୍ଟର ଜେନେରାଲ ହୋଇପାରିଥିଲେ ଏହା କେବଳ ତାଙ୍କର କର୍ତବ୍ୟପରାୟଣତା, ସାଧୁତା ଓ ସଚ୍ଚୋଟତା ଯୋଗୁ ସମ୍ଭବ ହୋଇପାରିଥିଲା । ମୁଁ ତାଙ୍କ ସହିତ କାର୍ଯ୍ୟ କରିବାର ସୌଭାଗ୍ୟ ଲାଭ କରିଛି। ତାଙ୍କର କାର୍ଯ୍ୟଶୈଳି ଦ୍ୱାରା ମୁଁ ପ୍ରଭାବିତ । ସ୍ମୃତି ସଭାରେ ଯୋଗଦେଇ ଅଗ୍ନିଶମ ଓ ହୋମଗାର୍ଡ ଡାଇରେକ୍ଟର ଜେନେରାଲ ଏମ ଅକ୍ଷୟ କହିଲେଯେ ସ୍ୱର୍ଗତ ଦାସ ଙ୍କ ସରଳତା ଓ ନମ୍ରତା ଗୁଣ ତାଙ୍କୁ ସମସ୍ତଙ୍କର ପ୍ରିୟପାତ୍ର କରିଥିଲା, ଅହଙ୍କାର ତାଙ୍କୁ କେବେ ସ୍ପର୍ଶ କରିନଥିଲା , ସେ ଜଣେ କର୍ମବୀର ଥିଲେ । ଏହା ସ୍ମୃତି ସଭାରେ ପୂର୍ବତନ ପୋଲିସ ଡିଜି ଶ୍ରୀ ଗୋପାଳ ଚନ୍ଦ୍ର ନନ୍ଦ, ଏ. ବି ତ୍ରୀପାଠୀ, ବରିଷ୍ଠ ପ୍ରଶାସକ ବିବେକ ପଟ୍ଟନାୟକ, ଡଃ ହୃଷିକେଶ ପଣ୍ଡା ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଉମାଶଙ୍କର ମିଶ୍ର ଙ୍କ ସ୍ମୃତିଚାରଣ କରିଥିଲେ ।

## ଭଗବାନ ବିର୍ସା ମୁଣ୍ଡା ଯୁବ ସମାଜ ପାଇଁ ପ୍ରେରଣା : ସମୀର ମହାନ୍ତି

ଭୁବନେଶ୍ୱର, (ପି.ଏନ): ଭାରତୀୟ ଜନଜାତି ସମାଜର ପରିଚୟକୁ ନଷ୍ଟ କରିବା ପାଇଁ ହେଉଥିବା ଷଡଯନ୍ତ୍ର ବିରୋଧରେ ଭଗବାନ ବିର୍ସା ମୁଣ୍ଡା ସଂଘର୍ଷ ଜାରି ରଖିଥିଲେ । 'ଧରତୀ ଆବା' ନାମରେ ପରିଚିତ ବୀର ବିର୍ସା ମୁଣ୍ଡା ସମାଜ ପାଇଁ ବଂଚିଥିଲେ ଏବଂ ନିଜର ସଂସ୍କୃତି ଓ ଦେଶ ପାଇଁ ନିଜ ଜୀବନକୁ ବଳିଦାନ ଦେଇଥିଲେ । ଭାରତବର୍ଷକୁ ଖଣ୍ଡ ବିଖଣ୍ଡିତ କରିବା ଓ ଭାରତୀୟ ସମାଜକୁ ବିଭେଦ କରିବା ପାଇଁ ଯେଉଁ ଧର୍ମାନ୍ତରୀକରଣ ଚାଲିଛି ତାହା ଅତ୍ୟନ୍ତ ଚିନ୍ତାଜନକ ଅଟେ। ଯେଉଁଭଳି ଭାବରେ ବ୍ରିଟିଶ ଶାସନ ବିରୋଧରେ ସ୍ୱର ଉତୋଳନ କରି ବୀର ବିର୍ସା ମୁଣ୍ଡା ଧର୍ମାନ୍ତରୀକରଣ ବିରୁଦ୍ଧରେ ଲଢେଇ କରିଥିଲେ, ତାହା ଯୁବ ସମାଜକୁ ଅନ୍ୟାୟ ଓ ଦୁର୍ନୀତି ବିରୁଦ୍ଧରେ ଲଢିବା ପାଇଁ ସର୍ବଦା ପ୍ରେରଣା ଦେବ ବୋଲି ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି ।ପ୍ରତିବର୍ଷ ନଭେମ୍ବର ୧୫ ତାରିଖରେ ଭଗବାନ ବିର୍ସା ମୁଣ୍ଡାଙ୍କ ଜୟନ୍ତୀକୁ ସାରା ଦେଶରେ 'ଜନଜାତୀୟ ଗୌରବ ଦିବସ' ଭାବେ ପାଳନ କରିବା ପାଇଁ ମୋଦି ସରକାରଙ୍କ ନିଷ୍ପତି ଅତ୍ୟନ୍ତ ସ୍ୱାଗତଯୋଗ୍ୟ ଏବଂ ଏହା ସମଗ୍ର ଜନଜାତି ସମାଜକୁ ସର୍ବଭାରତୀୟ ସ୍ତରରେ ସର୍ବଶ୍ରେଷ୍ଠ ସମ୍ମାନ ଅଟେ ବୋଲି ରାଜ୍ୟ ସଭାପତି ଶ୍ରୀ ମହାନ୍ତି କହିଛନ୍ତି । ମହାନ ଜନଜାତି ଜନନାୟକ, ସ୍ୱାଧୀନତା ସଂଗ୍ରାମୀ ତଥା ଭଗବାନ ବୀର ବିର୍ସାମୁଣ୍ଡାଙ୍କ ୧୨୧ତମ ଜୟନ୍ତୀ ଅବସରରେ ଆଜି ସମ୍ବଲପୁର ଜିଲ୍ଲା ଅଇଁଠାପାଲିସ୍ଥିତ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରି ରାଜ୍ୟ ସଭାପତି ଶ୍ରୀ ମହାନ୍ତି ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଛନ୍ତି । ଏହି ଅବସରରେ ବିଧାୟକ ଜୟନାରାୟଣ ମିଶ୍ର, ନାଉରୀ ନାଏକ, ରାଜ୍ୟ ସାଧାରଣ ସଂପାଦକ ରବି ନାଏକ, ରାଜ୍ୟ ସଂପାଦକ କାଳନ୍ଦୀ ସାମଲ, ଜିଲ୍ଲା ସଭାପତି ଗିରୀଷ ପଟେଲ, ପୂର୍ବତନ ଜିଲ୍ଲା ସଭାପତି ରାମଚନ୍ଦ୍ର ମେହେରଙ୍କ ସମେତ ବହୁ କାର୍ଯ୍ୟକର୍ତା ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଛନ୍ତି ।ଦୁଇ ଦିନିଆ ପଶ୍ଚିମ ଓଡ଼ିଶା ଗସ୍ତରେ ଯାଇଥିବା ରାଜ୍ୟ ସଭାପତି ଶ୍ରୀ ମହାନ୍ତି ଦ୍ୱିତୀୟ ଦିନରେ ଆଜି ବୌଦ୍ଧ ଜିଲ୍ଲା ଗସ୍ତ କରି ବିଭିନ୍ନ ଦଳୀୟ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି ।

# ବର୍ଷିୟାନ୍ ବାମପନ୍ଥୀ ନେତା ସୁବଳ ଚରଣ ନାୟକ(୯୫)ଙ୍କର ଦେହାନ୍ତରେ ଶୋକ

ଚଣ୍ଡିଖୋଲ, (ପି.ଏନ୍)-ବଡ଼ଚଣା ବ୍ଲକ୍ ଅନ୍ତର୍ଗତ ନୂଆ-ସୁଙ୍ଗୁଡ଼ା ଗ୍ରାମର ବର୍ଷିୟାନ୍ କମ୍ୟୁନିଷ୍ଟ ନେତା ତଥା ବିଶିଷ୍ଟ କୃଷକ ସୁବଳ ଚରଣ ନାୟକଙ୍କ ଦେହାନ୍ତ ହୋଇଯାଇଛି। ତାଙ୍କର ଦେହାନ୍ତ ଖବର ପାଇ ସୁଙ୍ଗୁଡ଼ା ବ୍ରାଂଚର କମ୍ୟୁନିଷ୍ଟ ସାଥିମାନେ ତାଙ୍କ ନୂଆ ସୁଙ୍ଗୁଡ଼ାସ୍ଥିତ ବାସଗୃହ ଠାରେ ପଂହଚିଥିଲେ। ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ବଡ଼ଚଣା ଜୋନାଲ୍ କମିଟିର ସଂପାଦକ କମ୍ରେଡ୍ ଇଶ୍ୱର ଚନ୍ଦ୍ର ପରିଡ଼ା, ଜିଲା ସହ ସଂପାଦକ ଅଜୟ କୁମାର ବିଶ୍ୱାଳ, ଜିଲା କାର୍ଯ୍ୟକାରୀ କମିଟି ସଭ୍ୟ କମ୍ରେଡ୍ ଯତିନ୍ଦ୍ର ଜେନା, ସୁଙ୍ଗୁଡ଼ା ଶାଖା ସଂପାଦକ କମ୍ରେଡ୍ ଭଗବାନ୍ ପଣ୍ଡା, ସାଥି ସୁକାନ୍ତ କୁମାର ଜେନା, ଯୁଧିଷ୍ଠିର ସାହୁ, ଭାସ୍କର ନାରାୟଣ ସେଠୀ, ରଂଜନ କୁମାର ଜେନା, ଦୁଷ୍ମନ୍ତ କୁମାର ସ୍ୱାଇଁ, ବିଚିତ୍ରାନନ୍ଦ ଜେନା ପ୍ରମୁଖ ସେଠାରେ ପଂହଚି ସ୍ୱର୍ଗତ ନାୟକଙ୍କ ମର ଶରୀର ଉପରେ ଲାଲ୍ ପତାକା ଓ ପୁଷ୍ପମାଲ୍ୟ ପ୍ରଦାନ କରିବା ସଂଗେ ସଂଗେ ତାଙ୍କ ମର ଶରୀରକୁ ନେଇ ଗାଁ ପରିକ୍ରମା କରିବା ସଂଗେ ସଂଗେ ଗ୍ରାମ୍ୟ ଶ୍ମଶାନରେ ପଂହଚିଥିଲେ। ସେଠାରେ ତାଙ୍କର ଶବ ଦାହ କରାଯାଇଥିଲା। ଏହି ଗ୍ରାମ ପରିକ୍ରମାରେ ତାଙ୍କ ନିଜ ଗ୍ରାମ ନୂଆ ସୁଙ୍ଗୁଡ଼ାର ଗ୍ରାମବାସୀ ଓ ବନ୍ଧୁ ବାନ୍ଧବ ଯୋଗଦେଇଥିଲେ। ତାଙ୍କ ମୃତ୍ୟୁରେ ତାଙ୍କ ଗ୍ରାମ ସମେତ ଚଣ୍ଡିଖୋଲ ଛକର ବହୁ ବିଶିଷ୍ଟ ବ୍ୟକ୍ତି ଶୋକ ପ୍ରକାଶ କରିଛନ୍ତି।

# ମୋ ବଡ଼ଚଣା ପକ୍ଷରୁ ମିନି ମାରାଥନ ପ୍ରତିଯୋଗିତା ଆୟୋଜିତ

ଚଣ୍ଡିଖୋଲ,(ପି.ଏନ୍):ପବିତ୍ର ଶିଶୁ ଦିବସ ଅବସରରେ ବଡ଼ଚଣା କ୍ରିୟାନୁଷ୍ଠାନ କମିଟି ଆନୁକୁଲ୍ୟରେ ମୋ ବଡ଼ଚଣା ମିଡନି ମାରାଥନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାକୁ ବଡ଼ଚଣା କ୍ରିୟାନୁଷ୍ଠାନ କମିଟି ସଭାନେତ୍ରୀ ମନୋରମା ଆଚାର୍ଯ୍ୟ ପତାକା ଦେଖାଇ ଉଦଘାଟନ କରିଥିଲେ। ବଡ଼ଚଣା ଠାରୁ ଚଣ୍ଡିଖୋଲ ଛକ ଦୀର୍ଘ ୩ କିମି ବ୍ୟାପି ଏହି ପ୍ରତିଯୋଗିତାରେ ଜିଲାର ବିଭିନ୍ନ ଅଂଚଳରୁ ଶତାଧିକ ପ୍ରତିଯୋଗି ଭାଗ ନେଇଥିଲେ। ଏହି ପ୍ରତିଯୋଗିତାରେ ରମାକାନ୍ତ ପ୍ରଧାନ ପ୍ରଥମ, ଚିନ୍ମୟ ରାଉତ ଦ୍ୱିତୀୟ ଓ ଜଗବନ୍ଧୁ ସେଠୀ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଚଣ୍ଡିଖୋଲ ଛକ ଠାରେ ଏକ ପୁରସ୍କାର ବିତରଣୀ ଉତ୍ସବରେ ଅନୁଷ୍ଠାନର ସଭାନେତ୍ରୀ ମନୋରମା ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ସ୍ୱାଧିନତା ସଂଗ୍ରାମୀ ସଂଘର ସଭାପତି ବର୍ଷିୟାନ ସ୍ୱାଧିନତା ସଂଗ୍ରାମୀ ନିଳମଣି ସାମଲ ଯୋଗଦେଇ କଷ୍ଟ ଲବ୍ଧ ସ୍ୱାଧିନତାକୁ ରକ୍ଷା କରିବା ପାଇଁ ଆଜିର ଯୁବପିଢ଼ୀଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଅଭିନେତ୍ରୀ କଙ୍ଗନା ରଣାଓ୍ୱତଙ୍କ ବିବାଦୀୟ ମନ୍ତବ୍ୟଟି ୧୯୪୭ ମସିହାରେ ଭାରତ ପାଇଥିବା ସ୍ୱାଧିନତା ତାହା ଥିଲା ଦୟା ଓ ଭିକ୍ଷାର ସ୍ୱାଧିନତା କହିବା ସହିତ ୨୦୧୪ ମସିହାରେ ଭାରତ ପ୍ରକୃତ ସ୍ୱାଧିନତା ପାଇବା ବୋଲି ଦେଇଥିବା ବିବାଦୀୟ ମନ୍ତବ୍ୟର ନିନ୍ଦା କରିବା ସହିତ କେନ୍ଦ୍ର ସରକାର ତାଙ୍କୁ ଦେଇଥିବା ପଦ୍ମଶ୍ରୀ ଉପାଧି ଫେରାଇ ନେବାକୁ ଦାବୀ କରିଛନ୍ତି। ସମ୍ମାନୀୟ ଅତିଥି ଭାବେ ଦର୍ପଣ ତହସିଲଦାର ପ୍ରଦୀପ୍ କୁମାର ସେଠୀ ଯୁବକମାନଙ୍କ ମଧ୍ୟରେ ଥିବା ଲୁକାୟିତ ପ୍ରତିଭାକୁ ବିକଶିତ କରିବା ସହିତ ସେମାନଙ୍କ ମଧ୍ୟରେ ଥିବା କ୍ରୀଡ଼ା ପ୍ରତିଭାକୁ ବିକଶିତ କରିବାରେ ଏହି ମାରାଥନ ପ୍ରତିଯୋଗିତା ସାହାର୍ଯ୍ୟ କରିବ। ସଭାନେତ୍ରୀ ଶ୍ରୀମତୀ ଆଚାର୍ଯ୍ୟ ଏହି ଗଣଦୌଡ଼ ଦ୍ୱାରା ବଡ଼ଚଣାର ଐତିହ୍ୟ, ସଂସ୍କୃତି, ପରମ୍ପରା, ପର୍ଯ୍ୟଟନ, ଶିକ୍ଷା, ସାହିତ୍ୟ, ଲୋକକଳା ଆଦି ପ୍ରଚାର ପ୍ରସାର ମୁଖ୍ୟ ଉଦ୍ଦେଶ୍ୟ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜୟ କୁମାର ତ୍ରିପାଠୀ, ବିର କିଶୋର ପ୍ରଧାନ, ସାମ୍ବାଦିକ ଶିବରାମ ସାହୁ, ମୋହନ ଖିଲାର, ପ୍ରତାପ ରାଉତରାୟ ପ୍ରମୁଖ ଯୋଗଦେଇ କ୍ରୀଡ଼ାବିତ୍ ମାନଙ୍କୁ ଉତ୍ସାହିତ କରିଥିଲେ। ଏହି କ୍ରୀଡ଼ାକୁ ଉଦୀୟମାନ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଭାପତି ଅବିନାଶ ଜେନା, ଚନ୍ଦନ ପଣ୍ଡା, ଅମ୍ଳାନ ସାମଲ, ଦିବ୍ୟ ଲୋଚନ ଜେନା, ବିକାଶ ସାହୁ, ବିବେକାନନ୍ଦ ବାରିକ୍, ପ୍ରଶାନ୍ତ ସିଂହ, ବିକ୍ରମ ସିଂହ, ତୁଷାର ରଂଜନ ସାହୁ, ଉମାକାନ୍ତ ସାହାଣୀ, ଜ୍ଞାନ ରଂଜନ ସିଂହ, ରଂଜନ କୁମାର ସିଂହ, ମହେନ୍ଦ୍ର କୁମାର ସିଂହ ପ୍ରମୁଖ ସହଯୋଗ କରିଥିଲେ।

# ଏଓବିଏସଓ ଛାତ୍ର ସଂଘ ତରଫରୁ ମାସ୍କ ବଂଟନ ସହ ଜନ ସଚେତନତା କାର୍ଯ୍ୟକ୍ରମ




ଭୁବନେଶ୍ୱର,(ପିନେ) : କୋଭିଡ଼ ମହାମାରୀ ନେଇ ତୃଣମୂଳସ୍ତରରେ ସଚେତନତାକୁ ବ୍ୟାପକ କରିବା ପାଇଁ ଅକ୍ଟୋବର ୨ ରୁ ମାନ୍ୟବର ମୂଖ୍ୟମନ୍ତ୍ରୀଙ୍କ ଆହ୍ୱାନ କ୍ରମେ "ଜନ ସଚେତନତା ଅଭିଯାନ" ଆରମ୍ଭ ହୋଇଛି । ଆଜି ଭୁବନେଶ୍ୱର ସ୍ଥିତ ରାଜମହଲ ଛକଠାରେ ଅଲ୍ ଓଡ଼ିଶା ବିପିୟୁଟି ଷ୍ଟୁଡେଂଟ୍ସ ଅର୍ଗାନାଇଜେସନ (ଏଓବିଏସଓ) ତରଫରୁ ମାସ୍କ ବଂଟନ ସହ ଜନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି । ଏହି କାର୍ଯ୍ୟକ୍ରମକୁ ସଂଘର ଉପ-ପ୍ରତିଷ୍ଠାତା ତଥା ଯୁବ ବିଜେଡ଼ି ରାଜ୍ୟ ସାଧାରଣ ସଂପାଦକ ତାରିଣୀ ପ୍ରସାଦ ନାୟକଙ୍କ ନେତୃତ୍ୱରେ ଉପଦେଷ୍ଟା ତଥା ଯୁବ ବିଜେଡ଼ି ବରିଷ୍ଠ ଉପ-ସଭାପତି ଧୃତି ମାର୍ଥା, ସଂଘର ଉପ-ପ୍ରତିଷ୍ଠାତା ବାସୁଦେବ ସା, ଯୁବ ବିଜେଡ଼ି ସାରାଧଣ ସମ୍ପାଦକ ଅବିନାଶ ପ୍ରଧାନ, କାର୍ଯ୍ୟକାରୀ ସଦସ୍ୟ ପ୍ରସନ୍ନ ପାଣି, ଯୁବ ବିଜେଡ଼ି ଯୁଗ୍ମ ସମ୍ପାଦକ ପୁର୍ଣ୍ଣେନ୍ଦୁ ପୂଜାପଣ୍ଡା, ଯୁବ ବିଜେଡ଼ି ସମ୍ପାଦକ ସୋନାଲି ପ୍ରିୟଦର୍ଶିନୀ, ଦିପ୍ତିମୟୀ ପତି, ଛାତ୍ର ବିଜେଡ଼ି ରାଜ୍ୟ ସାରାଧଣ ସମ୍ପାଦକ ସଂକେତ ରାୟ, ପିଙ୍କି, ମହିମା, କିଶୋର ବେହେରା, ଡିପ୍ଲୋମା ମୁଖ୍ୟ ସଂଗଠକ ତଥା ଛାତ୍ର ବିଜେଡ଼ି ସମ୍ପାଦକ ଅନନ୍ତ ନାରାୟଣ ଜେନା, ବିପିୟୁଟି ମୁଖ୍ୟ ସଂଗଠକ ତଥା ଛାତ୍ର ବିଜେଡ଼ି ଯୁଗ୍ମ ସମ୍ପାଦକ ପବନ ସ୍ୱାଇଁ, ଶ୍ରୀତମ ପଟ୍ଟନାୟକ, ଆଚାର୍ଯ୍ୟ ରକି ପ୍ରିୟଦର୍ଶନ, ରାକେଶ ପାତ୍ର, ଅଂକେଶ, ସ୍ମୃତିରାଜ ମହାନ୍ତି, ତନବୀର ଖାନ୍, ଡିପ୍ଲୋମା ସଭାପତି ବିକାଶ ପଣ୍ଡା, ଶୁଭମ ସ୍ୱାଇଁ, ଓମ୍ ପ୍ରସାଦ ବେହେରା, ଆଶିଷ ଦାସ, ନୀତିଶ, ଆଶୁତୋଷ, ଅରବିନ୍ଦ, ସନ୍ଦୀପ, ସ୍ୱାଗତ ମହାପାତ୍ର ଆଦି ଉପସ୍ଥିତ ଥିଲେ ।


## କଂଗ୍ରେସ ନେତା ପ୍ରଭାକର ଶତପଥୀଙ୍କ କନିଷ୍ଠ ପୁତ୍ର ବିୟୋଗରେ ଶୋକ

ଚଣ୍ଡିଖୋଲ, (ପି.ଏନ୍)-ବଡ଼ଚଣା ପଂଚାୟତ ସମିତିର ପ୍ରାକ୍ତନ ଅଧ୍ୟକ୍ଷ ତଥା କବି, ସାହିତ୍ୟିତ ପ୍ରଭାକର ଶତପଥୀଙ୍କ କନିଷ୍ଠ ପୁତ୍ର ଅମୃତ ଜ୍ୟୋତି ଶତପଥୀ(୪୬)ଙ୍କର ଭୁବନେଶ୍ୱର ଡ଼ାକ୍ତରଖାନାରେ ଚିକିତ୍ସା ହେବା ସମୟରେ ମୃତ୍ୟୁ ଘଟିଛି। ସେ ଦୀର୍ଘ ଦିନ ହେବ କ୍ୟାନ୍‌ସର ରୋଗରେ ପୀଡ଼ିତ ହୋଇ ଭୁବନେଶ୍ୱର ଡ଼ାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ସେଠାରେ ତାଙ୍କର ମୃତ୍ୟୁ ହୋଇ ଯିବାରୁ ତାଙ୍କ ମର ଶରୀରକୁ ଭୁବନେଶ୍ୱରସ୍ଥିତ ସହିଦ୍ ନଗର ଶ୍ମଶାନରେ ଶବ ସତ୍କାର କରାଯାଇଥିଲା। ସ୍ୱର୍ଗତ ଅମୃତ ଜ୍ୟୋତିଙ୍କ ବାସସ୍ଥାନ ବଡ଼ଚଣା ବ୍ଲକ୍ ଅନ୍ତର୍ଗତ ମଝିପଡ଼ା ପଂଚାୟତର ବନମାଳିପୁର ଗ୍ରାମରେ। ତାଙ୍କର ମୃତ୍ୟୁ ନିକଟରେ ତାଙ୍କ ପିତା ପ୍ରଭାକର ଶତପଥୀ, ତାଙ୍କ ସହ ଧର୍ମିଣୀ, ଦୁଇଟି ଝିଅ ଓ ତାଙ୍କର ଆତ୍ମିୟସ୍ୱଜନମାନେ ଉପସ୍ଥିତ ଥିଲେ। ମୃତ୍ୟୁ ଖବର ପାଇ ପୂର୍ବତନ ମନ୍ତ୍ରୀ ସୀତାକାନ୍ତ ମହାପାତ୍ର, କଂଗ୍ରେସ ନେତା ନିରଞ୍ଜନ ଦଳାଇ, ବଡ଼ଚଣା ବ୍ଲକ୍ କଂଗ୍ରେସ ସଭାପତି ଉମେଶ ଚନ୍ଦ୍ର ଜେନା, ବଡ଼ଚଣାର କଂଗ୍ରେସ ନେତା କ୍ୟାପଟେନ୍ ରାଜ ନାରାୟଣ ମହାପାତ୍ର, ପ୍ରେସ୍ କ୍ଲବ୍ ଚଣ୍ଡିଖୋଲର ସଭାପତି ପ୍ରଦୀପ୍ତ କୁମାର ପରିଡ଼ା, ସାମ୍ବାଦିକ ଶିବରାମ ସାହୁ, ପ୍ରତାପ ଜେନା, କେଶବ ଚନ୍ଦ୍ର ରାୟ, ପ୍ରାକ୍ତନ ସରପଂଚ କେଶବ ଚନ୍ଦ୍ର ସେଠୀ, ଚକ୍ରଧର ଭୂୟାଁ, ଯୁବନେତା ପ୍ରଦୀପ୍ତ ମହାନ୍ତି, ଅଶୋକ ସାମଲ ପ୍ରମୁଖ ଗଭିର ଶୋକ ପ୍ରକାଶ କରିଛନ୍ତି।

# ଘଟଗାଁ ବ୍ଲକରୁ ପ୍ଲାଜମା ଦାନ କଲେ ୩ଜଣ




ଗୋଳାବନ୍ଧ(ପିଏନ)- ଘଟଗାଁ ବ୍ଲକର ୩ଜଣ ପ୍ରବାସୀ କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲରେ ଅବସ୍ଥାପ୍ଲାଜ୍ଜ ପ୍ଲାଜମା ଦାନ କେନ୍ଦ୍ରରେ ପ୍ଲାଜମା ଦାନ କରି ଫେରିଛନ୍ତି। ଖବରରୁ ପ୍ରକାଶ ଯେ ରାଜ୍ୟ ସରକାର ଗୁରୁତର କରୋନା ରୋଗୀଙ୍କ ଆଶୁ ଆରୋଗ୍ୟ ପାଇଁ ପ୍ଲାଜମା ଦାନକୁ ଏକ ଫଳପ୍ରଦ ପଦ୍ଧତି ରୂପେ ଆପଣେଇବା ସହ ଏ ନେଇ ଉତ୍ସାହିତ କରି ଆସୁଛନ୍ତି । କିଛିଦିନ ପୂର୍ବେ ପ୍ରଥମ ଦଫାରେ ଘଟଗାଁ ବ୍ଲକ ପ୍ରଶାସନ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ୯ଜଣଙ୍କ ନାମ ଜିଲ୍ଲା ପ୍ରଶାସନକୁ ପ୍ରେରଣ କରାଯାଇଥିଲା । ଜିଲ୍ଲା ପ୍ରଶାସନ ସେମାନଙ୍କ ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୪ଜଣଙ୍କୁ ପ୍ରେରଣ କରିବା ନିମିତ୍ତ ପତ୍ର ପ୍ରେରଣ କରିଥିଲେ । ମାତ୍ର ଶେଷ ମୁହୂର୍ତ୍ତରେ ଜନୈକ ବ୍ୟାଙ୍କ କର୍ମଚାରୀ ଏ ନେଇ ମନା କରିବା ପରେ ୩ଜଣ ଯାଇ ପ୍ଲାଜମା ଦାନ କରି ଆସିଛନ୍ତି। ପ୍ଲାଜମା ଦାନ କରିବା ପୂର୍ବରୁ ସରକାରଙ୍କ ତରଫରୁ ଆନୁଷଙ୍ଗିକ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ସେମାନଙ୍କୁ ରହିବା ଓ ଖାଇବାର ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା । ପରେ ପରେ ଏହି ଉଲ୍ଲେଖନୀୟ ତଥା ମହତ କାର୍ଯ୍ୟ ପାଇଁ ରାଜ୍ୟ ସରକାରଙ୍କ ପ୍ରଶସ୍ତିପତ୍ର ପ୍ରଦାନ କରାଯାଇଥିଲା । ସୂଚନା ଥାଉକି କୋରନାରୁ ସୁସ୍ଥ ହେବାର ଅନ୍ୟୁନ ୨୮ଦିନ ପରେ ଏକାଧିକ ରୋଗ ନଥିବା ଜଣେ ସୁସ୍ଥ ବ୍ୟକ୍ତି ପ୍ଲାଜମା ଦାନ କରିବାର ନିୟମ ରହିଛି ଓ ଜଣେ ବ୍ୟକ୍ତିର ପ୍ଲାଜମା ସହାୟତାରେ ୨ଜଣ ରୋଗୀଙ୍କୁ ସୁସ୍ଥ କରାଯାଇ ପାରୁଛି । ବିଡିଓ ନାୟାରଣ ସାହୁ, ଡାକ୍ତର ମୁକ୍ତିକାନ୍ତ ନାୟକ, ଏବିଡିଓ ଚିତ୍ତରଞ୍ଜନ ନାୟକ ଓ ସ୍ୱାସ୍ଥ୍ୟ ସଂପ୍ରସାରଣ ଅଧିକାରୀ ବିପୀନ ଷଡଙ୍ଗୀ ଅଧିକରୁ ଅଧିକ ସୁସ୍ଥ ହୋଇଥିବା ପ୍ରବାସୀ ତଥା ସାଧାରଣ ବ୍ୟକ୍ତି ପ୍ଲାଜମା ଦାନ ଭଳି ମହାନ କାର୍ଯ୍ୟ ପାଇଁ ଆଗେଇ ଆସିବାକୁ ନିବେଦନ କରିବା ସହ ବ୍ୟାପକ ଜନସଚେତନତା କାର୍ଯ୍ୟକ୍ରମ ଅବ୍ୟାହତ ରଖିଛନ୍ତି ।




# ସମ୍ବାଦପତ୍ର, ସାମ୍ବାଦିକ ଓ ମହାତ୍ମା




ସମ୍ବାଦପତ୍ର ଆଧୁନିକ ସଭ୍ୟତାର ଏକ ପ୍ରଧାନ ଅଙ୍ଗ, ପ୍ରତିଦିନ ପୃଥିବୀର ବିଭିନ୍ନ ସ୍ଥାନରେ ନାନା ଘଟଣା ଘଟୁଛି। ସେ ବନ୍ୟା କି ମରୁଡ଼ି, ଯୁଦ୍ଧ କି ଶାନ୍ତି, ବିଜ୍ଞାନ କି ଦର୍ଶନ, ଦୁଃଖ କି ସୁଖ, ଗଣତନ୍ତ୍ର କି ରାଜତନ୍ତ୍ର, ସାମ୍ୟବାଦ କି ପୁଞ୍ଜିବାଦ, ଏକଛତ୍ରବାଦ କି ସାମରିକ ଶାସନ, ରାଜନୈତିକ ପତନ କି ଉଥାନ ଏ ସବୁ ବିବରଣୀ ଲୋକମାନଙ୍କ ପାଖରେ ପହଁଚାଇବାର କାର୍ଯ୍ୟ ସାମ୍ବାଦିକମାନେ ସମ୍ବାଦପତ୍ର, ବେତାର ଓ ଦୂରଦର୍ଶନ ମାଧ୍ୟମରେ ପ୍ରକାଶ କରିଥାଆନ୍ତି। ଭାରତବର୍ଷ ଓ ଅନ୍ୟାନ୍ୟ ପ୍ରାଚ୍ୟ ଦେଶଗୁଡ଼ିକଠାରୁ ପାଶ୍ଚାତ୍ୟ ଦେଶରେ ସମ୍ବାଦପତ୍ର ପାଠକଙ୍କ ସଂଖ୍ୟା ବହୁତ ବେଶୀ। ସମ୍ବାଦ ବା ଖବରକୁ ନ୍ୟୁଜ୍ କୁହାଯାଏ। ଏହି ଶବ୍ଦର ଅକ୍ଷରଗୁଡ଼ିକୁ ଲକ୍ଷ୍ୟକଲେ ଚାରି ଦିଗର ସଙ୍କେତ ବୁଝାପଡ଼େ। 'ଘ' ଅକ୍ଷରଟି ଘକ୍କୃଷ୍ୱଷ ବା ଉତ୍ତର ଦିଗ, 'ର' ଅକ୍ଷରଟି ରବଷ୍ୱଷ ବା ପୂର୍ବ ଦିଗର ପ୍ରତୀକ, 'ଡ' ବର୍ଣ୍ଣଟି ପଶ୍ଚିମ ଦିଗ ବା ଡରଷ୍ୱଷ ବୁଝାପଡ଼େ। ସେହିପରି ଦକ୍ଷିଣ ଦିଗ ସ୍ଥାନରେ ଝ ବା ଝକ୍କଙ୍କଷ କୁ ବୁଝାଯାଏ। ଏଥିରୁ ସ୍ପଷ୍ଟ ଅନୁମେୟ ଚାରିଦିଗର କଥା ସମ୍ବାଦପତ୍ର ମାଧ୍ୟମରେ 'ଖବର' ରୂପେ ପ୍ରକାଶ ପାଏ।

ଆଧୁନିକ ଯୁଗରେ ସମ୍ବାଦପତ୍ର ପାଠ କରିବା ବହୁ ବ୍ୟକ୍ତିଙ୍କର ଅଭ୍ୟାସରେ ପରିଣତ ହୋଇପଡିଛି। ଚା, ପାନ ପରି ସମ୍ବାଦପତ୍ର ପଢ଼ିବା ଏକ ନିଶାରେ ପରିଣତ ହୋଇଅଛି। ନିଶା ଦ୍ରବ୍ୟ ସେବନ କ୍ଷତିକାରକ କିନ୍ତୁ ସମ୍ବାଦପତ୍ର ପାଠ ଲୋକମାନଙ୍କର ହିତ ସାଧନ କରେ। କୃଷକମାନେ କୃଷି ସମ୍ବନ୍ଧରେ ଓ କ୍ରୀଡାପ୍ରେମୀମାନେ କ୍ରୀଡା ବିଷୟରେ ଆବଶ୍ୟକ ବିବରଣୀ ପାଇପାରନ୍ତି। ଛାତ୍ରମାନେ ଜ୍ଞାନ ଆହରଣ କରିବା ସଙ୍ଗେସଙ୍ଗେ ପରୀକ୍ଷା ସମ୍ପର୍କରେ ବିଭିନ୍ନ କଥା ଅବଗତ ହୋଇଥାଆନ୍ତି। ପାଠକ ପାଠିକା ସାହିତ୍ୟ ପ୍ରେମୀମାନେ ଗଳ୍ପ, କବିତା, ପ୍ରବନ୍ଧ ଆଲୋଚନା ଆଦି ପାଠ କରିବା ଓ ଜାଣିବାର ସୁଯୋଗ ପାଇଥାଆନ୍ତି। ସମସ୍ତ ଜୀବଜଗତର ସୁରକ୍ଷା ଓ ସ୍ୱାଧୀନତାର ରକ୍ଷା ସମ୍ବାଦପତ୍ର ଓ ସାମ୍ବାଦିକଙ୍କ ଉପରେ ପଡିଥାଏ। ରାଜତନ୍ତ୍ରର ରାଜା ଓ ଗଣତନ୍ତ୍ରର ଲୋକ ପ୍ରତିନିଧିମାନଙ୍କର କାର୍ଯ୍ୟକଳାପ ଉପରେ ସାମ୍ବାଦିକମାନେ ନଜର ରଖିଥାଆନ୍ତି। ଶାସନ କର୍ତ୍ତୃପକ୍ଷ, ରାଜନୀତିଜ୍ଞ ଓ ସର୍ବସାଧାରଣ କ୍ଷେତ୍ରରେ କାର୍ଯ୍ୟ କରୁଥିବା ବ୍ୟକ୍ତିଗଣ ଏବଂ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ସମ୍ବାଦପତ୍ର ଓ ସାମ୍ବାଦିକମାନେ ଦେଇଥିବା ଜନମତ ଦ୍ୱାରା ନିଜ ନିଜର ତ୍ରୁଟି ବୁଝି ପାରି ନିଜେ ନିଜକୁ ସଂଶୋଧିତ କରିଥାଆନ୍ତି। କିନ୍ତୁ ଅସଲ କଥାଟି ହେଉଛି ସାମ୍ବାଦିକ ଗଣମାଧ୍ୟମର ଅଂଶ ସିନା, ଏହାର ମାଲିକାନା ଅନ୍ୟ କାହା ପାଖରେ ଥାଏ। କିଛି ସାମ୍ବାଦିକ ଦରମା ପାଇଥାଆନ୍ତି ତ ଆଉ କିଛି ମାଗଣା ଖଟନ୍ତି। ସକାଳ ସମୟରେ ବିତରକ ତ ସନ୍ଧ୍ୟାରେ ସାମ୍ବାଦିକ। ସକାଳ ଚାକିରି ସଞ୍ଜକୁ ନାହିଁ। ସାମ୍ବାଦିକତା ମାଲିକାନାର ଏକ ସଖୀ କଣ୍ଢେଇ ପାଲଟିଥାଏ। ଏଇତ ଆମର ବିଡମ୍ବନା ଚତୁର୍ଥ ସ୍ତମ୍ଭ ନିମ୍ନଗାମୀ କିନ୍ତୁ ଅନ୍ୟ ତିନୋଟି ସ୍ତମ୍ଭ ଯଥା - ବିଧାନ ପାଳିକା, କାର୍ଯ୍ୟ ପାଳିକା, ନ୍ୟାୟ ପାଳିକା ବିଳାସବ୍ୟସନରେ ବିମଣ୍ଡିତ ହୋଇଥାଏ। ସାମ୍ବାଦିକଟି ଶୋଷିତ ହୁଏ, ତାର ଆକୁଳତାକୁ କେହି ବୁଝନ୍ତିନି। କେଉଁଠି ଦାରିଦ୍ର୍ୟର କଷାଘାତରେ ପେଷି ହୋଇ ରୋଗ, ଶୋକ ଓ ମୃତ୍ୟୁକୁ ଆଦରି ନିଏ। ସବୁ ଶାସନତନ୍ତ୍ରରେ ଅସହାୟା ଦ୍ରୌପଦୀକୁ ଯନ୍ତ୍ରଣା ଦେଇ ପାଶବିକ କ୍ଷୁଧା ମେଣ୍ଟାନ୍ତି ଦୁର୍ଯ୍ୟୋଧନମାନେ, କେଉଁଠି ସାଧାରଣ ଜନତା ଛଳନାର ଶିକାର ହୁଏ ମୃତ୍ୟୁକୁ ସାମ୍ନା କରେ ଜଉଘରେ। କେଉଁଠି ପିଲା ବିକ୍ରି ତ କେଉଁଠି ମାଦକଦ୍ରବ୍ୟ ସାଙ୍ଗରେ ରାଜନୈତିକ ହିଂସା, ଏସବୁର ଦରଦୀ ବନ୍ଧୁଟିଏ ହେଉଛି ଗଣମାଧ୍ୟମ। ଯିଏ ଅହରହ ଜନତାଙ୍କ ପାଖରେ ରହି ଗଣତନ୍ତ୍ରର ମୂଲ୍ୟବୋଧକୁ ବଞ୍ଚାଇବାକୁ ଚେଷ୍ଟାକରେ, ଯାହାର ମସୀ ଅସୀ ଠାରୁ ବଳିୟାନ ହୋଇଉଠେ ସେ ସାମ୍ବାଦିକ ହେଉଛି ସମାଜ ଓ ଜୀବଜଗତର ଜାଗ୍ରତ ପ୍ରହରୀ। ଚତୁର୍ଥ ସ୍ତମ୍ଭ ଗଣମାଧ୍ୟମର ଉତ୍ତର ଦାୟିତ୍ୱ ସବୁଠାରୁ ବେଶୀ। ବର୍ତ୍ତମାନ ଯୁଗରେ ସମ୍ବାଦ ଓ ସାମ୍ବାଦିକତାର ଗୁରୁତ୍ୱ ଯଥେଷ୍ଟ। ସମୟ ଥିଲା ପ୍ରସ୍ତର ଯୁଗରେ ମନୁଷ୍ୟ ତାର ଲିପି ପଥର ଉପରେ ଖୋଦିତ କରୁଥିଲା, କ୍ରମେ ତାଳପତ୍ର ଓ ଭୂଜପତ୍ରରେ ସାହିତ୍ୟ ଓ ସଂସ୍କୃତି ସଂରକ୍ଷଣର ଏକମାତ୍ର ମାଧ୍ୟମ ପାଲଟିଥିଲା। ମୁଦ୍ରଣ ଯନ୍ତ୍ରର ପରିକଳ୍ପନା ପରେ ଭାରତବର୍ଷରେ ଛାପା କାର୍ଯ୍ୟ ଆରମ୍ଭ ହେଲା। ପ୍ରଥମ ସମ୍ବାଦପତ୍ର ଭାବେ ୧୭୮୦ ଖ୍ରୀ.ଅ.ରେ 'ଦି ବେଙ୍ଗଲ ଗେଜେଟ' ପ୍ରକାଶ ପାଇଲା। ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଅୟଆରମ୍ଭରେ ସମ୍ବାଦପତ୍ରର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା। ୧୯୧୯ରୁ ୧୯୪୭ ମଧ୍ୟବର୍ତ୍ତୀ ସମୟରେ ଭାରତୀୟ ସମ୍ବାଦପତ୍ର ମହାତ୍ମା ଗାନ୍ଧିଙ୍କ ଲେଖନି ଦ୍ୱାରା ସମୃଦ୍ଧ ହୋଇ ସମାଜରେ ଏକ ପରିବର୍ତ୍ତନ ଆଣିଦେଲା। ଗାନ୍ଧିଙ୍କ ଦ୍ୱାରା ଲୋକମାନେ ପ୍ରଭାବିତ ହେଲେ ଫଳରେ ରାଜନୈତିକ ଓ ସାମାଜିକ କ୍ଷେତ୍ରରେ ଯୁଗାନ୍ତକାରୀ ପରିବର୍ତ୍ତନ ଘଟିଲା। ଗାନ୍ଧୀଜୀ ପାଞ୍ଚଟି ସମ୍ବାଦପତ୍ର ବା ପତ୍ରିକାର ପ୍ରତିଷ୍ଠାତା ସମ୍ପାଦକ ଥିଲେ। ପରୋକ୍ଷ ଭାବରେ ଗାନ୍ଧୀଜୀ ଅଧିକାଂଶ ଭାରତୀୟ ସମ୍ବାଦପତ୍ର ସହ ଜଡିତ ଥିଲେ। 'ଇଣ୍ଡିଆନ୍ ଓପିନିୟନ' ଖବରକାଗଜ ଓ 'ୟଙ୍ଗ୍ ଇଣ୍ଡିଆ' ଏବଂ ନବଜୀବନ ପତ୍ରିକାର ପରିଚାଳନାର ଭାର ଗ୍ରହଣ କଲାପରେ ଗାନ୍ଧୀଜୀ ଲୋକମାନଙ୍କୁ ସତ୍ୟାଗ୍ରହ ବିଷୟରେ ଶିକ୍ଷା ଦେଲେ। ୟଙ୍ଗ ଇଣ୍ଡିଆରେ ପ୍ରକାଶିତ କେତୋଟି ପ୍ରବନ୍ଧ ସରକାର ବିରୋଧୀ ଥିବାରୁ ଗାନ୍ଧୀଜୀଙ୍କୁ ୬ ବର୍ଷ ଜେଲ୍ ଯିବାକୁ ପଡିଥିଲା। ଗାନ୍ଧୀଙ୍କର ଲେଖା ପ୍ରକାଶ କରିବା ପାଇଁ ବିଦେଶୀ ଓ ଦେଶୀୟ ସମ୍ବାଦପତ୍ର ଗୁଡିକ ମଧ୍ୟରେ ପ୍ରତିଯୋଗିତା ଲାଗୁଥିଲା। ଗାନ୍ଧୀଜୀ ସର୍ବଦା କହୁଥିଲେ ସମ୍ବାଦପତ୍ର ଗୁଡିକ ସର୍ବଦା ନିର୍ଭୀକ ଓ ସତ୍ୟ ସମ୍ବାଦ ପରିବେଷଣ କରିବା ଉଚିତ୍। ୧୯୩୨ରେ ସେ ଜେଲ୍‌ରେ ଥିବା ସମୟରେ 'ହରିଜନ' ପତ୍ରିକାର ଆରମ୍ଭ କରିଥିଲେ। ଦଳିତମାନଙ୍କର ଅଧିକାର ଓ ସାମାଜିକ ସଂସ୍କାର ପାଇଁ ଏହି 'ହରିଜନ' ପତ୍ରିକାକୁ ଆୟୁଦ୍ଧ ରୂପେ ବ୍ୟବହାର କରିଥିଲେ। ଗାନ୍ଧୀଜୀ ଯେଉଁ ନିତୀ ନିୟମରେ ସାମ୍ବାଦିକତା ଓ ସମ୍ପାଦନା କରୁଥିଲେ ତାହା ବର୍ତ୍ତମାନ ଯୁଗରେ ସମ୍ଭବ ନୁହେଁ। ସମ୍ବାଦପତ୍ର ଏକ ମଙ୍ଗଳକାରୀ ଶକ୍ତି। ତାହା ସର୍ବଦା ଜୀବଜଗତର ହିତ ପାଇଁ। ଯଦି ସମ୍ବାଦପତ୍ର ଅଯୋଗ୍ୟ ହାତରେ ନିୟନ୍ତ୍ରିତ ହୁଏ, ତାହା ସମାଜର କ୍ଷତିସାଧନ କରେ।

ଓଡିଆ ଭାଷାର ପ୍ରଥମ ପତ୍ରିକା 'ଜ୍ଞାନରୁଣ' ତାପରେ 'ସରକାରୀ ଗେଜେଟ୍'। ୧୮୫୬ରେ ପ୍ରକାଶ ପାଇଲା ପ୍ରବୋଧ ଚନ୍ଦ୍ରିକା। ତାହା ପ୍ରକୃତରେ ଥିଲା ଓଡିଆ ଭାଷାର ପ୍ରଥମ ସାହିତ୍ୟ ପତ୍ରିକା। ୧୮୬୬ ମସିହାରେ ନଅଙ୍କ ଦୁର୍ଭିକ୍ଷ ସମୟରେ ଜନ୍ମ ନେଲା ସ୍ୱଦେଶୀ ପତ୍ରିକା 'ଉତ୍କଳ ଦୀପିକା'। ଯାହାର ପ୍ରତିଷ୍ଠାତା ସଂପାଦକ ଥିଲେ କର୍ମବୀର ଗୌରୀଶଙ୍କର ରାୟ। ଏହି ଠାରୁ ଆରମ୍ଭ ହେଲା ଓଡିଆ ଭାଷା ସାହିତ୍ୟ ସଂସ୍କୃତିର ଅଗ୍ରଗତି ପାଇଁ ପ୍ରାଥମିକ ଉଦ୍ୟମ। ବଙ୍ଗଳା ଭାଷାର ପ୍ରାବଲ୍ୟ ଯୋଗୁ ଆରମ୍ଭ ହୋଇଗଲା ଓଡିଆ ଭାଷାକୁ ସଂପୂର୍ଣ୍ଣ ବିଲୋପ କରିଦେବାର ଜଘନ୍ୟ ଷଡଯନ୍ତ୍ର। ଏହି ସମୟରେ ଫକୀର ମୋହନଙ୍କ 'ବୋଧଦାୟିନୀ' ଓ 'ବାଲେଶ୍ୱର ସମ୍ବାଦ ବାହିକା'। ଓଡିଆ ଭାଷାର ସୁରକ୍ଷା ପାଇଁ ଏହି ପତ୍ରିକା ଥିଲା ଆଲୋକ ବର୍ତ୍ତିକା। ସମ୍ବାଦପତ୍ର ହେଉଛି ଦେଶ ଓ ସମାଜ ଗଢ଼ିବାର ଏକ ଦୁର୍ବାର ଅମୋଘ ଅସ୍ତ୍ର। ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ତାର ଯଥାର୍ଥ ଉପଯୋଗିତାକୁ ବିନିଯୋଗ କଲେ ଦେଶ, ଜାତି ଓ ବିଶ୍ୱର ସମାଜ କଲ୍ୟାଣ ସାଧିତ ହେବ। ସୁସ୍ଥ ସମାଜ ତଥା ଉନ୍ନତ ରାଷ୍ଟ୍ର ଗଠନରେ ସମ୍ବାଦପତ୍ର ଓ ସାମ୍ବାଦିକଙ୍କ ଭୂମିକା ଯେ ସ୍ୱତନ୍ତ୍ର ଏହା ସ୍ୱୀକାର୍ଯ୍ୟ।

**ଅକ୍ଷୟ କୁମାର ରାଉତ**, ପାରାଦ୍ୱୀପଗଡ, କୁଜଙ୍ଗ, ଜଗତ୍‌ସିଂହପୁର, ମୋ.ନଂ. - ୯୯୩୭୬୯୧୪୭୫

# ଶିଶୁ ଦିବସରେ ନେହେରୁଙ୍କ ସମୟରେଖା ପ୍ରଦର୍ଶନ କଲେ ଶିକ୍ଷକ ବିରଂଚି




କୋଣାର୍କ (ପିଏନ୍): ରବିବାର ପବିତ୍ର ଶିଶୁଦିବସ ଅବସରରେ କୋଣାର୍କର ଶିକ୍ଷକ ବିରଞ୍ଚି ନାରାୟଣ ଶତପଥୀ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ସମୟରେଖା ପ୍ରସ୍ତୁତ କରି କୋଣାର୍କ ଅଂଚଳର ବିଭିନ୍ନ ଶିକ୍ଷାନୁଷ୍ଠାନରେ ପ୍ରଦର୍ଶନ କରିଛନ୍ତି। କରୋନା ପ୍ରଭାବ ଯୋଗୁଁ ଏବେ ୧ମରୁ ୭ମ ଶ୍ରେଣୀ ପର୍ଯ୍ୟନ୍ତ ପିଲାମାନେ ସ୍କୁଲକୁ ଆସୁନାହାନ୍ତି। ୟୁ ଟ୍ୟୁବ୍ ତଥା ହ୍ୱାଟସପ୍ ଗ୍ରୁପରେ ଅନଲାଇନ ଶିକ୍ଷଦାନ ସହିତ ସାମିଲ ଥିବା ପିଲାମାନେ ଏହି ସମୟରେଖା ଦ୍ୱାରା ଉପକୃତ ହେଉଛନ୍ତି। ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିବା ବିରଞ୍ଚିଙ୍କ ଏତାଦୃଶ ଅଭିନବ ପ୍ରସ୍ତୁତିକୁ ଶିକ୍ଷକ ମହଲ ତଥା ବିଭିନ୍ନ ବର୍ଗର ବୁଦ୍ଧିଜୀବୀମାନେ ପ୍ରଶଂସା କରିଛନ୍ତି। ଶ୍ରେଣୀ ଶିକ୍ଷାଦାନ ସମୟରେ ଏହି ସମୟରେଖାକୁ ଏକ ଉପାଦେୟ ଶିକ୍ଷା ଉପକରଣ ରୂପେ ଶିକ୍ଷକମାନଙ୍କ ଦ୍ୱାରା ବ୍ୟବହାର କରାଯାଇପାରିବ ବୋଲି ଗୋପ ମଣ୍ଡଳ ଶିକ୍ଷାଧିକାରୀ ରମେଶ ଚନ୍ଦ୍ର ଦାଶ କହିଛନ୍ତି। ବିଇଓ ଦାଶ ବିରଞ୍ଚିଙ୍କ ଏତାଦୃଶ ଉଦ୍ୟମକୁ ସାଧୁବାଦ ଜ୍ଞାପନ କରିଛନ୍ତି। ନେହେରୁଙ୍କ ଜୀବନୀ ସଂପର୍କିତ ଏହି ସମୟରେଖାର ବିଶେଷତ୍ୱ ସଂପର୍କରେ ଶିକ୍ଷକ ବିରଞ୍ଚି ସକାଳକୁ କହିଛନ୍ତି ଯେ, "ଏହି ସମୟରେଖାରୁ ବିଦ୍ୟାର୍ଥୀମାନେ ପ୍ରକଳ୍ପଭିତ୍ତିକ କାର୍ଯ୍ୟ, ଚିତ୍ରାଙ୍କନ, ରଙ୍ଗଦେବା କୌଶଳ, ସାଧାରଣ ଜ୍ଞାନର ଅଭିବୃଦ୍ଧି, ଅନୁସନ୍ଧିତ୍ସା ଆଦି ଶିକ୍ଷାଲାଭ କରିପାରିବେ। ଏହା ଏପରି ଏକ ଶିକ୍ଷଣ ଉପକରଣ, ଯାହା ଅଧ୍ୟୟନ ଓ ଅଧ୍ୟାପନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ଏହି ସମୟରେଖାକୁ ବ୍ୟବହାର କରି ପାଠ୍ୟକ୍ରମ ଆଧାରିତ ଭାଷା, ସାହିତ୍ୟ, ବିଜ୍ଞାନର ଅଗ୍ରଗତି, କଳା ଓ ସଂସ୍କୃତିର କ୍ରମବିକାଶ, ଐତିହାସିକ ଯୁଦ୍ଧ ଓ ଘଟଣାବଳୀ, ସ୍ୱାଧୀନତା ସଂଗ୍ରାମ, ନିର୍ବାଚନ, ପରିସଂଖ୍ୟାନ, ମହାମାରୀ ପ୍ରଭୃତି ବହୁବିଧ ପ୍ରସଂଗର ତଥ୍ୟଭିତ୍ତିକ ଅବତାରଣା କରାଯାଇପାରିବ। ମହାତ୍ମାଗାନ୍ଧୀଙ୍କ ମତାନୁଯାୟୀ 'କାର୍ଯ୍ୟ କରିବା ସହିତ ଶିଖିବା' ଦ୍ୱାରା ଗୁଣାତ୍ମକ ଶିକ୍ଷାର ଅଭିବୃଦ୍ଧି ହୋଇଥାଏ। ଏପରି ସମୟରେଖା ପ୍ରସ୍ତୁତି ବିଦ୍ୟାର୍ଥୀର ଶିକ୍ଷଣ ପ୍ରବୃତ୍ତିକୁ ପରିପୁଷ୍ଟ କରିବାରେ ସହାୟକ ହେବ" ବୋଲି ବିରଞ୍ଚି ପ୍ରକାଶ କରିଛନ୍ତି।

# ଜିଲ୍ଲା ସ୍ତରୀୟ ଶିଶୁମହୋତ୍ସବ ସୁରଭି ଅନୁଷ୍ଠିତ



କେନ୍ଦ୍ରାପଡ଼ା (ପିଏନ୍) : କେନ୍ଦ୍ରାପଡା ଜିଲ୍ଲା ସମଗ୍ର ଶିକ୍ଷା ପ୍ରକଳ୍ପ ଆନୁକୂଲ୍ୟରେ ପୌରସଂସ୍ଥା ଟାଉନହଲ ପରିସରରେ ଜିଲ୍ଲା ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ରବିବାର ପୂର୍ବାହ୍ନରେ କେନ୍ଦ୍ରାପଡା ମଣ୍ଡଳ ଶିକ୍ଷା ଅଧିକାରୀ କୈଳାସ ଚନ୍ଦ୍ର ଦଳାଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ଡଃ. ରାଜେନ୍ଦ୍ର ପ୍ରସାଦ ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ମହୋତ୍ସବକୁ ଉଦ୍‌ଘାଟନ କରି କହିଥିଲେ ଯେ ଭାରତର ପ୍ରାକ୍ତନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ଜନ୍ମ ଦିବସକୁ ଶିଶୁ ଦିବସ ଭାବେ ପାଳନ କରାଯାଉଛି । ଆଜି ସେହି ପବିତ୍ର ଦିବସରେ ସ୍ୱାମୀ ବିବେକାନନ୍ଦ, ଗୋପବନ୍ଧୁ ଓ ମଧୁସୂଦନଙ୍କ ଭଳି ମହାମନିଷିଙ୍କଠାରୁ ଆମେ ଜାଣିଛେ ଯେ ଶିଶୁ ହେଉଛନ୍ତି ଦେଶର ଭବିଷ୍ୟତ । ସେମାନଙ୍କ ମନରେ ଥରେ ଯାହା ଭର୍ତ୍ତି ହୋଇଯାଏ ତାହା ଭବିଷ୍ୟତରେ ବିକଶିତ ହୋଇଥାଏ । ପିଲାମାନଙ୍କ ଶୈକ୍ଷିକ, ଆଧ୍ୟାତ୍ମିକ ଓ ଶାରୀରିକ ବିକାଶ ନିମନ୍ତେ "ସୁରଭି" ଭଳି କାର୍ଯ୍ୟକ୍ରମର ଆବଶ୍ୟକତା ରହିଛି । ଏହାଦ୍ୱାରା ଶିଶୁମାନଙ୍କ ଅନ୍ତର୍ନିହିତ ଗୁଣାବଳୀର ବିକାଶ ସହିତ ସେମାନେ ସେମାନଙ୍କ ଦକ୍ଷତାକୁ ପ୍ରତିପାଦନ କରିପାରିଥାନ୍ତି । ପ୍ରତିଯୋଗୀ ଶିଶୁମାନଙ୍କ ଭବିଷ୍ୟତର ଉଜ୍ଜ୍ୱଳ କାମନା କରିଥିଲେ ମୁଖ୍ୟ ଅତିଥି ଡଃ. ତ୍ରିପାଠୀ । ଉତ୍ସବରେ ମୁଖ୍ୟ ବକ୍ତାଭାବେ ଯୋଗଦେଇଥିବା କେନ୍ଦ୍ରାପଡା ଜବାହର ନବୋଦୟ ବିଦ୍ୟାଳୟର ଅଧକ୍ଷ ରାମହରି ସିୟାଲ ସୁରଭି ଭଳି ମହୋତ୍ସବର ଆୟୋଜନ ଦ୍ୱାରା ଛୋଟ ଛୋଟ ପିଲାମାନଙ୍କ ଭିତରେ ଥିବା ସୁଗନ୍ଧ ପ୍ରସ୍ଫୁଟିତ ହୋଇଥାଏ ବୋଲି ମତବ୍ୟକ୍ତ କରିଥିଲେ । ଜାତୀୟ ସ୍ତରର ଶିକ୍ଷାକ୍ଷେତ୍ରରେ ଆମ ରାଜ୍ୟର ଉତ୍କର୍ଷତା ହ୍ରାସ ପାଉଥିବା ବେଳେ ଏଭଳି ପ୍ରତିଯୋଗୀତାର ଆୟୋଜନ ଅବସମ୍ଭାବି ହୋଇପଡିଛି ବୋଲି ସେ କହିଥିଲେ । ସମଗ୍ର ଦେଶରେ ଶାନ୍ତି ପ୍ରତିଷ୍ଠା ପାଇଁ ଏହି ଛୋଟ ଛୋଟ ପିଲାଙ୍କୁ ଶିକ୍ଷା ପ୍ରଦାନ କରାଯିବା ନିତ୍ୟାନ୍ତ ଆବଶ୍ୟକ । ଉତ୍ସବରେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ମଙ୍ଗଳ ଅଧିକାରିଣୀ ମମତାରାଣୀ ପରିଡା, ଡେରାବିଶ ମଣ୍ଡଳ ଶିକ୍ଷା ଅଧିକାରୀ ଶ୍ରୀକାନ୍ତ କୁମାର ବେହେରା ଓ ମାହାକାଳପଡା ମଣ୍ଡଳ ଶିକ୍ଷା ଅଧିକାରୀ ତନ୍ମୟ କୁମାର ବେହେରା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ । ସମଗ୍ର ଶିକ୍ଷା ଅଭିଯାନର ଅନୁସୂଚିତ ଜାତି ଓ ଜନଜାତି ସଂଯୋଜିକା କିରଣତୃଷ୍ଣା ସାହୁ ସ୍ୱାଗତ ଭାଷଣ ସହ ମହୋତ୍ସବର ବିବରଣୀ ଉପସ୍ଥାପନ କରିଥିଲେ । ସିଆରସିସି ଅନନ୍ତ କୁମାର ପରିଡା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ମା' ମଙ୍ଗଳା ଉ.ପ୍ରା. ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରାଧାନାଥ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀ ତଥା ସମଗ୍ର ଶିକ୍ଷା ଅଭିଯାନର ଜିଲ୍ଲା ପ୍ରକଳ୍ପ ସଂଯୋଜକ ସଞ୍ଜିବ କୁମାର ସିଂହ ବହୁ ବିଳମ୍ବରେ ଉତ୍ସବସ୍ଥଳରେ ପହଞ୍ଚିଥିବା ବେଳେ ଜିଲ୍ଲା ପ୍ରଶାସନର କୌଣସି ଅଧିକାରୀ ଉତ୍ସବରେ ଉପସ୍ଥିତ ନଥିଲେ। ଏହି ମହୋତ୍ସବକୁ କେନ୍ଦ୍ରାପଡା ବିଆରସିସି ସୁବାଷ ଚନ୍ଦ୍ର ବିଶ୍ୱାଳ, ଅଞ୍ଜନ କୁମାର ରାଉତ, ସେଖ ମହମଦ ଫାୟାଜୁଦିନ, ସେଖ ଜଲାଲୁଦ୍ଦିନ, ବିନୋଦ କୁମାର ବେହେରା, ମହମଦ ଅସଗର ଅଲ୍ଲୀ, ମହମଦ ଗୟାସୁଦ୍ଦିନ, ପ୍ରଧାନ ଶିକ୍ଷକ ଚିତ୍ତରଞ୍ଜନ ଜେନା, ରାଜେନ୍ଦ୍ର କୁମାର ରାଉତ, ସୌମ୍ୟରଞ୍ଜନ ବେହେରା, ବଳଦେବ ଜେନା, ସିଆରସିସି ଗିରିଧାରି ସାହୁ ପ୍ରମୁଖ ଜିଲ୍ଲାର ସମସ୍ତ ବିଆରସିସି, ସିଆରସିସି ଓ ଶିକ୍ଷକମାନେ ପରିଚାଳନା କରିଥିଲେ । ଅପରାହ୍ନରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ଜିଲ୍ଲା ସ୍ତରୀୟ ତର୍କ, ରଚନା, ପୋଷ୍ଟର, ସୋଲ ସଙ୍ଗୀତ ଓ ସାଂସ୍କୃତିକ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ସିଂହ ଓ ମଣ୍ଡଳ ଶିକ୍ଷା ଅଧିକାରୀମାନେ ଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ ।

# ସତ୍ୟଭାମାପୁର ନୋଡାଲ ହାଇସ୍କୁଲର ଉନ୍ନତିକରଣ ପାଇଁ ବୈଠକ ଅନୁଷ୍ଠିତ

ଭୁବନେଶ୍ୱର (ପିଏନ୍): ଭୁବନେଶ୍ୱର ଉପକଣ୍ଠ ବାଲିଅଁ। ବ୍ଲକ ଅଂର୍ଗତ ସତ୍ୟଭାମାପୁର ନୋଡାଲ ହାଇସ୍କୁଲକୁ ରାଜ୍ୟ ସରକାରଙ୍କ ୫-ଟି ଆଭିମୁଖ୍ୟ ତଥା ମୋ ସ୍କୁଲ କାର୍ଯ୍ୟକ୍ରମ ଆଧାରରେ ରୂପାଂରୀକରଣ କରିବା ଏବଂ ନୂତନ ଭାବେ ୬ଷ୍ଠ ଓ ୭ମ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କୁ ବିଦ୍ୟାଳୟକୁ ସ୍ୱାଗତ କରିବା ଉଦ୍ଦେଶ୍ୟରେ ଶୁକ୍ରବାର ସଂଧ୍ୟାରେ ଏକ ବୈଠକ ଆଭାସୀ ବ୍ୟବସ୍ଥା ମାଧ୍ୟମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ନଳିନୀ ପ୍ରଭା ଦାଶଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ରୂପାଂରୀକରଣ ନିମନ୍ତେ ପୁରାତନ ଛାତ୍ର (ଆଲୁମିନି) ସଂସଦର ସଭାପତି ଶ୍ରୀ ଅକ୍ଷୟ କୁମାର ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସମେତ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ, ସଦସ୍ୟା, ବିଦ୍ୟାଳୟର ପୁରାତନ ଛାତ୍ରଛାତ୍ରୀ ଓ ଅଭିଭାବକମାନେ ଯୋଗଦେଇଥିଲେ। ବିଦ୍ୟାଳୟର ପରିସରର ଗୋଟିଏ ପାର୍ଶ୍ୱ ଖାଲୁଆ ହୋଇଥିବାରୁ ଏବଂ ବର୍ଷାଦିନେ ଅତ୍ୟଧିକ ପାଣି ଜମିରହୁଥିବା ଦୃଷ୍ଟିରୁ ଏହାର ଉଚ୍ଚତା ବୃଦ୍ଧିର ଆବଶ୍ୟକତା, ବିଦ୍ୟାଳୟ ମଧ୍ୟରେ ନୂତନ ସାଇକେଲ ଷ୍ଟାଣ୍ଡ ନିର୍ମାଣ, ଛାତ୍ରଛାତ୍ରୀଙ୍କ ପାଇଁ ଖେଳ ପଡିଆ ଏବଂ ଶ୍ରେଣୀ ଗୃହଗୁଡିକର ଉନ୍ନତିର ଆବଶ୍ୟକତା ରହିଥିବା ପ୍ରସଙ୍ଗରେ ବୈଠକରେ ଆଲୋଚନା କରାଯାଇଥିଲା। ଆଗାମୀ ଦିନରେ ଏହି ବିଦ୍ୟାଳୟ 'ମୋ ସ୍କୁଲ' କାର୍ଯ୍ୟକ୍ରମ ଆଧାରରେ ରୂପାଂରୀକରଣ ପାଇଁ ସରକାରଙ୍କ ବିଚାରାଧିନ ଥିବା ବେଳେ ଏଥିପାଇଁ ବିଦ୍ୟାଳୟର ପୁରାତନ ଛାତ୍ରଛାତ୍ରୀ ବା ଆଲୁମିନିମାନଙ୍କର ସହଯୋଗର ଆବଶ୍ୟକତା ରହିଛି । ବୈଠକରେ ଯୋଗଦେଇ ସ୍କୁଲର ପୁରାତନ ଛାତ୍ର ତଥା ବର୍ତ୍ତମାନ କାର୍ଯ୍ୟରତ ଭୁବନେଶ୍ୱର ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ଶ୍ରୀ ପଠାଣି ରାଉତ କହିଲେ ଯେ, ୫୦ ବର୍ଷରୁ ଉର୍ଦ୍ଧ୍ୱ ଏହି ସ୍କୁଲରୁ ବହୁ ମେଧାବୀ ଛାତ୍ରଛାତ୍ରୀ ଉତୀର୍ଣ୍ଣ ହୋଇ ବିଭିନ୍ନ ସରକାରୀ ପଦପଦବୀରେ ଅବସ୍ଥାପିତ ଅଛଂି । ଆହୁରି ମଧ ଅନେକ ବେସରକାରୀ ଏବଂ ବ୍ୟବସାୟିକ ସଂସ୍ଥାରେ କାର୍ଯ୍ୟକରି ସମାଜରେ ନିଜର ସ୍ୱତନ୍ତ୍ର ପରିଚିତି ସୃଷ୍ଟି କରିଛଂି । ବିଦ୍ୟାଳୟର ପୂର୍ବଗୌରବ ବଜାୟ ରଖିବା ଓ ନୂତନ ଛାତ୍ରଛାତ୍ରୀଙ୍କୁ ସେମାନଙ୍କର ସୁନ୍ଦର ଭବିଷ୍ୟତ ଗଢିବା ପାଇଁ ସୁଯୋଗ ଦେବା ନିମନ୍ତେ ବିଦ୍ୟାଳୟରେ ସ୍ମାର୍ଟ କ୍ଲାସରୁମ୍, ଆଧୁନିକ ବିଜ୍ଞାନାଗାର ଓ ସ୍କୁଲ ପରିବେଶର ଉନ୍ନତି କଳ୍ପେ ପୁରାତନ ଛାତ୍ରଛାତ୍ରୀ(ଆଲୁମିନି) ତରଫରୁ ଆର୍ଥିକ ସହଯୋଗ କରିବା ପାଇଁ ଆଗେଇ ଆସିବା ଓ ପ୍ରତି ବ୍ୟାଚ୍ ୱାରୀ ବୈଠକ କରି ନିଷ୍ପତି ନେବାକୁ ମତବ୍ୟକ୍ତ କରିଥିଲେ। କୋଭିଡ୍ କଟକଣା କୋହଳ ପରେ ନଭେମ୍ବର ୧୫ ତାରିଖରୁ ୬ଷ୍ଠ ଓ ୭ମ ଶ୍ରେଣୀର ଛାତ୍ରଛାତ୍ରୀମାନେ ବିଦ୍ୟାଳୟକୁ ନୂତନ ଭାବେ ଅଧ୍ୟୟନ ପାଇଁ ଆସୁଥିବାରୁ ସେମାନଙ୍କ ପାଇଁ ବିଦ୍ୟାଳୟରେ ଉତମ ପରିବେଶ ସୃଷ୍ଟି ଏବଂ ଆବଶ୍ୟକ କୋଭିଡ୍ କଟକଣା ଅନୁପାଳନ ପାଇଁ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସମେତ ଅଭିଭାବକମାନେ ପିଲାମାନଙ୍କ ପ୍ରତି ଯତ୍ନବାନ ହେବାକୁ ବୈଠକରେ ଆଲୋଚନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ତଥା ସ୍କୁଲ ଆଲୁମିନି ଶୁଭଶ୍ରୀ ସାମଂରାୟ ଉପସ୍ଥିତ ଥିଲେ।

## ପାଟଲିପଙ୍କ ପଞ୍ଚାୟତରେ ଯୁବନେତା ନିର୍ମଳଙ୍କୁ ନେଇ ଚର୍ଚ୍ଚା



କେନ୍ଦ୍ରାପଡ଼ା (ପିଏନ୍): ତ୍ରିସ୍ତରୀୟ ନିର୍ବାଚନ ପାଖେଇ ଆସୁଥିବା ବେଳେ ଅନେକ ନୂଆ ଚେହେରା ସାମ୍ନାକୁ ଆସୁଥିବାର ଦେଖିବାକୁ ମିଳୁଛି। ସାଧାରଣ ଜନତାଙ୍କ କାମ କରିବା ପାଇଁ ଅନେକ ଯୁବକ ରାଜନୀତି କ୍ଷେତ୍ରକୁ ଆଗେଇ ଆସୁଥିବା ବେଳେ ସେଥିମଧ୍ୟରୁ ଜଣେ ଯୁବ ଚେହେରା ତୃଣମୂଳ ସ୍ତରରୁ ବିଜୁ ଜନତା ଦଳର କର୍ମୀ ଭାବରେ ପୂର୍ବରୁ କାର୍ଯ୍ୟ କରି ଆସୁଛନ୍ତି। ଏଥିସହିତ ସେ ଅନୁସୂଚିତ ଜାତି ସାମ୍ମୁଖ୍ୟର ଜଣେ ଦକ୍ଷ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଛନ୍ତି। ଏବେ କେନ୍ଦ୍ରାପଡା ଜିଲ୍ଲାର ମହାକାଳପଡା ବ୍ଲକ ଅନ୍ତର୍ଗତ ପାଟଲିପଙ୍କ ଗ୍ରାମପଞ୍ଚାୟତରେ ଯୁବ ନେତା ଆଇନଜୀବି ନିର୍ମଳ କୁମାର ମଲ୍ଲିକଙ୍କୁ ନେଇ ଚର୍ଚ୍ଚା ଚାଲିଛି । କାରଣ ସେ ସରଳ, ସ୍ନେହୀ ତଥା ମେଳାପି ହୋଇ ଯୁବ, ଛାତ୍ର ଓ ବୟସ୍କ ପର୍ଯ୍ୟନ୍ତ ସମସ୍ତଙ୍କ ସହ ମିଶି ବନ୍ଧୁତା କରିବାରେ ଓସ୍ତାଦ। ଅନେକ କ୍ଷେତ୍ରରେ ଯୁବକମାନଙ୍କୁ ପ୍ରାଧାନ୍ୟ ମିଳୁଥିବାରୁ ଲୋକମାନେ ମଧ୍ୟ ଯୁବ ଚେହେରା ପ୍ରତି ଆକର୍ଷିତ ହୋଇଥାନ୍ତି। ଆଗାମୀ ପଞ୍ଚାୟତ ନିର୍ବାଚନରେ ପାଟଲିପଙ୍କ ଗ୍ରାମପଞ୍ଚାୟତରୁ ସରପଞ୍ଚ ପ୍ରାର୍ଥି ଭାବେ ଲଢି ଲୋକଙ୍କ ସେବା କରିବାକୁ ମନ ବଳାଇଛନ୍ତି ନିର୍ମଳ। ସୁଯୋଗ ମିଳିଲେ ହୁଏତ ନିର୍ବାଚନ ମଇଦାନରେ ଲଢି ବାଜିମାତ କରିବାକୁ ଆଶା ରଖିଛନ୍ତି ସେ। ଏ ନେଇ ସେ କେତେଦୁର ସଫଳ ହେବେ ତାହା ସମୟ କହିବ।

## ଶାଳବଣୀ ସରକାରୀ ବାଳିକା ବିଦ୍ୟାଳୟ ଠାରେ ଉତ୍କଳ ବିକାଶ ପରିଷଦ ତରଫରୁ ମାଗଣା ସ୍ୱାସ୍ଥ୍ୟ ସେବା

ଆନନ୍ଦପୁର(ପିଏନ୍):ଆଜି ଆନନ୍ଦପୁର ଶାଳବଣି ବାଳିକା ଉଚ୍ଚ ବିଦ୍ୟାଳୟରେ ମାଗଣା ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି । ଉତ୍କଳ ବିକାଶ ପରିଷଦ ଆନୁକୂଲ୍ୟରେ କଟକର ମେଡିସିନ୍ ସ୍ପେସାଲିଷ୍ଟ ଡାକ୍ତର ଅନିଲ ଏମ୍.ମିଶ୍ର, ଦେବାଶିଷ ମହାଂ, ବି.ଆର. ଜେନା ଉପସ୍ଥିତ ରହିଥିବା ବେଳେ ସ୍ତ୍ରୀ ରୋଗ ବିଶେଷଜ୍ଞ, ଚର୍ମ ରୋଗ ବିଶେଷଜ୍ଞ, ନ୍ୟୁରୋଲୋଜି ଭଳି ଅଭିଜ୍ଞ ଡାକ୍ତରଙ୍କ ଦ୍ୱାରା ଆନନ୍ଦପୁର ଉପଖଣ୍ଡର ୭ଶହରୁ ଉର୍ଦ୍ଧ୍ୱ ଲୋକଙ୍କ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯାଇଥିବା ବେଳେ ମାଗଣା ଔଷଧ ପ୍ରଦାନ କରାଯାଇଥିଲା । ଶେଷରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିବା ବେଳେ ଉତ୍କଳ ବିକାଶ ପରିଷଦର ସଂଯୋଜକ ନରେନ୍ଦ୍ର ବାରିକ, ପ୍ରେମଲତା ଖିଲାରଙ୍କ ଦ୍ୱାରା ଏହି କାର୍ଯ୍ୟକ୍ରମ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଥିଲା । ଏଥିରେ ମୁଖ୍ୟଅତିଥି ଭାବେ ପ୍ରବଚକ ଜିତୁ ଦାସ, ନିରନ ସାହୁ, ଦାମୋଦର ସାହୁ, ରତିରନ ଖିଲାରଙ୍କ ସମେତ ଉତ୍କଳ ବିକାଶ ପରିଷଦର ସଭ୍ୟ ଦୀପକ କୁମାର ଦାସ, ଦୁଷ୍ମନ୍ତ କୁମାର ପାଣିଗ୍ରାହୀ, ଦିବ୍ୟଜ୍ୟୋତି ବାରିକ, ନରେନ୍ଦ୍ର କୁମାର ବାରିକ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

## ଅଦିନିଆ ଲଘୁଚାପ ବର୍ଷାରେ ଧାନ ଫସଲ ନଷ୍ଟ, ଚିନ୍ତାରେ ଚାଷୀ

ଖୋର୍ଦ୍ଧା (ପିଏନ)- ଖୋର୍ଦ୍ଧା ଜିଲ୍ଲାରେ ଅଦିନିଆ ଲଘୁଚାପ ଜନିତ ବର୍ଷାରେ ଧାନ ଫସଲ ନଷ୍ଟ ହୋଇଥିବା ବେଳେ ଚାଷୀ ପାଇଁ ଚିନ୍ତାଜନକ ସମସ୍ୟା ସୃଷ୍ଟି କରିଛି। ଚାଷୀଟି ଋଣ କରି ଧାନ ବୁଣିଥିବା ବେଳେ ଅଦିନିଆ ଲଘୁଚାପ ବର୍ଷା ହେବା ଫଳରେ ଧାନ ଫସଲର ଅମଳ ସମୟ ପୂର୍ବରୁ ଶହ ଶହ ଏକର ପାଚିଲା ଧାନ ପାଣିରେ ପଡି ଗଜା ହୋଇ ଯାଇଛି। ଯାହାକି ଚାଷୀଟିର ବର୍ଷଯାକର ଆୟର ଏଭଳି ଅବସ୍ଥା ଦେଖି କିଂକର୍ତବ୍ୟ ବିମୁଢ ହୋଇଯାଇଛି। ଏ ନେଇ ପ୍ରଶାସନ ପକ୍ଷରୁ ତୁରନ୍ତ ସରକାରୀ ସହାୟତା ପ୍ରଦାନ କରିବାକୁ ସାଧାରଣରେ ଦାବୀ ହେଉଛି ।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ଦୀର୍ଘ କାଳୀନ ଶ୍ୱାସ ଅବରୋଧକାରୀ ରୋଗକୁ ଅବହେଳା କରିବା ଉଚିତ ନୁହେଁ




ଭୁବନେଶ୍ୱର,(ପି.ଏନ): କାଶ ଓ କଫ ଦୀର୍ଘ ଦିନ ଧରି ଲାଗି ରହିଲେ, କିମ୍ବା ନିଶ୍ୱାସ ପ୍ରଶ୍ୱାସ ନେବାରେ ସାମାନ୍ୟ କଷ୍ଟ ଅନୁଭବ କଲେ ତାହାକୁ ଅଣଦେଖା କରିବା ଉଚିତ ନୁହେଁ। ପରବର୍ତ୍ତୀ ସମୟରେ ଏହା ଦୀର୍ଘ କାଳୀନ ଶ୍ୱାସ ଅବରୋଧକାରୀ ରୋଗରେ ପରିଣତ ହୋଇ ଜୀବନ ପ୍ରତି ଘାତକ ସାବ୍ୟସ୍ତ ହୋଇଥାଏ ବୋଲି କିମ୍ସର ଫୁସ୍‌ଫୁସ୍ ରୋଗ ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି। ବିଶେଷ କରି କୋଭିଡ୍ ପରବର୍ତ୍ତୀ ସମୟରେ ଏହି ରୋଗ ପ୍ରତି ସତର୍କ ଓ ସଚେତନତାର ଆବଶ୍ୟକତା ରହିଛି। ବିଶ୍ୱ ସିଓପିଡି (କ୍ରୋନିକ୍ ଅବ୍‌ଷ୍ଟ୍ରକ୍‌ଟିଭ୍ ପଲମୋନାରୀ ଡିଜିଜ୍) ଦିବସ ଅବ୍ୟବହିତ ପୂର୍ବରୁ ଏହି ରୋଗ ସଂପର୍କରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇ କିମ୍ସର ବିଭାଗୀୟ ବିଶେଷଜ୍ଞ ଡା. ଅମୃତ ମହାପାତ୍ର କହିଲେ, ଦୀର୍ଘ କାଳୀନ କାଶ ଓ କଫ, ଛାତି ଜାକି ହେବା ପରି ଲାଗିବା ଓ ନିଶ୍ୱାସ ପ୍ରଶ୍ୱାସ ନେବାରେ କଷ୍ଟ ଅନୁଭବ କରିବା ହେଉଛି ସିଓପିଡି ରୋଗର ଲକ୍ଷଣ। ଯେଉଁମାନେ ଅତ୍ୟଧିକ ଧୂମ୍ରପାନ କରିଥାନ୍ତି କିମ୍ବା ଧୂମ୍ରପାନ କରୁଥିବା ଲୋକଙ୍କ ସଂସ୍ପର୍ଶରେ ଆସିଥାନ୍ତି ଏବଂ କଳକାରଖାନାରୁ ନିର୍ଗତ ବିଷାକ୍ତ ଗ୍ୟାସ୍ ସଂସ୍ପର୍ଶରେ ଆସିଥାନ୍ତି ସେମାନେ ସାଧାରଣତଃ ଏହି ରୋଗରେ ଆକ୍ରାନ୍ତ ହୋଇଥାନ୍ତି। ଏହା ଛଡ଼ା ଗ୍ରାମାଞ୍ଚଳରେ କାଠ ଓ ଘଷି ଜାଳେଣିରୁ ନିର୍ଗତ ଧୂଆଁ ଯୋଗୁଁ ଏହି ରୋଗରେ ଆକ୍ରାନ୍ତ ହେବାର ସମ୍ଭାବନା ଅଧିକ। ସାଧାରଣତଃ ୪୦ବର୍ଷ ବୟସରୁ ଉର୍ଦ୍ଧ୍ୱ ବୟସର ଲୋକଙ୍କ ମଧ୍ୟରେ ସିଓପିଡି ରୋଗର ସମ୍ଭବନା ଅଧିକ ଦେଖାଦେଇଥାଏ। ବିଶ୍ୱରେ ମୃତ୍ୟୁବରଣ କରୁଥିବା ଲୋକଙ୍କ ମଧ୍ୟରୁ ୬ ପ୍ରତିଶତ ଲୋକ ସିଓପିଡି ରୋଗରେ ମୃତ୍ୟୁବରଣ କରୁଥିବା ଜଣାପଡ଼ିଛି। ଗ୍ଲୋବାଲ୍ ବର୍ଡର୍ଣ୍ଣ ଅଫ୍ ଡିଜିଜ୍ ଅନୁସାରେ ଭାରତରେ ମୃତ୍ୟୁର ଦ୍ୱିତୀୟ ପ୍ରମୁଖ କାରଣ ହେଉଛି ସିଓପିଡି। କିନ୍ତୁ ପ୍ରଥମରୁ ଏହି ରୋଗର ଚିକିତ୍ସା କରାଗଲେ ରୋଗୀ ସୁସ୍ଥ ହୋଇଥାଏ ବୋଲି ଡା. ମହାପାତ୍ର କହିଛନ୍ତି। ଏହି ରୋଗ ଯଦି ପ୍ରାଥମିକ ଅବସ୍ଥାରେ ଥାଏ, ତେବେ ରୋଗୀ ଘରେ ଥାଇ ଏହାର ଚିକିତ୍ସା ଓ ଖାଦ୍ୟ ପାନୀୟରେ ନିୟନ୍ତ୍ରଣ କରି ରୋଗର ଉପଶମ ପାଇ ପାରିଥାଏ। ତେଣୁ ଧୂମ୍ରପାନ କରୁଥିବା ବ୍ୟକ୍ତି ବିଶେଷଙ୍କଠାରୁ ଦୂରରେ ରହିବା ସହ କଳକାରଖାନାରୁ ନିର୍ଗତ ବିଷାକ୍ତ ଗ୍ୟାସ୍‌ଠାରୁ ଦୂରେଇ ରହିବାକୁ କିମ୍ସର ବିଶେଷଜ୍ଞମାନେ କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ କିମ୍ସ ପଲମୋନାରୀ ବିଭାଗ ମୁଖ୍ୟ ଡା. ସି. ଏମ୍. ରାଓଙ୍କ ସମେତ ଡା. ପି. ସିଂହ, ଡା. ଦେବାଶିଷ ବେହେରା ଓ ଡା. ଏସ୍ ଆର୍ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ରହି ଲୋକମାନେ କୋଭିଡ୍ ପରବର୍ତ୍ତୀ ସମୟରେ ଏହି ରୋଗ ପ୍ରତି ସଚେତନ ରହିବାକୁ ପରାମର୍ଶ ଦେଇଥିଲେ।

## ଧର୍ମଶାଳା କପ୍ ଫୁଟବଲ: ଖଡକପୁରକୁ ହରାଇ କଟକ ସେମିରେ

ଧର୍ମଶାଳା,(ପିଏନ୍): ଧର୍ମଶାଳା ବାଣୀପୀଠ ଖେଳ ପଡିଆରେ ଚାଲିଥିବା ରାଜ୍ୟସ୍ତରୀୟ ସପ୍ତମ ବାର୍ଷିକ ଧର୍ମଶାଳା କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ କ୍ୱାଟର ଫାଇନାଲ ମ୍ୟାଚ୍‌ରେ ଆଜି ଖଡଗପୁର ଇଲେଭେନ୍‌କୁ ୪-୧ଗୋଲ୍‌ରେ ପରାସ୍ତ କରି କଟକର ଅଲଟିମେଟ୍ ଚାମ୍ପିଅନ ଦଳ ସେମି ଫାଇନାଲରେ ପ୍ରବେଶ କରିଛି । ପ୍ରଥମାର୍ଦ୍ଧରେ କଟକ ଦଳର ତବା ଖାଁ ପ୍ରଥମ ଗୋଲ୍ ସ୍କୋର କରିଥିବା ବେଳେ ଖଡଗପୁର ଦଳର ହରି ସୋରେନ୍ ଦ୍ୱିତୀୟ ଗୋଲ ଦେଇ ଖେଳକୁ ସମାନ ସ୍ତର(୧-୧)କୁ ଆଣିଥିଲେ । ନିର୍ଦ୍ଧାରିତ ସମୟ ମଧ୍ୟରେ କୌଣସି ଦଳ ଆଉ ଗୋଲ୍ କରି ନପାରିବାରୁ ଟାଇ ବ୍ରେକର ପଦ୍ଧତିର ସହାୟତା ନିଆଯାଇଥିଲା ।

## ଫଂଟୁକ ଉପଲକ୍ଷେ ଭଜନ କାର୍ଯ୍ୟକ୍ରମ

ଖୋର୍ଦ୍ଧା,(ପିଏନ)- ଖୋର୍ଦ୍ଧା ଜିଲ୍ଲା ଜାଗୁଳେଇ ପାଟଣାସଯତିତ ପୂର୍ଣ୍ଣ ବିଗ୍ରହ ଶ୍ରୀ ଜଗନ୍ନାଥ ଜୀଉ ମନ୍ଦିର ମନ୍ଦିର ପରିସରରେ ଫଂଟୁକ ଉପଲକ୍ଷେ ତ୍ରିନାଥ ଚରଣ ସ୍ମୃତି କଳା ସାହିତ୍ୟ ସଂସଦ ପକ୍ଷରୁ ଏକ ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଏ ନେଇ ଅନୁଷ୍ଠାନର ସମ୍ପାଦିକା ତଥା ସମାଜସେବୀ ଇତିଶ୍ରୀ ସାହୁ ଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା । ଏଥିରେ ସଙ୍ଗୀତ ଗୁରୁ ମାଧବ ମହାରଣା,ପ୍ରଦୀପ ସାହୁ,ଜ୍ୟୋତି ରଞ୍ଜନ ସାହୁ ,ରମେଶ ଦାସ,ନୀଳକଣ୍ଠ ସାହୁ,ରାମଚନ୍ଦ୍ର ଦାସ ଓ ସରୋଜିନୀ ମହାପାତ୍ର ପ୍ରମୁଖ ଆଧ୍ୟାତ୍ମିକ ସଙ୍ଗୀତ, ଭଜନ ଓ ଜଣାଣପ୍ରଭୃତି ପରିବେଷଣ କରିଥିଲେ । କାର୍ଯ୍ୟକ୍ରମକୁ ବୈକୁଣ୍ଠ ମହାପାତ୍ର ସଂଯୋଜନା କରିଥିଲେ ।

## କେନ୍ଦୁଝର ଠାରେ ଇପିଏଫ୍ ପେନସନ୍‌ଭୋଗୀଙ୍କର ପ୍ରତିବାଦ ସଭା, ଜିଲ୍ଲାପାଳଙ୍କ ଜରିଆରେ ରାଷ୍ଟ୍ରପତିଙ୍କୁ ଦାବୀପତ୍ର

କେନ୍ଦୁଝର:(ପି.ଏନ): କେନ୍ଦୁଝର ଠାରେ ଇପିଏଫ୍ ପେନସନ ଭୋଗୀଙ୍କ ପକ୍ଷରୁ ବିଭିନ୍ନ ଦାବୀ ନେଇ ପ୍ରତିବାଦ ସଭା କରାଯାଇଥିବାବେଳେ ଜିଲ୍ଲାପାଳଙ୍କ ଜରିଆରେ ରାଷ୍ଟ୍ରପତିଙ୍କୁ ଏକ ଦାବୀପତ୍ର ପ୍ରଦାନ କରାଯାଇଛି। ସର୍ବଭାରତୀୟ ସଂଗଠନର ଡାକରା ଏବଂ ରାଜ୍ୟ ସଂଗଠନର ନିଷ୍ପତ୍ତିକ୍ରମେ ମଙ୍ଗଳବାର କେନ୍ଦୁଝର ଜିଲ୍ଲାରେ ଏହି ପ୍ରତିବାଦ ସଭା କରାଯାଇଥିବା ସଂଘ ପକ୍ଷରୁ କୁହାଯାଇଛି। ସଂଘର ସଦସ୍ୟ ଇପିଏଫ୍ ପେନସନ ଭୋଗୀ ବରିଷ୍ଠ ନାଗରୀକ ମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏହି ପ୍ରତିବାଦ ସଭା କରିଥିଲେ ଏବଂ ସେମାନଙ୍କର ଦାବୀ ସମ୍ପର୍କରେ ମତ ଦେଇଥିଲେ। ୧୯୯୫ ମସିହା ନଭେମ୍ବର ୧୬ ତାରିଖରେ କେନ୍ଦ୍ର ସରକାର ଲାଗୁ କରିଥିବା ଇପିଏଫ୍-୯୫ ଯୋଜନା ପ୍ରଚଳନକୁ ୨୬ବର୍ଷ ପୂରଣ ହୋଇଛି। କିନ୍ତୁ ଦେଶର ୬୭ ଲକ୍ଷ ଇପିଏଫ୍ ପେନସନ ଭୋଗୀ ସାମାଜିକ ସୁରକ୍ଷାରୁ ବଞ୍ଚିତ ହୋଇ ସେମାନେ ଓ ସେମାନଙ୍କର ପରିବାର ଦୁଃଖ ଦୁର୍ଦ୍ଦଶାରେ ଦିନ କାଟୁଥିବା ଅଭିଯୋଗ କରି ପ୍ରତିବାଦ ସଭାରେ କ୍ଷୋଭ ପ୍ରକାଶ କରାଯାଇଥିଲା। ପେନସନ ଭୋଗୀମାନେ ରଖିଥିବା ଦାବୀ ଗୁଡିକ ମଧ୍ୟରେ ଇପିଏଫ୍ ପେନସନ ଭୋଗୀଙ୍କୁ ମାସିକ ସର୍ବନିମ୍ନ ୯୦୦୦ ଟଙ୍କା ପ୍ରଦାନ,ପେନସନ ଭୋଗୀଙ୍କୁ ମହଙ୍ଗା ଭତ୍ତା ପ୍ରଦାନ,ସୁପ୍ରିମ କୋର୍ଟଙ୍କ ନିର୍ଦ୍ଦେଶ ଆଧାରରେ ବର୍ଦ୍ଧିତ ପେନସନ ପ୍ରଦାନ କରିବା, ସମସ୍ତ ଇପିଏଫ୍ ପେନସନ ଭୋଗୀ ପରିବାରକୁ ସରକାରଙ୍କ ପ୍ରଚଳିତ ସ୍ୱାସ୍ଥ୍ୟ ବୀମା ଯୋଜନାରେ ସାମିଲ କରି ମାଗଣା ଚିକିତ୍ସା ସେବା ଯୋଗାଇ ଦେବା ଆଦି ଦାବୀ କରାଯାଇଛି। ଏହି ପ୍ରତିବାଦ ସଭାରେ ଅଲ ଓଡିଶା ଇପିଏଫ୍ ପେନସନ ଭୋଗୀ ସଂଘର ଜିଲ୍ଲା ସଭାପତି ମକରଧ୍ୱଜ ନାଏକ,ଜିଲ୍ଲା ସଂପାଦକ ରମେଶ ଚନ୍ଦ୍ର ଘଡେଇଙ୍କ ସମେତ ଭାବଗ୍ରାହୀ ରାଉତ, ଶ୍ୟାମସୁନ୍ଦର ନାଏକ,ସମର ସିଂ,ଉର୍ବଶୀ ମିଶ୍ର ପ୍ରମୁଖ ପରିଚାଳନା କରିଥିଲେ।

## ଗୋମାଂସ ବିପୁଳ ପରିମାଣରେ ଜବତ,ଚାଳକ ଫେରାର




ଖୋର୍ଦ୍ଧା, (ପିଏନ): ଗତ ରବିବାର ଦିନ କଟକ ତିଗିରିଆରୁ ବୋଝେଇ ହୋଇ ହାଇଦ୍ରାବାଦ ଅଭିମୁଖେ କଂଟେନରରେ ୫ ଟନ ଗୋମାଂସ ଆସୁଥିବାର ଖୋର୍ଦ୍ଧା ଜିଲ୍ଲା ଆରକ୍ଷୀ ଅଧିକାରୀ ରାଜ କିଶୋର ଦୋରାଙ୍କ ପାଖରେ ଖବର ପହଂଚିଥିଲା ।ଏ ନେଇ ଶ୍ରୀ ଦୋରାଙ୍କ ନିର୍ଦ୍ଦେଶରେ ନିରାକାରପୁର ଥାନା ପୋଲିସ ୧୬ ନମ୍ବର ଜାତୀୟ ରାଜପଥର ରାମେଶ୍ୱର ଛକ ଠାରେ ଚଢାଉ କରି ଗୋ ମାଂସ ଓ ଗାଡିଟିକୁ ଜବତ ସହ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ସେହିପରି ଆଜି ସକାଳେ ଖୋର୍ଦ୍ଧା ସଦର ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଦଳେଇପୁଟ ଠାରେ ଏସପିଙ୍କ ନିର୍ଦ୍ଦେଶକ୍ରମେ ସଦର ଥାନା ଅଧିକାରୀ ଅନିତା ସାହୁଙ୍କ ନେତୃତ୍ୱରେ ପୋଲିସ ଏକ ଆଇଚର ଗାଡିରୁ ୫ଟନ ଗୋମାଂସ ଜବତ କରିଥିବା ବେଳେ ଗାଡିର ଚାଳକ ଜଣକ ସତର୍କତାର ସହ ଫେରାର ହୋଇଯାଇଛି । ଏହି ଗାଡିଟିକୁ ସଦର ଥାନାକୁ ଆଣି ମାଂସର ନମୁନାକୁ ଖୋର୍ଦ୍ଧା ଜିଲ୍ଲା ପଶୁ ଚିକିତ୍ସକଙ୍କ ଜରିଆରେ ରାଜ୍ୟ ବିଜ୍ଞାନ ଅନୁସନ୍ଧାନ ପଠାଇବା ସହ ଜବତ ଗୋ ମାଂସକୁ ଏକ ଗାତ କରି ପୋଲିସ ପକ୍ଷରୁ ପୋତି ଦିଆଯାଇଛି ।

## ଜିଲ୍ଲାପାଳଙ୍କ ଲୋୟରଇନ୍ଦ୍ର ଜଳସେଚନ ପ୍ରକଳ୍ପ ପରିଦର୍ଶନ,ବିସ୍ଥାପିତ ସହାୟତା ସମିତିର ଦାବୀପତ୍ର ପ୍ରଦାନ

ନୂଆପଡା, (ପିଏନ)- ନୂଆପଡା ଜିଲ୍ଲାପାଳ ସ୍ୱାଧାଦେବ ସିଂ ଖଡିଆଳ ଲୋୟରଇନ୍ଦ୍ର ଜଳସେଚନ ପ୍ରକଳ୍ପକୁ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରି ଫେରି ଯାଇଛନ୍ତି । ସେ ଡ୍ୟାମକୁ ବୁଲି ଦେଖିବା ସହ ବିଭାଗୀୟ ଅଧିକାରୀ ମାନଙ୍କ ସହ ବୈଠକ କରିଥିଲେ । ଏହି ଅବସରରେ ଲୋୟର ଇନ୍ଦ୍ର ବିସ୍ଥାପିତ ସହାୟତା ସମିତି ପକ୍ଷରୁ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ୧୪ ଦଫା ଦାବୀପତ୍ର ପ୍ରଦାନ କରାଯାଇଥିଲା। ଜିଲ୍ଲାପାଳ ଦାବୀପତ୍ରକୁ ଗ୍ରହଣ କରି ଦାବୀ ସବୁର ସମାଧାନ କରାଯିବ ବୋଲି ପ୍ରକାଶ କରିଥିଲେ । ଦାବୀପତ୍ରରେ ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପ ଅନ୍ତର୍ଗତ ୮ ଗୋଟି ବୁଡି ଗ୍ରାମର ପ୍ରାୟ ୨୫୦୦ ବିସ୍ଥାପିତ ପରିବାରଙ୍କୁ ପ୍ରଶାସନିକସ୍ତରରେ ବିଚାରଧିନଥିବା ସହାୟତା ରାଶିଙ୍କୁ ତୁରନ୍ତ ପ୍ରଦାନ କରାଯିବା, ଜମିର କ୍ଷତିପୂରଣ ପ୍ରଦାନ ବିରୋଧରେ ଜିଲା ଦୌରାଜଜ ନିମ୍ନ ଅଦାଲତରେ ଫଇସଲା ସରି ନିଷ୍ପ ହୋଇ ସାରିଥିବା ଜମିର କ୍ଷତିପୂରଣ ରାଶି ତୁରନ୍ତ ପ୍ରଦାନ କରିବା, ବିସ୍ଥାପିତ ଥଇଥାନ ସହାୟତା ରାଶି ନିର୍ଦ୍ଧାରିତ ଶେଷ ସମୟ ସୀମା ପର୍ଯ୍ୟନ୍ତ ଯୋଗ୍ୟ ବିବେଚିତ ସମସ୍ତ ବିସ୍ଥାପିତଙ୍କୁ ଥଇଥାନ ରାଶି ପ୍ରଦାନ କରିବା, ସମ୍ପୂର୍ଣ୍ଣ ବୁଡିଗ୍ରାମରେ ଭୂମିହୀନ ପ୍ରଜାଙ୍କୁ ୧୯୯୪ ଥଇଥାନ ନୀତି ଅନୁଯାୟୀ ଥଇଥାନ ରାଶି ପାଇଥିବା ବେଳେ ବର୍ତ୍ତମାନ ସେମାନଙ୍କ ଯୋଗ୍ୟ ପୁଅଝିଅ ମାନଙ୍କୁ ଥଇଥାନ ନୀତି ୨୦୦୬ ଅନୁଯାୟୀ ବିସ୍ଥାପିତ ରାଶି ପ୍ରଦାନ, ବିସ୍ଥାପିତ ହୋଇଥିବା ପରିବାରଙ୍କ ବକେୟା ଥିବା ଥଇଥାନ ରାଶି ନୂତନ ବସତିରେ କିଣିଥିବା ଜମି, ଘରଡିହର ରେଜିଷ୍ଟ୍ରେସନ ଫିଜ, ରକ୍ଷଣାବେକ୍ଷଣ, ପରିବହନ ଓ ଅନ୍ୟାନ୍ୟ ଆନୁସାଙ୍ଗିକ ଭ । ପ୍ରଦାନ, ପ୍ରତ୍ୟେକ ବିସ୍ଥାପିତଙ୍କୁ ବିସ୍ଥାପିତ ପରିଚୟ ପତ୍ର ପ୍ରଦାନ, ଅଧିଗୃହିତ ହୋଇଥିବା ଜମି ଉପରେ ରହିଥିବା ହିତାଧିକାରୀଙ୍କୁ ଚିରସ୍ଥାୟୀ ଭାବରେ ରହିବା ବ୍ୟବସ୍ଥା, ପ୍ରକଳ୍ପର ଥଇଥାନ ସହାୟତା ରାଶି ପାଇଁ ଯୋଗ୍ୟ ହିତାଧିକାରୀଙ୍କ ଚୟନ ପାଇଁ ନିର୍ଦ୍ଧାରିତ ଶେଷ ସମୟ ସୀମା ତାରିଖ ୦୧/୦୨/୨୦୧୪ କଟ ଅଫ ଡେଟ ପରିବର୍ତ୍ତେ ପ୍ରକଳ୍ପ ସମ୍ପୂର୍ଣ୍ଣ ହେବା ଦିନକୁ ଶେଷ ସମୟ ସୀମା ଭାବରେ ଗ୍ରହଣ କରିବା, ବୁଡିଗ୍ରାମର ପ୍ରଜାଙ୍କୁ ଡିପି ଆକାରରେ ପାଉଣା ପ୍ରଦାନ, ବିସ୍ଥାପିତ ଯୁବକ ଯୁବତୀଙ୍କୁ କର୍ମସଂସ୍ଥାନ ଓ ନିଯୁକ୍ତି ପାଇଁ ପ୍ରଶିକ୍ଷଣ ପ୍ରଦାନ, ବିଭାଗୀୟ ଅବହେଳା କାରଣରୁ ୩୦ ଜଣରୁ ଅଧିକ ବିସ୍ଥାପିତ ୨୦୧୦ ମସିହାରେ ମଞ୍ଜୁର ହୋଇଥିବା ରାଶି ୨୦୧୫/୧୬ ରେ ପ୍ରଦାନ କରାଗଲା, ଯାହାକି ୨୦୧୪ କଟଅଫ ଡେଟ ମୁତାବକ ବକେୟା ରାଶି ପ୍ରଦାନ, ୧୮ ବର୍ଷରୁ ଅଧିକ ବର୍ଷର ପୁଅଝିଅ ମାନଙ୍କୁ ଥଇଥାନ ରାଶି ମିଳିବା ସକାଶେ ଆବେଦନ କରିବାକୁ କୁହାଯାଇଥିଲା କିନ୍ତୁ କିଛି ହିତାଧିକାରୀଙ୍କ ତାଲିକା ମଞ୍ଜୁର ପାଇଁ ସରକାରଙ୍କୁ ପଠାଯାଇଥିବା ବେଳେ କେତେକଙ୍କ ଆଜି ପର୍ଯ୍ୟନ୍ତ ପଠାଯାଇନଥିବା, ଜଳସମ୍ପଦ ବିଭାଗର ପତ୍ର ମୁତାବକ ବିସ୍ଥାପିତଙ୍କ ସମସ୍ୟାର ସମାଧାନ ସକାଶେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଦେଇଥିବା ଲିଖିତ ପ୍ରତିଶୃତି ୭ ବର୍ଷ ବିତି ଯାଇଥିଲେ ମଧ୍ୟ କାର୍ଯ୍ୟକାରୀ ହୋଇପାରିନାହିଁ, ଏଣୁ ଏହାକୁ ତୁରନ୍ତ କାର୍ଯ୍ୟକାରୀ କରିବା ଭଳି ଯଥା ପ୍ରମୁଖ ଦାବୀ ରହିଛି । ଏହି ଦାବୀପତ୍ର ପ୍ରଦାନ ବେଳେ ବିସ୍ଥାପିତ ସହାୟତା ସମିତିର ସଭାପତି ନିତ୍ୟାନନ୍ଦ ପ୍ରଧାନ ଏବଂ ସମ୍ପାଦକ ଗୋପିନାଥ ଗଉଡ ଉପସ୍ଥିତ ଥିଲେ ।

## ଆନନ୍ଦପୁର ପ୍ରେସ୍ କ୍ଲବର ଜାତୀୟ ପ୍ରେସ୍ ଦିବସ ପାଳନ

ଘଷିପୁରା:(ପି.ଏନ):ଘଷିପୁରାର ଝାଡେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଆନନ୍ଦପୁର ପ୍ରେସ୍ କ୍ଲବ ସଭାପତି ଲୋକନାଥ ସିଂଙ୍କ ସଭାପତିତ୍ୱରେ ଜାତୀୟ ପ୍ରେସ୍ ଦିବସ ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଆନନ୍ଦପୁର ଉପ-ଜିଲ୍ଲାପାଳ ଗୋପୀନାଥ କୁଅଁର ଏବଂ ଅନ୍ୟତମ ଅତିଥି ଭାବେ ଘଷିପୁରା ଥାନାଧିକାରୀ ଶ୍ୟାମଘନ ବେହେରା ଯୋଗ ଦେଇଥିଲେ । ପ୍ରାରମ୍ଭରେ କ୍ଲବର ବରିଷ୍ଠ ସଦସ୍ୟ ସୁବାଷ ମହାପାତ୍ର ବୈଠକରେ ସମ୍ବୋଦ୍ଧିତ କରି ମିଡିଆର ସାମାଜିକ ଦାୟୀତ୍ୱବୋଧ ସମ୍ପର୍କରେ ଆଲୋକପାତ କରିଥିଲେ । କ୍ଲବର ସଭାପତି ତାଙ୍କ ଅଭିଭାଷଣରେ ସାମ୍ପ୍ରଦାୟୀକ ସମାଜର ନାନା ପ୍ରକାର ସମସ୍ୟା ମଧ୍ୟରେ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଭାବେ ପରିଗଣିତ ଗଣମାଧ୍ୟମ ସର୍ବଦା ବଭିନ୍ନ ପ୍ରସଙ୍ଗରେ ନିଜ ଭୂମିକା ସମ୍ପାଦନ କରିବାକୁ ଆହ୍ୱାନ ଦେଇଥିବା ବେଳେ ସମାଜରେ ଘୁରି ବୁଲୁଥିବା ନକଲି ସାମ୍ବାଦିକଙ୍କ ପ୍ରତି ସଜାଗ ରହିବାକୁ ପରାମର୍ଶ ଦେଇଥିଲେ । ମୁଖ୍ୟଅତିଥି ଗଣମାଧ୍ୟମ ପ୍ରତିନିଧି ସର୍ବଦା ଅମଲାତନ୍ତ୍ର ସହ ସମନ୍ୱୟ ରକ୍ଷା କରି ଲୋକମାନଙ୍କର ବିଭିନ୍ନ ସମସ୍ୟା ଲୋକଲୋଚନକୁ ଆଣିବାକୁ ପରାମର୍ଶ ଦେଇଥିଲେ । ଅନ୍ୟତମ ଅତିଥି ଥାନାଧିକାରୀ ସାମ୍ବାଦିକ ବନ୍ଧୁମାନଙ୍କୁ ସର୍ବଦା ଗଠନ ମୂଳକ ସମ୍ବାଦ ପରିବେଷଣ ଉପରେ ଗୁରୁତ୍ୱ ଦେଇଥିବା ବେଳେ ସାମ୍ବାଦିକଙ୍କ ପ୍ରତି ସର୍ବଦା ସହଯୋଗ ରହିବ ବୋଲି ପ୍ରକାଶ କରିଥିଲେ । ବୈଠକରେ କ୍ଲବ ସଦସ୍ୟ ବରିଷ୍ଠ ସାମ୍ବାଦିକ ଶତ୍ରୁଘନ ସାହୁ, ସ୍ୱପ୍ନେଶ୍ୱର ପଣ୍ଡା, ରାଜୀବ ଲୋଚନ ଜେନା, ଦେବବ୍ରତ ଚକ୍ରବର୍ତ୍ତି, ସତ୍ୟଜିତ୍ ସାହୁ, ପରୀକ୍ଷିତ ଦାସ, ଅନୀଲ ସାହୁ, ସରୋଜ କୁମାର ପରିଡା, ନାରାୟଣ ସାହୁ, ଅମୀୟ ରନ ବରାଳ, ପଦ୍ମନାଭ ସାହୁ, ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ଶେଷରେ କ୍ଲବର ସମ୍ପାଦକ ସନ୍ତୋଷ କୁମାର ରାଉତ ଧନ୍ୟବାଦ ଅର୍ପଣ ପୂର୍ବକ ବୈଠକ ଭଙ୍ଗ କରିଥିଲେ ।

## ଓଡିଶା -ଆନ୍ଧ୍ର ସୀମା ବିବାଦ : ୮୦୦ କିଲୋମିଟର ପଦଯାତ୍ରା ପରେ ଫେରିଲେ ମୁକ୍ତିକାନ୍ତ





ଭୁବନେଶ୍ୱର, (ପି.ଏନ): ଓଡିଶା-ଆନ୍ଧ୍ରପ୍ରଦେଶ ସୀମା ବିବାଦର ସମାଧାନ ଦାବିରେ ଗତ ଗାନ୍ଧୀ ଜୟନ୍ତୀରୁ ଭୁବନେଶ୍ୱରରୁ ଆନ୍ଧ୍ର ପ୍ରଦେଶର ରାଜଧାନୀ ଅମରାବତୀକୁ ପଦଯାତ୍ରା ଯାଇଥିବା ରାଉରକେଲାର ଯୁବ ସମାଜସେବୀ ମୁକ୍ତିକାନ୍ତ ବିଶ୍ୱାଳ ସଫଳତାର ସହିତ ନିଜ ପଦଯାତ୍ରା ଶେଷ କରି ଓଡିଶା ଫେରିଆସିଛନ୍ତି । ଏଠାରେ ପ୍ରକାଶ ଥାଉକି, ଓଡିଶା ଏବଂ ଆନ୍ଧ୍ର ପ୍ରଦେଶ ମଧ୍ୟରେ ଲାଗି ରହିଥିବା ସୀମା ବିବାଦର ଯଥାଶୀଘ୍ର ସମାଧାନ କରିବା ପାଇଁ ଉଭୟ ରାଜ୍ୟର ମୁଖ୍ୟମନ୍ତ୍ରୀ ଏକତ୍ର ବସି ଆଲୋଚନା କରିବାକୁ ଦାବି ଜଣାଇ ମୁକ୍ତିକାନ୍ତ ଗତ ଗାନ୍ଧୀ ଜୟନ୍ତୀରୁ ଭୁବନେଶ୍ୱରରୁ ପଦଯାତ୍ରାରେ ଯାଇ ଦୀର୍ଘ ୩୬ଦିନ ପରେ ଗତ ୭ତାରିଖରେ ଅମରାବତୀରେ ପହଂଚିଥିଲେ । ସେଠାରେ ପହଂଚିବା ପରେ ଆନ୍ଧ୍ର ରାଜ୍ୟପାଳ,ମୁଖ୍ୟମନ୍ତ୍ରୀ ଏବଂ ବିରୋଧୀଦଳ ନେତାଙ୍କୁ ସାକ୍ଷାତ୍ କରିବା ପାଇଁ ମୁକ୍ତିକାନ୍ତ ଅନୁମତି ଲୋଡିଥିବା ବେଳେ ଏଣେ ଓଡିଶା ସରକାର ଆଲୋଚନା ପାଇଁ ୯ତାରିଖରେ ଭୁବନେଶ୍ୱର ଆସିବାକୁ ଆନ୍ଧ୍ର ମୁଖ୍ୟମନ୍ତ୍ରୀଙ୍କୁ ନିମନ୍ତ୍ରଣ କରିବା ଖବର ଜଣାପଡିଥିଲା । ସେହି ୯ତାରିଖରେ ଆନ୍ଧ୍ର ପ୍ରଦେଶର ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ଏବଂ ବିରୋଧୀଦଳ ନେତା ଏନ୍.ଚନ୍ଦ୍ରବାବୁ ନାଇଡୁଙ୍କୁ ଭେଟିବା ଲାଗି ମଧ୍ୟ ମୁକ୍ତିକାନ୍ତଙ୍କୁ ଅନୁମତି ମିଳିବା ପରେ ସେ ଉଭୟଙ୍କୁ ସାକ୍ଷାତ୍ କରି ଦାବୀପତ୍ର ପ୍ରଦାନ କରିଥିଲେ । ସେହିଦିନ ଭୁବନେଶ୍ୱରଠାରେ ଦୁଇ ରାଜ୍ୟର ମୁଖ୍ୟମନ୍ତ୍ରୀ ଆଲୋଚନା କରିଥିବାରୁ ସୀମା ବିବାଦର ସମାଧାନ ପାଇଁ ଆଲୋଚନା ପ୍ରକ୍ରିୟା ଆଗେଇ ନେବାକୁ ରାଜ୍ୟପାଳ ଶ୍ରୀଯୁକ୍ତ ହରିଚନ୍ଦନ ଏବଂ ବିରୋଧୀଦଳ ନେତା ଶ୍ରୀଯୁକ୍ତ ନାଇଡୁଙ୍କୁ ମୁକ୍ତିକାନ୍ତ ଅନୁରୋଧ କରିଥିଲେ । ତାଙ୍କ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପଠାଯିବ ବୋଲି ରାଜ୍ୟପାଳ ନିର୍ଭର ପ୍ରତିଶୃତି ଦେଇଥିବା ବେଳେ ବିରୋଧୀଦଳ ନେତା ଶ୍ରୀଯୁକ୍ତ ନାଇଡୁ ମଧ୍ୟ ସୀମା ବିବାଦର ସମାଧାନ ଦିଗରେ ଉଦ୍ୟମ କରିବେ ବୋଲି ପ୍ରତିଶୃତି ଦେଇଥିଲେ । ଅନ୍ୟପକ୍ଷରେ ଆନ୍ଧ୍ର ପ୍ରଦେଶର ମୁଖ୍ୟମନ୍ତ୍ରୀଙ୍କୁ ଭେଟି ନ ପାରିବାରୁ ମୁକ୍ତିକାନ୍ତ ମୁଖ୍ୟମନ୍ତ୍ରୀଙ୍କ ରାଜନୈତିକ ପରାମର୍ଶଦାତାଙ୍କୁ ଭେଟିଥିଲେ । ଦୀର୍ଘ ୩୬ଦିନର ପଦଯାତ୍ରା ଶେଷ କରି ଓଡିଶା ଫେରିଥିବା ମୁକ୍ତିକାନ୍ତ ଆଜି ଭୁବନେଶ୍ୱରର ଲୋହିୟା ଏକାଡେମୀ ପରିସରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ନିଜ ପଦଯାତ୍ରାର ବିସ୍ତୃତ ବିବରଣୀ ପ୍ରଦାନ କରିଛନ୍ତି । ଉଭୟ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ଆଲୋଚନା ହୋଇଥିବାରୁ ସେ ଆନନ୍ଦ ପ୍ରକଟ କରିବା ସହିତ ସୀମା ବିବାଦର ସମାଧାନ ହେବ ବୋଲି ଆଶାବ୍ୟକ୍ତ କରିଛନ୍ତି । ଏହି ପଦଯାତ୍ରା ସମୟରେ ବାଟରେ ବିଭିନ୍ନ ସ୍ଥାନରେ ଉଭୟ ଓଡିଶା ଏବଂ ଆନ୍ଧ୍ର ପ୍ରଦେଶର ଜନସାଘାରଣ ଏବଂ ବୁଦ୍ଧିଜିବୀ ତାଙ୍କୁ ଭେଟି ଯାତ୍ରାର ସଫଳତା କମନା କରିଥିବା ବେଳେ କେତେକ ସ୍ଥାନରେ ଗଣମାଧ୍ୟମ ପ୍ରତିନିଧିମାନେ ମଧ୍ୟ ସମ୍ବାଦ ପରିବେଷଣ କରିଥିଲେ । ଯାତ୍ରା ଆରମ୍ଭ ସମୟରେ ରାଉରକେଲା ଏବଂ ଭୁବନେଶ୍ୱରରେ ଗଣମାଧ୍ୟମ, ସମାଜସେବୀ, ବିଭିନ୍ନ ଅନୁଷ୍ଠାନର ପଦାଧିକାରୀ ତଥା ଜନସାଧାରଣ ତାଙ୍କୁ ସହଯୋଗ କରିଥିଲେ । ଏତଦ୍ ଭିନ୍ନ ସମାଜବିଜ୍ଞାନ ସୁରକ୍ଷାଟ୍ରଷ୍ଟର ଅଧ୍ୟକ୍ଷ ପ୍ରକାଶ ନାୟକ ଏଥିରେ ସହଯୋଗ ହାତ ବଢାଇଥିବା ବେଳେ ଏହାକୁ ସଂଯୋଜନା କରିଥିଲେ ନୀଳମାଧବ ସାହୁ । ସମସ୍ତ ଶୁଭେଚ୍ଛୁଙ୍କୁ ବ୍ୟକ୍ତିଗତ ଭାବରେ ଧନ୍ୟବାଦ ଜଣାଇବା ସମ୍ଭବପର ହେଉ ନ ଥିବାରୁ ଉକ୍ତ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ମୁକ୍ତିକାନ୍ତ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

## ବିବାଦ ଆଗରେ ଫିକା ପଡିଲା ସମ୍ପର୍କ, ଶଳାକୁ ପଥରରେ ଛେଚି ହତ୍ୟା କଲା ଭିଣୋଇ

କେନ୍ଦୁଝର:(ପି.ଏନ):କେନ୍ଦୁଝର ଜିଲ୍ଲା ସଦର ଥାନା ଅନ୍ତର୍ଗତ ଠାକୁରଡିହି ଗ୍ରାମ ନିକଟରେ ପଥରରେ ଛେଚି ଶଳାକୁ ହତ୍ୟା କରିଛି ଭିଣୋଇ । ସୂଚନା ଅନୁଯାୟୀ ପାରିବାରିକ ବିବାଦକୁ ନେଇ ଶଳାକୁ ହତ୍ୟା କରିଛି ଭିଣୋଇ ବୋଲି ଜଣାପଡିଛି । ଟ୍ରକ୍ ଭିତରୁ ମୃତଦେହକୁ ଠାବ କରାଯାଇଥିବା ବେଳେ ମୃତକ ଜଣକ ହେଲେ ସଦର ଥାନା ତଳଚମ୍ପେଇ ଗ୍ରାମର ରଣଜିତ ମହାକୁଡ ବୋଲି ଜଣାପଡିଛି । ହତ୍ୟାକାଣ୍ଡ ସମ୍ପର୍କରେ ଖବର ପାଇ ସଦର ଥାନା ପୋଲିସ ଘଟଣା ସ୍ଥଳରେ ପହଂଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ନିଟକସ୍ଥ ଡାକ୍ତରଖାନାକୁ ପଠାଇଛି । ଆବଶ୍ୟକ ପଡିଲେ ସାଇଣ୍ଟିଫିକ୍ ଟିମ୍‌ର ସହଯୋଗ ନିଆଯିବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି । ଏହି ହତ୍ୟାକାଣ୍ଡକୁ ନେଇ ସ୍ଥାନୀୟ ଅଂଚଳରେ ଉତ୍ତେଜନା ଲାଗି ରହିଛି ।

## ଅଂଶୁମାନ ମେମୋରିଆଲ୍ ଟ୍ରଷ୍ଟର ବାର୍ଷିକୋତ୍ସବ

ଧର୍ମଶାଳା, (ପିଏନ୍): ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜାରକା ଶିଶୁ ଉଦ୍ୟାନ ନିକଟରେ ଆଜି ଅଂଶୁମାନ ମେମୋରିଆଲ୍ ଟ୍ରଷ୍ଟ୍‌ର ଦ୍ୱାଦଶ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି । ମେଧାବୀ ଛାତ୍ର ସ୍ୱର୍ଗତ ଅଂଶୁମାନ ସାହୁଙ୍କ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଆୟୋଜିତ ଉତ୍ସବକୁ ମୁଖ୍ୟଅତିଥି ଧର୍ମଶାଳା ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ ଉଦ୍‌ଘାଟନ କରିଥିଲେ । ଅଂଶୁମାନଙ୍କ ସ୍ମୃତିକୁ ଉଜ୍ଜୀବିତ ରଖିବା ପାଇଁ ଗଠିତ ଏହି ଟ୍ରଷ୍ଟ ଦୀର୍ଘ ୧୨ବର୍ଷ ହେଲା ବିଭିନ୍ନ ଜନକଲ୍ୟାଣ କାର୍ଯ୍ୟରେ ନିୟୋଜିତ ରହିଛି । ଦୁର୍ବିପାକ ସମୟରେ ଅସହାୟ ଓ ଅବହେଳିତ ଲୋକମାନଙ୍କ ପାଖରେ ଠିଆ ହୋଇଛି । ଅଂଶୁମାନ ଜଣେ ଶାନ୍ତ, ସରଳ ଓ ମେଧାବୀ ଛାତ୍ର ଥିଲେ ବୋଲି ଶ୍ରୀ ବଳବନ୍ତରାୟ କହିଥିଲେ । ଯାଜପୁରର ପୂର୍ବତନ ସିଡିଏମ୍‌ଓ ଡ. ବିଜୟ କୁମାର ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଧର୍ମଶାଳା କଲେଜ୍‌ର ପ୍ରାକ୍ତନ ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ଚ୍ୟାଉପଟ୍ଟନାୟକ ସମ୍ମାନୀତ ଅତିଥି ଭାବେ ଯୋଗଦେଇ କହିଲେ, ଦାନ ଦେଇ ମନେ ରଖିବେ ନାହିଁ । ଯେଉଁମାନେ ଗ୍ରହଣ କରିବେ, ଏହାକୁ ଭୁଲିବେ ନାହିଁ । ନିଜେ କେତେ ଖୁସିରେ ରହିଲେ ତାହା ବଡ କଥା ନୁହେଁ । ଆପଣଙ୍କ ପାଇଁ ଅନ୍ୟମାନେ କେତେ ଖୁସି ହୋଇଛନ୍ତି, ସେଥିପ୍ରତି ଯତ୍ନବାନ ହେବା ଆବଶ୍ୟକ ବୋଲି ସେ ଗୁରୁତ୍ୱାରୋପ କରିଥିଲେ । ସଂଗୀତ ନିର୍ଦ୍ଦେଶକ ଅଭିଜିତ୍ ମଜୁମଦାର ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇଥିଲେ । ଅଂଶୁମାନ ମେମୋରିଆଲ୍ ଟ୍ରଷ୍ଟ୍‌ର ସଂପାଦକ ହିମାଂଶୁ ଶେଖର ସାହୁ ଯୋଗଦେଇ ଆମ ଓଡିଶାର ଐତିହ୍ୟ ଫଳକକୁ ଉନ୍ମୋଚନ କରିଥିଲେ । କ୍ରୀଡାବିତ୍ ଦେବରାଜ ମିଶ୍ର ଅତିଥି ପରିଚୟ ଓ ବିବରଣୀ ପାଠ କରିଥିଲେ । ଏହି ଅବସରରେ ଦିବ୍ୟାଙ୍ଗ ଧନେଶ୍ୱର ସାହୁ, ପ୍ରମୋଦ ମଲ୍ଲିକ, ସୁଧୀର ରାଉତ, ମହେନ୍ଦ୍ର ସାମଲ, ତପନ ନାୟକ, ଖବରକାଗଜ ବିତରକ ବସନ୍ତ ବାରିକ, ବିଦ୍ୟୁତ୍ କର୍ମଚାରୀ ମଦନ ମହାନ୍ତି, ଡାକ୍ତରଖାନା କର୍ମଚାରୀ ଅଜୟ ବେଜ୍, ଗଦାଧର ପାତ୍ର, ବ୍ରଜ ବେହେରା, ନୟନା ବେହେରା, ସନ୍ତୋଷ କୁମାର ସେଠୀ, ବିରଜା ପ୍ରସାଦ ଜେନାଙ୍କ ସମେତ ଧର୍ମଶାଳା ଓ ରସୁଲପୁର ବ୍ଲକରେ କାର୍ଯ୍ୟରତ ଆମ୍ବୁଲାନ୍ସ କର୍ମଚାରୀ, ସାମାଜିକ ଅନୁଷ୍ଠାନ କଟକର ଭାରତୀ ଫାଉଣ୍ଡେସନ, କୁଆଖିଆର କଳିଙ୍ଗ ଯୁବକ ସଂଘ, ରସୁଲପୁରର ହେଲପିଙ୍ଗ୍ ହ୍ୟାଣ୍ଡ୍, ଜାରକାର ଅସହାୟର ବନ୍ଧୁ ଏବଂ ଓଡିଶା ଜୟ ଜଗନ୍ନାଥ ଗ୍ରୁପ୍‌କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ । ସେହିପରି ଟ୍ରଷ୍ଟ ପକ୍ଷରୁ ୨୦ଜଣ ଭିନ୍ନକ୍ଷମଙ୍କୁ ଟ୍ରାଇ ସାଇକେଲ ଓ ହୁଇଲ୍ ଚେୟାର୍ ପ୍ରଦାନ କରା ଯାଇଥିଲା ।




2021-2022

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on Facebook.com/Mps, Baripada






# ପାଚକ-ପାଚିକା ସଂଘ ପକ୍ଷରୁ ପ୍ରସ୍ତୁତି ବୈଠକ




ଚଣ୍ଡିଖୋଲ,(ପି.ଏନ୍):ବିଜୁ ଶ୍ରମିକ ସାମୁଖ୍ୟ ଆନୁକୂଲ୍ୟରେ ନିଖିଳ ଓଡ଼ିଶା ମଧ୍ୟାହ୍ନ ଭୋଜନ ପାଚକ ଓ ପାଚିକା ସଂଘ ପକ୍ଷରୁ ଧର୍ମଶାଳା ବ୍ଲକ୍ ଅନ୍ତର୍ଗତ ହରିଦାସପୁର ପଂଚାୟତ କଂଚିଆ ହାଇସ୍କୁଲ ପରିସରରେ ଏକ ପ୍ରସ୍ତୁତି ବୈଠକ ଆଜି ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରସ୍ତୁତି ବୈଠକରେ ବଡ଼ଚଣା ବିଜୁ ଶ୍ରମିକ ସାମୁଖ୍ୟର ସଭାପତି ଜଗନ୍ନାଥ ମୁହୁଲି ଅଧ୍ୟକ୍ଷତା କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ବିଜୁ ଶ୍ରମିକ ସାମୁଖ୍ୟର ସଂପାଦକ, ସମ୍ମାନୀତ ଅତିଥିଭାବେ କ୍ଷିରୋଦ ପଣ୍ଡା, ଧର୍ମଶାଳା ବ୍ଲକ୍ ପାଚକ ପାଚିକା ସଂଘର ସାଭନେତ୍ରୀ ଶ୍ରମତୀ ଆରତି ବେହେରା, ଶିଶିର କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଧର୍ମଶାଳା ବ୍ଲକ୍‌ର ହରିଦାସପୁର,ଗଙ୍ଗାଧରପୁର,ଗଡ଼ମଧୁପୁର, ପାଖର, ଆରୁହା, କ୍ଷେତ୍ରପାଳ, ମହିସରା, ତରଞ୍ଜିଆ, କଂଟିଗଡ଼ିଆ ସମେତ ବହୁ ପଂଚାୟତରେ ଥିବା ସ୍କୁଲ ମାନଙ୍କର ଶତାଧିକ ପାଚକ ପାଚିକା ଯୋଗ ଦେଇଥିଲେ। ପ୍ରାରମ୍ଭରେ ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ବିଜୁ ଶ୍ରମିକ ସାମୁଖ୍ୟ ସଂଗଠନ ରାଜ୍ୟ ସ୍ତରୀୟ କରାଯାଇଅଛି। ରାଜ୍ୟରେ ଥିବା ସମସ୍ତ ସଂଗଠନରେ ଥିବା ଶ୍ରମିକମାନଙ୍କର ନାର୍ଯ୍ୟଦାବୀକୁ ହାସଲ କରିବା ପାଇଁ ବିଶେଷ କରି ପାଚକ ପାଚିକାମାନଙ୍କର ଅଧିକ ସୁବିଧା ପାଇଁ ଏହି ସଂଗଠନ ନିଶ୍ଚିତ ଭାବରେ କାର୍ଯ୍ୟ କରିବ। ତାଙ୍କର ଦାବୀପ୍ରତି ଯାଜପୁର ବିଧାୟକ ତଥା ରାଜ୍ୟ ବିଜେଡ଼ି ସାଂଗଠନିକ ସଂପାଦକ ପ୍ରଣବ ପ୍ରକାଶ ଦାସ, ବିଜୁ ଶ୍ରମିକ ସାମୁଖ୍ୟର ରାଜ୍ୟ ସାଧାରଣ ସଂପାଦକ ତଥା ସାଂସଦ ସୁବାଷ ସିଂହଙ୍କର ଦୃଢ଼ ସମର୍ଥନ ରହିଅଛି ଏବଂ ପାଚକ ପାଚିକାମାନଙ୍କର ଦାବୀକୁ ସଂପୂର୍ଣ୍ଣ ସହଯୋଗ କରାଯିବ ବୋଲି ଧର୍ମଶାଳାର ମାନ୍ୟବର ବିଧାୟକ ପ୍ରଣବ ବଳବନ୍ତରାୟ ପ୍ରକାଶ କରିଛନ୍ତି ବୋଲି ମୁଖ୍ୟ ଅତିଥି ଶ୍ରୀ ନାୟକ ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ। ପାଚକ ପାଚିକାମାନେ ସ୍କୁଲମାନଙ୍କରେ ଛାତ୍ରଛାତ୍ରୀଙ୍କ ପାଇଁ ମଧ୍ୟାହ୍ନ ଭୋଜନ ପାଇଁ ରୋଷେଇ କରିଛନ୍ତି। ଯେପରି 'ମା' ଟିଏ ନିଜ ଘରେ ନିଜ ପରିବାର ପାଇଁ ରୋଷେଇ କରି ସେବା କରିଥାଏ ସେହିପରି ସ୍କୁଲ ମାନଙ୍କରେ ତାଙ୍କର ପୁଅ ଝିଅ ଭାବି ରୋଷେଇ କରି ଅମୃତ ଭଳି ଭୋଜନଟିଏ ଦେଇଥାଏ। ବର୍ତ୍ତମାନ ସରକାର ସେମାନଙ୍କୁ ମାସିକ ୧୪୦୦ ଟଙ୍କା ଦେଉଛନ୍ତି ଅଧିକନ୍ତୁ ଏ ସରକାର ଅନ୍ୟ ସମସ୍ତ କର୍ମଚାରୀମାନଙ୍କୁ ଅଧିକ ଦରମା ଦେଉଛନ୍ତି କିନ୍ତୁ ପାଚିକଟିଏ ସେ ସୁବିଧା ଆଜି ପର୍ଯ୍ୟନ୍ତ ପାଇ ପାରିନାହିଁ। ବର୍ତ୍ତମାନ ମୁଖ୍ୟ ଦାବୀ ହେଉଛି ସରକାର ପାଚକ ପାଚିକାମାନଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରିବା ସହିତ ମାସିକ ୯ ହଜାର ଟଙ୍କା ବେତନ ଦେଲେ ପାଚିକାମାନେ ନିଜ ପରିବାରକୁ ଚଳାଇବାରେ ଆତ୍ମ ନିର୍ଭରଶୀଳ ହୋଇପାରିବେ। ପାଚକ ପାଚିକାମାନଙ୍କ ଦାବୀକୁ ସରକାରମାନି ନେଲେ ରାଜ୍ୟର ସମସ୍ତ ପାଚକ ପାଚିକାମାନଙ୍କ ମଧ୍ୟରେ ଆନନ୍ଦର ଲହରୀ ଖେଳିଯିବ। ଆସନ୍ତା ଦିନରେ ଧର୍ମଶାଳା ବ୍ଲକ୍‌ର ସମସ୍ତ ପାଚିକ ପାଚିକାମାନଙ୍କର ଏକ ବୈଠକ ଧର୍ମଶାଳା ସ୍ଥିତ ବିଜୁ କଳ୍ପତରୁ ଦାସ ଷ୍ଟାଡ଼ିୟମ୍ ଠାରେ ହେବା ପାଇଁ ସ୍ଥିର କରାଯିବ ବୋଲି ମୁଖ୍ୟ ଅତିଥି ଶ୍ରୀ ନାୟକ ପ୍ରକାଶ କରିଥିଲେ। ପ୍ରସ୍ତୁତି ବୈଠକରେ ପାଚିକା ମମତା ସିଂହ ଦେଓ, ଜୟନ୍ତୀ ବଳ, ଲିପିକା ମହାପାତ୍ର, ଝୁଲଣା ଦାସ,ଜ୍ୟୋସ୍ନାରାଣୀ ପରିଡ଼ା, ଅଖଜି ସେଠୀ, କୁସୁମ ନାୟକ ପ୍ରମୁଖ ଏ ଆଲୋଚନାରେ ଭାଗ ନେଇଥିଲେ। ଶେଷରେ ଶିଶିର କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## କଂଗ୍ରେସ ପକ୍ଷରୁ ଜନ ଜାଗରଣ ଯାତ୍ରାର ଶୁଭାରମ୍ଭ

ଭୁବନେଶ୍ୱର, (ପି.ଏନ): ଦେଶରେ ପେଟ୍ରୋଲ, ଡିଜେଲ ଓ ରନ୍ଧନ ଗ୍ୟାସର ଅହେତୁକ ଦରବୃଦ୍ଧି ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟର ଆକାଶ ଛୁଆଁ ମୂଲ୍ୟ ବୃଦ୍ଧି ପ୍ରତିବାଦରେ ନିଖିଳ ଭାରତ କଂଗ୍ରେସ କମିଟି ନିଷ୍ପତିକ୍ରମେ ସାରା ଦେଶରେ କଂଗ୍ରେସ ଦଳପକ୍ଷରୁ ନଭେମ୍ବର ୧୪ ରୁ ୨୯ ତାରିଖ ମଧ୍ୟରେ ସପ୍ତାହ ବ୍ୟାପି ଜନ ଜାଗରଣ ଯାତ୍ରା ଅନୁଷ୍ଠିତ ହେଉଛି। ଏହି ପରିପ୍ରେକ୍ଷୀରେ ରାଜ୍ୟରେ ହେଉଥିବା ଆଇନ ଶୃଙ୍ଖଳା ଅବନତି, ଦରବୃଦ୍ଧି ଓ ନାରୀ ନିର୍ଯ୍ୟତନା ବିରୋଧରେ ଜନସଚେତନତା ସୃଷ୍ଟି କରିବାପାଇଁ ସୋମବାର ଭୁବନେଶ୍ୱର ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଜିଲ୍ଲା କଂଗ୍ରେସ ସଭାପତି ବିଶ୍ୱଜିତ ଦାଶଙ୍କ ନେତୃତ୍ୱରେ ସପ୍ତାହ ବ୍ୟାପି ଜନ ଜାଗରଣ ଯାତ୍ରାର ଶୁଭାରମ୍ଭ ହୋଇଛି। ପୂର୍ବାହ୍ନରେ ୯ନମ୍ବର ବ୍ଲକ ଅଧିନସ୍ଥ ଆଇଗିଣିଆ ଛକ ଠାରୁ ଏକ ପଦଯାତ୍ରା ବାହାରି ଯଦୁପୁର ପର୍ଯ୍ୟନ୍ତ ଯାଇ ଲୋକମାନଙ୍କୁ ଉଭୟ କେନ୍ଦ୍ର ଓ ରାଜ୍ୟସରକାରଙ୍କ ଅପାରଗତା ସଂପର୍କରେ ସଚେତନ କରାଇଥିଲେ।

## ଜୟଦେବ ଯୁବ ସାମ୍ବାଦିକ ସଙ୍ଘ କାଯ୍ୟାଳୟରେ ଜାତୀୟ ପ୍ରେସ ଦିବସ ପାଳିତ




ବାଲିଅନ୍ତା,(ପି.ଏନ):ଜାତୀୟ ପ୍ରେସ ଦିବସ ଅବସରରେ ଜୟଦେବ ନିର୍ବାଚ଼ନ ମଣ୍ଡଳୀର କାଯ୍ୟରତ ଜୟଦେବ ଯୁବ ସାମ୍ବାଦିକ ସଙ୍ଘ କାଯ୍ୟାଳୟରେ ସଭାପତି ଗଗନ ଭୋଇଙ୍କ ନେତୃତ୍ୱରେ ପ୍ରେସ ଦିବଶ ସଭା ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ମୁଖ୍ୟ ଅତିଥି ଭାବେ ଖୋର୍ଦ୍ଧା ଜିଲ୍ଲା ସୂଚ଼ନା ଲୋକ ସମ୍ପର୍କ ଅଧିକାରୀ ପଠାଣି ରାଉତ ଯୋଗଦେଇ ଅଞ୍ଚଳର କାଯ୍ୟରତ ସାମ୍ବାଦିକମାନଙ୍କର ଭୂମିକା ଓ କୋଭିଡ଼ ସମୟରେ ଯେଉଁଭଳି ଭାବେ ନିଜର ଜୀବନକୁ ବାଜି ଲଗାଇ ଅଞ୍ଚଳର ପ୍ରତେକଟି ଖବରକୁ ଟିକି ନିକି ଭାବେ ଲୋକ ଲୋଚ଼ନକୁ ଆଣିବା ସହିତ ସରକାରଙ୍କ ଦୃଷ୍ଟି ଆକର୍ଷଣ କୁହାଯାଉଥିଲେ । ସେଥିପାଇଁ ସାମ୍ବାଦିକ ଭୂମିକାକୁ ଭୁୟଶୀ ପ୍ରସଂଶା କରିଥିଲେ। ଏଭଳି କାଯ୍ୟଧାରକୁ ଆଗାମୀ ଦିନରେ ଜରିରଖିବା ସହିତ ନିର୍ବାଚ଼ନ ମଣ୍ଡଳୀର ଜନସଧାରଣଙ୍କ ପାଇଁ କାଯ୍ୟ କରିବାକୁ ପରାମର୍ଶ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଉପଦେଷ୍ଟା ଦୀନବନ୍ଧୁ ଭୋଇ, ସମ୍ପାଦକ ଜିତେନ୍ଦ୍ର କୁମାର ବେଉରା, ଉପସ୍ଥିତ ଗୋଲେଖ ବେହେରା, ଆଶୁତୋଷ ଚୌଧୁରୀ, ମିଥୁନ କୁମାର ସାହୁଙ୍କ ସହ ପ୍ରକାଶ ଚ଼ନ୍ଦ୍ର ବାରିକ ପ୍ରମୁଖ ଉପସ୍ଥିତ ଥିଲେ ।

## ୧୮ରେ ପୁରୀ ଯିବେ କେନ୍ଦ୍ରମନ୍ତ୍ରୀ ବିଶେଶ୍ୱର ଟୁଡୁ

ଭୁବନେଶ୍ୱର, (ପି.ଏନ): ସମୁଦ୍ର ଉପକୂଳସ୍ଥିତ ପୁରୀ ଜିଲ୍ଲାର ଡେଲାଙ୍ଗ, କଣାସ, ପିପିଲି, ବ୍ରହ୍ମଗିରି, ସତ୍ୟବାଦୀ, ପୁରୀ ସଦର ବ୍ଲକର ପାଖାପାଖି ୧୫୦ଟି ଗ୍ରାମପଂଚାୟତର ୧୨୦୦ ରାଜସ୍ୱ ଗ୍ରାମ, ୩୨୦୦୦ ହେକ୍ଟରରୁ ଉର୍ଦ୍ଧ୍ୱ ଛାଷଜମି, ୧୦ ଲକ୍ଷରୁ ଉର୍ଦ୍ଧ୍ୱ ଜନସାଧାରଣ ବନ୍ୟା କ୍ଷତି ସହୁଛନ୍ତି। ଏହି ଅଂଚଳର ସମସ୍ୟାର ସ୍ଥାୟୀ ସମାଧାନ ନହେବା କାରଣରୁ ଅଂଚଳବାସୀଙ୍କ ମନ ଭିତରେ ଅସନ୍ତୋଷର ନିଆଁ ବୃଦ୍ଧି ପାଇଚାଲିଛି। ।ଏହି ଦାବୀକୁ ଗମ୍ଭୀରତାର ସହ ଅନୁଭବ କରି କେନ୍ଦ୍ରମନ୍ତ୍ରୀ ଶ୍ରୀ ଟୁଡୁ ଆସନ୍ତା ୧୮ ତାରିଖ ଦିନ ପୁରୀ ଜିଲ୍ଲା ଗସ୍ତରେ ଆସି ଜିଲ୍ଲାରେ ପ୍ରବାହିତ ଦୟା, ରାଜୁଆ, ମଲାଗୁଣୀ, ମକରା, ଲୁଣା, ରୟଚିରା, ଭାର୍ଗବୀ ଆଦି ନଦୀର ସମୁଦ୍ର ସଂଯୋଗ ସ୍ଥଳ କଣାସର ବଡଗୋଠରୁ ଚିଲିକା ମୁହାଣ ପର୍ଯ୍ୟନ୍ତ ପରିଦର୍ଶନ କରି ସ୍ଥିତିର ଆକଳନ କରିବେ।

# ଚ଼ନ୍ଦ୍ରଭାଗା ର କାର୍ଯ୍ୟକାରୀ ବୈଠକ



ଚ଼ନ୍ଦ୍ରଭାଗା ମହୋତ୍ସବର ୩୨ ବର୍ଷର କାର୍ଯ୍ୟକାରିଣୀ ବୈଠକ ସ୍ଥାନୀୟ କଳିଙ୍ଗ ହୋଟେଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଜ୍ୟୋତିର୍ମୟୀ ଶତପଥୀଙ୍କ ପରିଚ଼ାଳନାରେ ୧୨ ଜଣିଆ କମିଟି କୁ ନେଇ ଅନୁଷ୍ଠିତ ହୋଇଯାଇଛି ବିଭିନ୍ନ ପ୍ରସ୍ତାବ ଓ ପ୍ରସ୍ତୁତିର ବୈଠକ। ଏହି ବୈଠକରେ ସର୍ବ ପ୍ରଥମେ ସମ୍ବାଦର ବିଶିଷ୍ଟ କାର୍ଟୁନିଷ୍ଟ କିଶୋର ରଥ (କଟାକ୍ଷ) ଓ କବି ଅଖିଳ ନାୟକ ଙ୍କ ବିୟୋଗରେ ଚ଼ନ୍ଦ୍ରଭାଗା ପରିବାର ତରଫରୁ ଏକ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ପରେ ଚ଼ନ୍ଦ୍ରଭାଗା ର ପ୍ରତିଷ୍ଠାତା କବି ଶ୍ରୀଦେବ ଅରୁଣାଂଶୁ ପାଣିଗ୍ରାହୀ, ପଦ୍ମଲୋଚ଼ନ ମହାନ୍ତି, ସତ୍ୟ ସାହୁ, ଯଶୋଦା ନନ୍ଦନ ଆଶ୍, ରତିକାନ୍ତ ପାତ୍ର, ଅଞ୍ଜନ ଚ଼ାନ୍ଦ, ଦିଲ୍ଲୀପ ରଥ, ଜ୍ୟୋତିପ୍ରକାଶ ପାଣିଗ୍ରାହୀ ପ୍ରମୁଖ ଅତିଥି ବୃନ୍ଦ ଯୋଗଦେଇ ଚ଼ନ୍ଦ୍ରଭାଗା ମହୋତ୍ସବ କିପରି ସହଜ ସରଳ ଭାବେ ସମ୍ପାଦନ ହୋଇ ପାରିବ, ସାହିତ୍ୟ, ସଂସ୍କୃତି, କଳା, ନାଟକ ର ସମସ୍ତ କାର୍ଯ୍ୟ ତତ୍ ସହିତ 'ଚ଼ନ୍ଦ୍ରଭାଗା' ସୋଭରନିୟର ଉଦଘାଟନ କିପରି ହୋଇ ପାରିବ ତାହା ଆଲୋଚ଼ନା କରିଥିଲେ। ଶେଷରେ ସତ୍ୟବ୍ରତ ସେଠୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଭାରତ ସରକାରଙ୍କ ଦ୍ୱାରା ଆୟୋଜିତ ଅମୃତ ମହୋତ୍ସବକୁ ନେଇ ରାଷ୍ଟ୍ରୀୟ ରାଜଭାଷା ଦ୍ୱାରା କାଶୀଠାରେ ଦେଶର ପ୍ରଥମ ଦୁଇ ଦିବସୀୟ ଆଲୋଚନାଚକ୍ରରେ ଭାରତୀୟ ଭାଷା ଆନ୍ଦୋଳନର କାର୍ଯ୍ୟକ୍ରମଗୁଡ଼ିକୁ ଭୂୟସୀ ପ୍ରଶଂସା



କାଶୀ : ବାରଣାସୀଠାରେ ଭାରତର ଗୃହ ମନ୍ତ୍ରାଳୟ ଦ୍ୱାରା ପ୍ରଥମ ଦୁଇ ଦିବସୀୟ ରାଷ୍ଟ୍ରୀୟ ରାଜଭାଷା ସମ୍ମିଳନୀର ଆୟୋଜନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଦେଶର ରାଜଭାଷା ଓ ରାଜ୍ୟ ସମୂହଙ୍କ ଭାଷା ଉପରେ ବିସ୍ତୃତ ଚର୍ଚ୍ଚା ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଭାରତବର୍ଷର ମାନ୍ୟବର ଗୃହମନ୍ତ୍ରୀ ଶ୍ରୀଯୁକ୍ତ ଅମିତ ଶାହା ନ୍ୟାୟାଳୟରେ ରାଜଭାଷାର ପ୍ରୟୋଗ ଆଦି ଉପରେ ନିଜର ଦେଶ ଭାଷାକୁ ସମ୍ମାନ ଭଳି ସମ୍ବେଦନଶୀଳ ବିଷୟ ଉପରେ ପ୍ରାଧାନ୍ୟ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଉତ୍ତର ପ୍ରଦେଶର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ଯୋଗୀ ଆଦିତ୍ୟ ନାଥଙ୍କ ବ୍ୟତୀତ ଭାରତ ସରକାରଙ୍କ କ୍ୟାବିନେଟ ମନ୍ତ୍ରୀ ଶ୍ରୀଯୁକ୍ତ ମହେନ୍ଦ୍ର ପାଣ୍ଡେ, ଗୃହରାଜ୍ୟ ମନ୍ତ୍ରୀଗଣ ଶ୍ରୀଯୁକ୍ତ ଅଜୟ ମିଶ୍ର, ଶ୍ରୀଯୁକ୍ତ ନିତ୍ୟାନନ୍ଦ ରାଏ, ଶ୍ରୀଯୁକ୍ତ ନିସିଥ୍ ପ୍ରାମାନିକ୍, ଭାରତର ବରିଷ୍ଠ ସାଂସଦ ଶ୍ରୀମତୀ ରୀତା ବହୁଗୁଣା, ଶ୍ରୀଯୁକ୍ତ ମନୋଜ ତିବାରୀ ଓ ଦେଶବ୍ୟାପୀ ଅନେକ ସଂଗଠନର ବରିଷ୍ଠ ଭାଷା ଅଧିକାରୀଗଣ ତଥା ଭାରତୀୟ ଭାଷା ଆନ୍ଦୋଳନର ଦେଶବ୍ୟାପୀ ୨୧ ଜଣ ନିମନ୍ତ୍ରିତ ରାଷ୍ଟ୍ରୀୟ ଓ ପ୍ରାନ୍ତ ନେତୃତ୍ୱ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଭାରତୀୟ ଭାଷା ଆନ୍ଦୋଳନ ଦ୍ୱାରା ଦୀର୍ଘ ୧୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଉଠା ଯାଇଥିବା ବିଷୟ, ନ୍ୟାୟପାଳିକାରେ ରାଜଭାଷାର ପ୍ରୟୋଗ ବିଷୟରେ ଭାରତୀୟ ଭାଷା ଆନ୍ଦୋଳନର ରାଷ୍ଟ୍ରୀୟ ଅଧ୍ୟକ୍ଷ ଶ୍ରୀଯୁକ୍ତ ଅରୁଣ ଭରଦ୍ୱାଜ ଦୀର୍ଘ ୨୫ ମିନିଟ୍ ଧରି ନିଜର ଓଜସ୍ୱୀ ବକ୍ତବ୍ୟ ରଖିଥିଲେ, ଯାହା ଏହି କାର୍ଯ୍ୟକ୍ରମରେ ଭାଗ ନେଇଥିବା ଶହ ଶହ ନେତୃବର୍ଗଙ୍କୁ ସ୍ତମ୍ଭୀଭୂତ କରି ଦେଇଥିଲା।ଶ୍ରୀଯୁକ୍ତ ଭରଦ୍ୱାଜ ନିଜର ଭାବପୂର୍ଣ୍ଣ ବକ୍ତବ୍ୟରେ ଭାରତବର୍ଷରେ ଆଇନ ବିଭାଗ ଓ ଜିଲ୍ଲା ନ୍ୟାୟାଳୟମାନଙ୍କ ଦ୍ୱାରା ସିପିସି, ସିଆରପିସି, ଦଣ୍ଡ ବିଧି ସଂହିତା, ସାକ୍ଷୀ ଅଧିନିୟମ ଆଦି ଆଇନ ଅନୁଯାୟୀ ଦେଶର ଭାଷା ସମ୍ବନ୍ଧିତ ବିଷୟରେ ବ୍ୟାପକ ଅପବ୍ୟବହାର ଦ୍ୱାରା ଜନସାଧାରଣ ନ୍ୟାୟାଳୟ ଦ୍ୱାରା ପାରିତ ଆଦେଶଗୁଡ଼ିକୁ ନା କେବଳ ବୁଝିବାରେ ଅସମକ୍ଷ ହେଉଛନ୍ତି ବରଂ ନିଜ ବାଦକୁ ବୁଝିବା, ବୟାନ ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟରେ ମଧ ଅନେକ ସମସ୍ୟାର ସମ୍ମୁଖୀନ ହେଉଥିବା ସହ ସଠିକ ବିଚାର ପାଇବାରୁ ବଞ୍ଚିତ ହେଉଛନ୍ତି, ସୁତରାଂ ଏଭଳି ନ୍ୟାୟ, ନ୍ୟାୟ ନୁହେଁ, ଅନ୍ୟାୟ। ସେ ନିଜ ବକ୍ତବ୍ୟରେ ପୃଥିବୀରେ ବିଭିନ୍ନ ଦେଶଗୁଡ଼ିକରେ ନିଜ ନିଜ ଭାଷାରେ ନ୍ୟାୟ ମିଳୁଥିବା ବିଷୟ ରଖିବା ସହ, ଭାରତ ବର୍ଷରେ ନ୍ୟାୟପାଳିକାରେ ବିଦେଶୀ ଭାଷାର ବ୍ୟାପକ ପ୍ରଚଳନ ଦ୍ୱାରା ଦେଶର ୧୪୦ କୋଟି ନାଗରିକଙ୍କୁ ବାସ୍ତବରେ ନିଜ ଭାଷାରେ ନ୍ୟାୟ ପ୍ରଦାନରୁ ବଞ୍ଚିତ କରିବାର କୌଣସି ଯଥାର୍ଥତା ନାହିଁ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ଦେଶବ୍ୟାପୀ ନ୍ୟାୟ ଶିକ୍ଷା ସମ୍ବନ୍ଧିତ ପ୍ରାଧ୍ୟାପକ, ଶିକ୍ଷାବିତଙ୍କ ସହ ଏହି କାର୍ଯ୍ୟକ୍ରମର ଅଧ୍ୟକ୍ଷତା କରୁଥିବା ଶ୍ରୀଯୁକ୍ତ ହୃଦୟ ନାରାୟଣ ଦିକ୍ଷୀତ, ମାନ୍ୟବର ବିଧାନସଭା ବାଚସ୍ପତି ନିଜ ଅଭିବ୍ୟକ୍ତିରେ ଭାରତୀୟ ଭାଷା ଆନ୍ଦୋଳନର ନେତୃବର୍ଗ ଓ କାର୍ଯ୍ୟକର୍ତ୍ତା ତଥା ରାଷ୍ଟ୍ରୀୟ ଅଧ୍ୟକ୍ଷଙ୍କୁ ଭୂୟସୀ ପ୍ରଶଂସା କରିବା ସହ ଏଭଳି ସାମାଜିକ କାର୍ଯ୍ୟକୁ ଭଗବାନ ସହାୟକ ହୁଅନ୍ତୁ ଅନ୍ୟଥା ପ୍ରଭୁ ଶ୍ରୀ ହନୁମାନ ଏଭଳି କାର୍ଯ୍ୟକ୍ରମକୁ ହିଁ ସଫଳ କରାଇବେ ବୋଲି କହିବା ସହ ଭାରତୀୟ ଭାଷା ଆନ୍ଦୋଳନ ଦ୍ୱାରା ଉଠା ଯାଇଥିବା ବିଷୟ ପ୍ରତି ନିଜର ସହମତି ସହ ଆଗାମୀ ଦିନରେ ଭାରତୀୟ ଭାଷା ଆନ୍ଦୋଳନ ମାନ୍ୟବର ବାଚସ୍ପତିଙ୍କୁ ମଧ ଏହି ସଂଗଠନ ସହ ଯୋଡିବାର ଇଚ୍ଛା ପ୍ରକଟ କରିଥିଲେ।ପ୍ରକାଶ ଥାଉକି ଗୃହ ମନ୍ତ୍ରାଳୟ ଦ୍ୱାରା ଆୟୋଜିତ ଏହି ପ୍ରଥମ କାର୍ଯ୍ୟକ୍ରମରେ ଭାରତୀୟ ଭାଷା ଆନ୍ଦୋଳନର ନା କେବଳ ୨୧ ଜଣ ରାଷ୍ଟ୍ରୀୟ ନେତୃତ୍ୱ ନିମନ୍ତ୍ରିତ ଥିଲେ ବରଂ ଭାରତୀୟ ଭାଷା ଆନ୍ଦୋଳନ ଦେଶର ବଛା ବଛା ୧୦ଟି ସଂଗଠନ ମଧ୍ୟରେ ଏକ ଅଗ୍ରଣୀ ସଂଗଠନ ଭାବେ ଏହି କାର୍ଯ୍ୟକ୍ରମରେ ନିଜର ନିଜସ୍ୱ କେନ୍ଦ୍ର ମଧ ସ୍ଥାପନା କରି ଏହି ସଂଗଠନ ଦ୍ୱାରା ଦେଶରେ ଆୟୋଜିତ ଅନେକ କାର୍ଯ୍ୟକ୍ରମର ଫଟୋ ଚିତ୍ର ପ୍ରଦର୍ଶନୀ ସହ ନିଜର ଅନେକ ପୁସ୍ତକ ବିତରଣ ଓ ବିକ୍ରୟ କରି ଅନେକ ନେତୃତ୍ୱଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ଏହି କାର୍ଯ୍ୟକ୍ରମରେ ଭାରତୀୟ ଭାଷା ଆନ୍ଦୋଳନ କେନ୍ଦ୍ରକୁ ଭାରତ ସରକାରଙ୍କ ଗୃହ ରାଜ୍ୟମନ୍ତ୍ରୀ ଶ୍ରୀଯୁକ୍ତ ଅଜୟ କୁମାର ମିଶ୍ର, ପଶ୍ଚିମବଙ୍ଗର ପୂର୍ବତନ ରାଜ୍ୟପାଳ ଶ୍ରୀଯୁକ୍ତ କେଶରୀ ନାଥ ତ୍ରିପାଠୀ, ଉତ୍ତର ପ୍ରଦେଶର ବରିଷ୍ଠ ନେତୃତ୍ୱ ତଥା ସାଂସଦ ଶ୍ରୀମତୀ ରୀତା ବହୁଗୁଣା, ଅନେକ ବରିଷ୍ଠ ପତ୍ରକାର, ବରିଷ୍ଠ ଅଧିକାରୀ, ଭାରତୀୟ ସେନାର ବରିଷ୍ଠ ଅଧିକାରୀ, ଅନେକ ବ୍ୟାଙ୍କ ଅଧିକାରୀ ପ୍ରମୁଖ ପରିଦର୍ଶନ କରି ଭାରତୀୟ ଭାଷା ଆନ୍ଦୋଳନର କାର୍ଯ୍ୟକ୍ରମକୁ ଅନେକ ପ୍ରଶଂସା କରିଥିଲେ।ଭାରତୀୟ ଭାଷା ଅନ୍ଦୋଳନର ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ଅଧ୍ୟକ୍ଷଙ୍କ ବ୍ୟତୀତ ରାଷ୍ଟ୍ରୀୟ ଉପାଧ୍ୟକ୍ଷ ଶ୍ରୀଯୁକ୍ତ ପ୍ରଶାନ୍ତ ବର୍ମା, ଶ୍ରୀଯୁକ୍ତ ନବୀନ କୌସିକ, ମହାମନ୍ତ୍ରୀ ଶ୍ରୀଯୁକ୍ତ ଆଶିଷ ରାଏ, ମନ୍ତ୍ରୀ ଶ୍ରୀଯୁକ୍ତ ହରି ଗୋବିନ୍ଦ ଉପାଧ୍ୟାୟ, ସୁଶ୍ରୀ ମୃନାଳିନୀ ଖତ୍ରି, ରାଷ୍ଟ୍ରୀୟ ମହିଳା ପ୍ରମୁଖ ଶ୍ରୀମତୀ ପୁନମ୍ ଗୌଡ଼ଙ୍କ ବ୍ୟତୀତ ଉତ୍ତର ପ୍ରଦେଶର ପ୍ରଦେଶ ଅଧ୍ୟକ୍ଷ ଶ୍ରୀଯୁକ୍ତ ଜଗଦୀଶ ଅନେକ ନେତୃବର୍ଗ ଓ କାଶୀ ବାର୍‌ର ସମ୍ପାଦକ ଆଦି ଉପସ୍ଥିତ ରହି ଏହି ଦୁଇ ଦିବସିୟ କାର୍ଯ୍ୟକ୍ରମରେ ଭାରତୀୟ ଭାଷା ଆନ୍ଦୋଳନ କାର୍ଯ୍ୟକ୍ରମକୁ ଆହୁରି ବ୍ୟାପକ କରିଥିଲେ।

ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)
NURSERY (3+)
LKG, UKG, STD-I TO V



TUITION CLASSES
for Std I to Std V
Timing: 5 PM to 6.30 PM

FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray